

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ
IAS COLLECTOR
PARUL PATAWARI



| Vol.5 | Issue- 38 | February 28 to March 6, 2022, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୩୮ | ଫେବୃୟାରୀ ୨୮ ରୁ ମାର୍ଚ୍ଚ ୬, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |



# ବିରୋଧୀଙ୍କୁ ସାବାଡ୍ କଲେ ଭୋଟର

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ଆଜି ସରିବ ଭୋଟ ଗଣତି ପ୍ରକ୍ରିୟା। ୨୬ ଓ ୨୭ ଦୁଇଦିନ ଧରି ଚାଲିଥିବା ଗଣତିରେ ବିଜେଡି ଦଳର ସମର୍ଥିତ ଜିଲ୍ଲା ପରିଷଦ ପ୍ରାର୍ଥୀ ବିପୁଳ ସଂଖ୍ୟାରେ ଆଗୁଆ ଓ ବିଜୟୀ ଘୋଷଣା ନେଇ ବିରୋଧୀ ଧରାଶ୍ରୟୀ ହୋଇପଡିଛି। ଏପରିକି ମାଡି କାମୁଡି ତଳେ ପଡିଛି। ଆଉ ଜୁ ନାହିଁ ମୁହଁ ଫୁଟାଣି ମାରି କଥା କହିବା। ଅତୀତର କଥା ବିରୋଧୀ ଭୁଲି ଯାଉଛି ବୋଧେ ! ଯାହା କରିବ ଭବିଷ୍ୟତକୁ ଦୃଷ୍ଟିରେ ରଖି କରିବ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏପରି କଥା ଅନେକ ଭୋଟର ଭାଇମାନେ ଆଲୋଚନା କରୁଥିବାର ଲକ୍ଷ୍ୟ କରାଯାଉଛି। ବିଧାନସଭା ବାରମ୍ବାର ଚଳାଇନଦେବା ଫଳରେ ନିର୍ଦ୍ଧାରିତ ସମୟ ପୂର୍ବରୁ ବାଧ ହୋଇ ବିଧାନସଭା ବନ୍ଦ କରିବାକୁ ପଡିଥାଏ। ଏପରିକି ପୋଡିୟମ୍ ଉପରକୁ ଚଢି ବଦମାସିଆ ବିରୋଧୀ ନେତାମାନେ ମାନ୍ୟବର ବାଚସ୍ପତିଙ୍କୁ ଯେଉଁପରି ପ୍ରକାରରେ ହଇରାଣ ହରକତ କରିଛନ୍ତି ତା'ର ପ୍ରତିଫଳ ଭୋଟର ଭାଇମାନେ ଉଚିତ୍ ଜବାବ ଦେଇଛନ୍ତି ପଞ୍ଚାୟତ ନିର୍ବାଚନରେ ବୋଲି ପ୍ରକାଶ କରୁଛନ୍ତି। ସେହିପରି ପରୀ, ଟିକିଲି ଆଦି ଅନେକ ଘଟଣାକୁ ନେଇ ଶାସକ ଦଳର ମନ୍ତ୍ରୀଙ୍କୁ ମିଛଟାରେ ଟାର୍ଗେଟ୍ କରି ଯେଉଁପରି ଭାବରେ ସାଧାରଣ ଲୋକଙ୍କ ଦୈନନ୍ଦିନ (ପୃଷ୍ଠା-୨)

## ବିଜେପି ଶିବିରରେ ଆରମ୍ଭ ହେଲାଣି କଳି

୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେପିର ସଫଳତା ସମସ୍ତଙ୍କୁ ଚକ୍ୱିତ କରିଦେଇଥିଲା। ଶାସକ ବିଜେଡିକୁ କ୍ଷମତା ଖସିବାର ଭୟ ବି ଘାରିଥିଲା। ଗତ ପଞ୍ଚାୟତ ନିର୍ବାଚନରେ ସଫଳତା ପାଇଁ ସାଧାରଣ ନିର୍ବାଚନରେ ବିଜେପି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲା। ଦଳ ୮ ସାଂସଦ ଜିତିବା ସହ ୨୩ ବିଧାନସଭା ଆସନରେ ବାଜିମାତ୍ କରିପାରିଥିଲା। କିନ୍ତୁ ଏଥର ସ୍ଥିତି ପଲ୍‌ଟିବାର ଲାଗିଛି। ବିଜେପି ଚରମ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ବିଜେଡି ସହ ଟକ୍କର ଦେବା ଦୂରରେ ଥାଉ, ଦ୍ୱିତୀୟ ସ୍ଥାନ ପାଇଁ ଏବେ କଂଗ୍ରେସ ସହ ପ୍ରତିଦ୍ୱନ୍ଦିତା କରୁଥିବା ଦେଖିବାକୁ ମିଳୁଛି। କାହିଁକି ବିଜେପିର ବିପର୍ଯ୍ୟୟ ? ଏ ପ୍ରଶ୍ନର ଉତ୍ତର ଅତ୍ୟନ୍ତ (ପୃଷ୍ଠା-୨)



## ଦେଖନ୍ତୁ ମମିତା ମାମଲାକୁ ଭୁଲ୍ ବାଟରେ ନେଉଥିଲେ କିପରି

ବିରୋଧୀଙ୍କୁ ସମାଲୋଚନା କରି ଭୋଟର ଭାଇ କହୁଛନ୍ତି କଳାହାଣ୍ଡି ଜିଲ୍ଲା ମହାଲିଙ୍ଗସ୍ଥିତ ବହୁ ଚର୍ଚ୍ଚିତ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ୍ ଅଧକ୍ଷା ୧୨ ତାରିଖରେ ମାମଲାର ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ବଟକୃଷ୍ଣ ମିଶ୍ର ବଙ୍ଗମୁଣ୍ଡା ଜେଏମ୍‌ଏଫ୍‌ସି କୋର୍ଟରେ ଦାଖଲ

## ପାନେ ପାଇଛନ୍ତି ବିରୋଧୀ

ମମିତା ମେହେର ହତ୍ୟା ମାମଲାର ଚାର୍ଜସିଟ୍‌ରେ କ'ଣ ସବୁ ଉଲ୍ଲେଖ ରହିଛି ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି। ୧୦୦ରୁ ଉର୍ଦ୍ଧ୍ୱ ସାକ୍ଷୀ ଏବଂ ପ୍ରମାଣ ସହ ପୋଲିସ୍ ଆବଶ୍ୟକ ତଥ୍ୟ ଅଦାଲତରେ ଦାଖଲ କରିଛି। ଗତ କରିଥିବା ପ୍ରାୟ ୨ ହଜାର ପୃଷ୍ଠାର ଚାର୍ଜସିଟ୍‌ରେ ଫରେନ୍‌ସିକ୍, ଟେକ୍ନିକାଲ୍ ଏବଂ ସାଇଣ୍ଟିଫିକାଲ୍ ଦିଗରେ ପ୍ରମାଣକୁ ସ୍ଥାପନ କରିଛନ୍ତି। ଏଥିରେ ଗୋବିନ୍ଦ ଏବଂ ମମିତାଙ୍କୁ ଜାଣିଥିବା ବ୍ୟକ୍ତି, (ପୃଷ୍ଠା-୨)

## ପଶ୍ଚିମ ଓଡ଼ିଶାରେ ବି ଜୋର୍‌ରେ ବାଜିଲା ଶଙ୍ଖ

ପଶ୍ଚିମ ଓଡ଼ିଶାରେ ଗଣତିର ପ୍ରଥମ ଦିନ ଭଳି ଦ୍ୱିତୀୟ ଦିନ ବି ବିଜେଡିର ବିଜୟ ଧାରା ଜାରି ରହିଛି। ରବିବାର ଦ୍ୱିତୀୟ ଦିନ ବ୍ଲକ୍ ଗୁଡିକର ଜୋନ୍-୨ ଆସନରେ ଗଣତି ଜାରି ରହିଛି। ସୁନ୍ଦରଗଡ ଜିଲ୍ଲାରେ ୧୭ଟି ଆସନ ଗଣତି ଚାଲିଥିବାବେଳେ ୧୫ଟିରେ ବିଜେଡି, ଗୋଟିଏରେ ବିଜେପି ଓ ଗୋଟିଏ କଂଗ୍ରେସ୍ ଆଗୁଆ ରହିଛି। ସମ୍ବଲପୁର ଜିଲ୍ଲାରେ ୯ଟି ଆସନରେ ଗଣତି ଚାଲିଥିବା ବେଳେ ୭ଟିରେ ବିଜେଡି, ୨ଟିରେ ବିଜେପି ପ୍ରାର୍ଥୀ ଆଗୁଆ ଅଛନ୍ତି। ବରଗଡ ଜିଲ୍ଲାରେ ଜୋନ୍-୨ର ଗୋଟିଏ ଆସନ (ଆମ୍ବାଭନା ଜୋନ୍-୨)ରେ ବିଜେଡି ପ୍ରାର୍ଥୀ ପୂର୍ବରୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ରବିବାର ଗଣତି ହେଉଥିବା ବାକି ୧୧ଟି ଜୋନ୍-୨ ଆସନ ମଧ୍ୟରୁ ରବିବାର ଦିନ ୨ଟା ସୁଦ୍ଧା ବିଜେଡି ୮ ଓ ବିଜେପି ୩ଟିରେ ଆଗୁଆ ରହିଛନ୍ତି। (ପୃଷ୍ଠା-୨)

## ବିଜେପି ଗଡ଼ରେ ବିଜେଡିର ମାଜିମାତ୍

ଭଦ୍ରକ୍ ଜିଲ୍ଲାର ୨୮ ଜିଲ୍ଲାପରିଷଦ ଜୋନ୍‌ରୁ ପ୍ରଥମ ଦିନ ଭୋଟ୍ ଗଣତିରେ ୭ ବ୍ଲକ୍‌ର ୭ଟି ଜିଲ୍ଲାପରିଷଦ ଜୋନ୍‌ରୁ ସବୁଯାକ ଜୋନ୍ ବିଜେଡି ପୋଛିନେଇଛି। ଏପରିକି ଧାମନଗର ବିଜେପିର ବିଧାୟକ ବିଷ୍ଣୁ ସେଠୀଙ୍କ ଗଡରେ ବିଜେଡି ବାଜି ଜିତିଛି। ସେହିପରି ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ବନ୍ତ ଓ ଭଣ୍ଡାରୀପୋଖରୀ ବ୍ଲକ୍‌ରେ ଦୁଇଟି ଜିଲ୍ଲାପରିଷଦ ଜୋନ୍‌ରେ ବିଜେଡି ସହ କଂଗ୍ରେସର ଘମାଘୋଟ ଲଢେଇ ହୋଇଛି। ସୂଚନାରୁ ପ୍ରକାଶ ଭଦ୍ରକ ସଦର ବ୍ଲକ୍‌ର ୨୫ନଂ ଜିଲ୍ଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥୀ ପ୍ରତିଭା ଜେନା ମୋଟ୍ ୧୯୪୯୩ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କର ନିକଟତମ ପ୍ରିତଦ୍ୱନ୍ଦି ବିଜପି ପ୍ରାର୍ଥୀ ପ୍ରଜ୍ଞା ପାରମିତା ଜେନା ୧୨୦୭୫ ଖଣ୍ଡ ଭୋଟ୍ ପାଇଥିଲେ। ବିଜେଡି ପ୍ରାର୍ଥୀ ୭୪୧୮ ଖଣ୍ଡ ଭୋଟ୍ ପାଇଛନ୍ତି। ଭଦ୍ରକରେ କଂଗ୍ରେସର ସତ୍ତା ଉଡିଯାଇଛି। ସେହିପରି ଚାନ୍ଦବାଲି ବ୍ଲକ୍‌ର ଏକ ନମ୍ବର ଜିଲ୍ଲା ପରିଷଦ ଜୋନ୍‌ରୁ ବିଜେଡି ପ୍ରାର୍ଥୀ ପ୍ରିନ୍ସ ରାକେଶ ନାୟକ ୧୫୨୭୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦି ବିଜେପିର ସୁରେଶ ସାହୁ ୧୧୭୯୨ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ୩ଟି ବ୍ଲକ୍‌ର ୬ ନଂ ଜିଲ୍ଲା ପରିଷଦ ଜୋନ୍‌ର ବିଜେଡି ପ୍ରାର୍ଥୀ ରୁଜାତା ପଣ୍ଡା ୧୨୧୩୪ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ପ୍ରୀୟଙ୍କା ନନ୍ଦ ୯୫୪୦ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ଧାମନଗର ବ୍ଲକ୍‌ର ୫ନଂ ଜୋନ୍‌ର ବିଜେଡି (ପୃଷ୍ଠା-୨)

## ଚମକିଲେ ବବି ହଜିଗଲା ବିଜେପିର ଛବି



ସଂପୂର୍ଣ୍ଣ ଖବର ପୃଷ୍ଠା-୭

## ବିଜେପି କାହିଁକି ବିଫଳ ?-ପ୍ରତାପ ଦେବ




ବିପୁଳ ବିଜୟ, ଏକଚ୍ଛତ୍ରବାଦୀ ଶାସନ ଆଡକୁ ଇଙ୍ଗୀତ କରୁଛି। ଏହା ରାଜ୍ୟକୁ ବିରୋଧୀ ଶୂନ୍ୟ କରିବା ଭଳି ସ୍ଥିତି ସୃଷ୍ଟି କରିଛି। ବିଜେଡିର ସଫଳତାକୁ ଦେଖି ବିରୋଧୀ ଶିବିରରୁ କିଛି ଏଭଳି ବୟାନ ସାମ୍ନାକୁ ଆସିଥିଲା। ଆଉ ଏହାର ଜବାବରେ ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି ବିରୋଧୀ କ'ଣ ସତରେ ବିରୋଧୀଙ୍କ ଭୂମିକା ନିର୍ବାହ କରୁଛନ୍ତି ? କାହିଁକି ବିରୋଧୀ ଦଳକୁ ଲୋକେ ଗ୍ରହଣ କରୁନାହାଁନ୍ତି। ବିରୋଧୀଙ୍କ ଏଜେଣ୍ଡା ହିଁ ପଞ୍ଚାୟତ ନିର୍ବାଚନରେ ବଡ ଭୂମିକା ନେଇଥାଏ। କିନ୍ତୁ ବିରୋଧୀଙ୍କ ଏଜେଣ୍ଡା ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ନ ହୋଇ ନିଜ (ପୃଷ୍ଠା-୭)



ଜଗତସିଂହପୁର ଜିଲ୍ଲାର ସିନିୟର୍ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ଆଇନ୍ ପରାମର୍ଶଦାତା ହେଲେ ବରିଷ୍ଠ ଆଇନ୍‌ଜୀବୀ ରଞ୍ଜିତ ମହାନ୍ତି

## ୬୧୮ରୁ ୫୪୨ରେ ବିଜେଡି ଆଗୁଆ

ପଞ୍ଚାୟତ ନିର୍ବାଚନ ଭୋଟ ଗଣତି ୨ୟ ଦିନରେ ପହଞ୍ଚିଛି। ପ୍ରଥମ ଦିନ ଗଣତିରେ ବିଜେଡି ଆଗୁଆ ରହିଥିବା ବେଳେ ୨ୟ ଦିନରେ ଗଣତିରେ ମଧ୍ୟ ସେଇ ବିଜୟ ଧାରା ଦେଖିବାକୁ ମିଳିଛି। ପ୍ରଥମ ଦିନ ଗଣତିରେ ୩୧୫ ଜିଲ୍ଲାପରିଷଦ ଜୋନ୍‌ରେ ଗଣିତ ହୋଇଥିବା ବେଳେ ବିଜେଡି ୨୭୨ ସିଟ୍‌ରେ ଆଗୁଆ ରହିଥିଲା। ୨ୟ ଦିନ ଗଣତିରେ ମଧ୍ୟ ସେଇ ଟ୍ରେଣ୍ଡ୍ ଦେଖିବାକୁ ମିଳିଛି। ମୋଟ ୬୧୮ ଜିଲ୍ଲା ପରିଷଦ ଆସନର ଭୋଟ ଗଣତି ହୋଇଥିବା ବିଜେପି ଓ କଂଗ୍ରେସକୁ ବହୁ ପଛରେ ପକାଇ ବିଜେଡି ୫୪୨ ସିଟ୍‌ରେ ଆଗୁଆ ରହିଛି। ସେହିପରି ବିଜେପି ୩୯ଟି ସିଟ୍‌ରେ ଆଗୁଆ ରହିଥିବା ବେଳେ କଂଗ୍ରେସ ୩୦ଟି ସିଟ୍‌ରେ ଆଗୁଆ ରହିଛି। ସାଧୀନ ଓ ଅନ୍ୟାନ୍ୟ ପ୍ରାର୍ଥୀ ୭ଟିରେ ଆଗୁଆ ରହିଛି। ସେହିପରି ଘୋଷିତ ହୋଇଥିବା ୩୧୪ଟି ଜିଲ୍ଲା ପରିଷଦ ଆସନରୁ ବିଜେଡି ୨୮୧ଟି ଜୋନ୍‌ରେ ବିଜୟୀ ହୋଇଛି। ସେହିପରି ବିଜେପି ୧୫ ଓ କଂଗ୍ରେସ ୧୪ଟି ବିଜୟୀ ହୋଇଛନ୍ତି। ଅନ୍ୟାନ୍ୟ ୪ଟିରେ ବିଜୟୀ ହୋଇଛନ୍ତି।

## ଖୋର୍ଦ୍ଧାବାସୀଙ୍କୁ ଜିଲ୍ଲାପାଳଙ୍କ ଧନ୍ୟବାଦ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଖୋର୍ଦ୍ଧା ଜିଲ୍ଲାରେ ୫ମ ପର୍ଯ୍ୟାୟ ମତଦାନ ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହୋଇଛି। ଏଥି ସହ ଖୋର୍ଦ୍ଧା ଜିଲ୍ଲାରେ ୫ଟି ଯାକ ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ପରିପ୍ରେକ୍ଷୀରେ ମତଦାନ ଶାନ୍ତିଶୃଙ୍ଖଳାର ସହିତ ସଂଗଠିତ ହୋଇଥିବାରୁ ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲ୍ଲା ପ୍ରଶାସନର ତରଫରୁ ଜିଲ୍ଲାର ସମସ୍ତ ସଚେନତ ଓ ଶୃଙ୍ଖଳିତ ଭୋଟର ଭାଇ ଓ ଭଉଣୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି। ତତ୍ ସହିତ ଜିଲ୍ଲାପାଳ ମଧ୍ୟ ନିର୍ବାଚନ ପ୍ରକ୍ରିୟାରେ ଯୋଡି ହୋଇଥିବା ସମସ୍ତ ପୁଲିଂ ଅଧିକାରୀ, ସମସ୍ତ ପ୍ରଶାସନିକ ଅଧିକାରୀ, ସମସ୍ତ (ପୃଷ୍ଠା-୨)



## ଅଫ୍‌ଲାଇନ୍‌ରେ ହିଁ ହେବ ବୋର୍ଡ ପରୀକ୍ଷା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସମସ୍ତ ରାଜ୍ୟ ବୋର୍ଡ ସିବିଏସ୍‌ଇ, ଆଇସିଏସ୍‌ଇ ଏବଂ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍କୁଲ ଦ୍ୱାରା ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପାଇଁ ଅଫଲାଇନ୍ ପରୀକ୍ଷା ବାତିଲ୍ କରିବାଲୁ ସୁପ୍ରିମକୋର୍ଟ ଏକ ଆବେଦନକୁ ଖାରଜ କରିଦେଇଛନ୍ତି ସୁପ୍ରିମକୋର୍ଟ ଯେ ଏଭଳି ଆବେଦନ ବିଭ୍ରାନ୍ତିକର ଏବଂ ଛାତ୍ରମାନଙ୍କୁ ମିଥ୍ୟା ଆଶା ଦେଇଥାଏ। ସିବିଏସ୍‌ଇ ଦଶମ୍ ଦ୍ୱାଦଶ ପରୀକ୍ଷା ଅନଲାଇନରେ କରିବା ପ୍ରସଙ୍ଗରେ ସୁପ୍ରିକୋର୍ଟ ଆବେଦନକାରୀଙ୍କ ଯୁକ୍ତି ଶୁଣିବା ପରେ ଆବେଦନକୁ ଖାରଜ କରିଦେଇଛନ୍ତି। ଗତ ବର୍ଷ ଭଳି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯିବା ଉଚିତ ବୋଲି ଆବେଦନକାରୀ ନିଜ ଆବେଦନରେ କହିଥିଲେ। ଜଷ୍ଟିସ ଦୀନେଶ ମହେଶ୍ୱରୀ ଏବଂ ଜଷ୍ଟିସ ସିଟି ରବିକୁମାରଙ୍କ ଖଣ୍ଡପୀଠ କହିଛନ୍ତି ଯେ ଆପଣଙ୍କ ଆବେଦନକୁ ବିଚାର କରିବା ଦ୍ୱାରା ଅଧିକ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ସାର୍ବଜନୀନ ଆଗ୍ରହ ମକଦ୍ଦମା ନାମରେ ଏହି ଆବେଦନପତ୍ର ଦାଖଲ କରି ଆପଣ ଛାତ୍ର ଏବଂ ଅଭିଭାବକମାନଙ୍କ ମଧ୍ୟରେ ଅନେକ ଦ୍ୱନ୍ଦ୍ୱ ସୃଷ୍ଟି କରିଛନ୍ତି। (ପୃଷ୍ଠା-୭)




## ନୀତିଶ ହୋଇପାରନ୍ତି ରାଷ୍ଟ୍ରପତି ପ୍ରାର୍ଥୀ !

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବର୍ତ୍ତମାନର ରଷ୍ଟ୍ରପତି ଥିବା ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ସରି ଆସୁଥିବା ବେଳେ କିଏ ହେବେ ଦେଶର ପରବର୍ତ୍ତୀ ମହାମହିମ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସାମ୍ବିଧାନିକ ସ୍ୱୀକୃତିପ୍ରାପ୍ତ ରୋଚକ ବୟାନ ଦେଇଛନ୍ତି। ସେକହିଛନ୍ତି ଯେ, ବିରୋଧୀଙ୍କ ପକ୍ଷରୁ ପରବର୍ତ୍ତୀ ରଷ୍ଟ୍ରପତି ପ୍ରାର୍ଥୀ ପାଇଁ ମିଳିତ ଆଲୋଚନା ହୋଇ ନିଷ୍ପତି ନିଆଯିବ। ଏଥିପାଇଁ ବିରୋଧୀ ପକ୍ଷରୁ ସାମୁହିକ (ପୃଷ୍ଠା-୭)



# ଯୁଦ୍ଧ ହେଲାନି ଯେ ରୁଟି ଛଡାଛଡି ହେବେ ଲୋକେ !












**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିଶ୍ୱର ଦୁର୍ବଳ ଅର୍ଥବ୍ୟବସ୍ଥାରେ ଯେଉଁ ଯୁଦ୍ଧ ଆବଶ୍ୟକ ନଥିଲା ଏବେ ସେହି ଯୁଦ୍ଧ ଆରମ୍ଭ ହୋଇସାରିଛି। ଏଥିଯୋଗୁ ମୁଦ୍ରାସ୍ଫିତି ବଢିବାର ଆଶଙ୍କା ବଳଉରେ ହୋଇଥିବା ବେଳେ ସେୟାର ବଜାରମାନଙ୍କର ହ୍ରାସର ପର୍ବ ଆରମ୍ଭ ହୋଇଗଲାଣି। ବିଶ୍ୱରେ ଧନୀରୁ ଗରିବ ସମସ୍ତେ ଏବେ ଏକପ୍ରକାର ସ୍ଥିତିକୁ ଆସିଯିବାର ପରିସ୍ଥିତି ଉପୁଜିଛି।

ୟୁକ୍ରେନ ଉପରେ ରଷିଆରେ ଆକ୍ରମଣ ଓ ଏହାର ଜବାବରେ ଲାଗୁ ହେବାକୁ ଯାଉଥିବା କଟକଣା ସାରା ଦୁନିଆକୁ ପୁଣି ଥରେ ମାନ୍ଦାବସ୍ଥାକୁ ନେଇଯିବା ପରି ଆଶଙ୍କା ଉପୁଜିଲାଣି। ବୈଶ୍ୱିକ ମୋଟ ଘରୋଇ ଉତ୍ପାଦରେ ରଷିଆ ୟୁକ୍ରେନର ମୋଟ ଯୋଗାନ ମାତ୍ର ୨ ପ୍ରତିଶତରୁ ବି କମ। ଏଣୁ ଏପରି କିଛିବି ହେବନି ବୋଲି ଯିବ କେହି ଭାବୁଥାନ୍ତି ଏହା ନିଶ୍ଚିତ ଭାବେ ତାଙ୍କର ଭ୍ରାନ୍ତଧାରଣା ହୋଇପାରେ। କାରଣ ବୈଶ୍ୱିକ ମହାମାରୀରେ ବି ଅନେକ ସ୍ଥାନୀୟ ଅର୍ଥନୀତି ମଜଭୁତ ସ୍ଥିତିରେ ଅଛନ୍ତି ଓ ଧିରେ ଧିରେ ପୁନରୁଦ୍ଧାର ଦିଗରେ ବଢୁଛନ୍ତି। ଏହି ଯୁଦ୍ଧ ସେମାନଙ୍କ ବିକାଶ ରାସ୍ତାରେ ପ୍ରତିବନ୍ଧକ ଭାବେ ଉଭା ହୋଇପାରେ ବୋଲି ଏବେ ବିଚାର କରାଯାଉଛି। କାରଣ ଏହି ଯୁଦ୍ଧ ଯୋଗୁ କେତେକ ଦେଶର କଳାକରଖାନାକୁ ଗୁରୁତ୍ୱର ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ବି ପଡିପାରେ। ଏହା ଛଡା ରଷିଆ ବିଶ୍ୱର ତୃତୀୟ ବହୃତମ ପେଟ୍ରୋଲିୟମ ଉତ୍ପାଦକ। ଏହା ସହ ପ୍ରାକୃତିକ ଗ୍ୟାସର ମଧ୍ୟ ମୁଖ୍ୟ ରପ୍ତାନୀକାରୀଦେଶ। ୟୁକ୍ରେନର ଖେତ ସାରା ଦୁନିଆର ପେଟ ପୁରାଉଛି। ଏହା ଛାଡା ଆମେରିକୀୟ ଫେଡେରାଲ ସୁଧହାର ବୃଦ୍ଧି ଲାଗି ରଣନୀତି ପ୍ରସ୍ତୁତିରେ ଥିଲେ। ଏଥିରେ ରଷିଆର ଯୁଦ୍ଧବିଶ୍ୱକୁ ଅନ୍ୟଏକ ମାନ୍ଦାବସ୍ଥାକୁ ଆଡକୁ ମୁହାଁଇଦେଇଛି। ଅନ୍ତର୍ଜାତୀୟ ଆର୍ଥିକ ସଂସ୍ଥାନର ଉପମୁଖ୍ୟ ଅର୍ଥଶାସ୍ତ୍ରୀ ଏଲିନା ରିବାକୋଭା ବୈଶ୍ୱିକ ଅର୍ଥବ୍ୟବସ୍ଥାର ପରିସ୍ଥିତରୁ ଏହା ବିଶ୍ୱ ଲାଗି ଏକ କଠିନ ସମୟ ବୋଲି କହିଛନ୍ତି। ମୁଦ୍ରାସ୍ଫିତି ପ୍ରଥମରୁ ବଢି ରହିଥିବା ବେଳେ ବଜାରରେ ଖାଦ୍ୟପେୟ ଓ ପୋଷାକ ଦର ମଧ୍ୟ ଢେର ବଢି ଯାଇଥିବା ବେଳେ ଯୁଦ୍ଧ ନୂଆ ସମସ୍ୟା ସୃଷ୍ଟି କରିଛି ବୋଲି ରିବାକୋଭା କହିଛନ୍ତି। ସାରା ବିଶ୍ୱରେ ପେଟ୍ରୋଲିୟମ ପଦାର୍ଥର ମୂଲ୍ୟ ବଢି ରହିଥିବା ବେଳେ ରଷିଆର କାର୍ଯ୍ୟ ଇୟୁରୋପର ଆର୍ଥିକ ପୁନରୁଦ୍ଧାରକୁ ବିଫଳ କରିପାରେ ବୋଲି କଲମ୍ବିଆ ବିଶ୍ୱବିଦ୍ୟାଳୟଙ୍କ ଇୟୁରୋପୀୟ ସଂସ୍ଥାନ ନିର୍ଦ୍ଦେଶକ ଏଡମ ଟୁଜ କହିଛନ୍ତି।

ସେ କହିଛନ୍ତି ଯେ ଇୟୁରୋପରେ ଜେଳେଣି ଗ୍ୟାସ ମୂଲ୍ୟ ବୃଦ୍ଧି ଯୋଗୁ ଲୋକେ ଦୀର୍ଘ ଦିନହେଲା କଷ୍ଟରେ ଥିଲେ। ବିଶେଷ କରି ମଧ୍ୟମ ଓ ନିମ୍ନଆୟକାରୀ ବର୍ଗ ଘୋର ଅସୁବିଧାର ସମ୍ମୁଖୀନ ହଉଥିଲେ। ଏଥିରେ ଗ୍ୟାସ୍ ଅଧିକ ମହଙ୍ଗା ହେଲେ ସାର ଉତ୍ପାଦକ ଭାରି ଶିଳ୍ପମାନେ ଗୁରୁତର ପ୍ରଭାବିତ ହେବା ନିଶ୍ଚିତ ବୋଲି କହିଛନ୍ତି। ସେହିପରି ରଷିଆ ଆକ୍ରମଣ ଶିକାର ୟୁକ୍ରେନ ଗହମ ଅମଳରେ ବିଶ୍ୱର ୫, ରଷ୍ଟ୍ର। ୟୁକ୍ରେନ୍ ଗହମ ବିଶ୍ୱର ୬ମାସ ପୁରାଇଥାଏ। ଏଥିରେ ଯୁଦ୍ଧ ଯୋଗୁ ଆଗକୁ ସାରା ବିଶ୍ୱ ଗୁରୁତର ଖାଦ୍ୟ ସଂକଟର ସମ୍ମୁଖୀନ ହେବା ନେଇ ଏବେ ଆଶଙ୍କା କରାଗଲାଣି ଯଦି ଯୁଦ୍ଧରେ ୟୁକ୍ରେନ ଗୁରୁତ୍ୱର କ୍ଷତିଗ୍ରସ୍ତ ହୁଏ ତେବେ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ଲୋକେ ଖାଇବାକୁ ଛଟପଟ ହେବେ। ହୁଏତ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ବିଶ୍ୱରେ ପ୍ରେଟ୍ରେଲ ଡିଜେଲ କଥା ଛାଡି ରୁଟି ବି ମହଙ୍ଗା ହୋଇଯାଇପାରେ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି।

# ରୁଷ୍ ୟୁକ୍ରେନ୍ ବିବାଦ,ପକ୍ଷ ରଖିଲା ଭାରତ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଘନଉଛି ୟୁକ୍ରେନ ରୁଷ ବିବାଦ।ଏଥି ମଧ୍ୟରେ ରୁଷ ମଧ୍ୟ ୟୁକ୍ରେନ୍ ଉପରେ ଆକ୍ରମଣ କରିଛି। ରଷ୍ଟ୍ରପତି ପୁଟିନଙ୍କ ସାମରିକ କାର୍ଯ୍ୟାନୁଷ୍ଠାନ ଆଦେଶ ମଧ୍ୟ ରେ ଭାରତ ତାର ପକ୍ଷ ରଖିଛି। ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତନିଜର ପକ୍ଷ ଉପସ୍ଥାପନ କରିଛି। ଭାରତ କହିଛି ୟୁଦ୍ଧକୁ ତୁରନ୍ତ ସ୍ଥଗିତ ରଖିବାକୁ ଆମେ ନିବେଦନ କରୁଛୁ।ପରିସ୍ଥିତି ଏକ ବଡ ସଙ୍କଟରେ ପରିଣତ ହେବାକୁ ଯାଉଛି। ଯଦି ଏହାକୁ ସାବଧାନତାର ସହିତ ନିୟନ୍ତ୍ରଣ କରାନ ଯାଏ ତେବେ ଏହା ସୁରକ୍ଷାକୁ ଦୁର୍ବଳ କରିପାରେ। ସମସ୍ତ ପକ୍ଷର ସୁରକ୍ଷାକୁ ଧ୍ୟାନରେ ରଖିବ ଉଚିତ୍ ବୋଲି ଭାରତ କହିଛି। ଅନ୍ୟ ପଟେ ୟୁକ୍ରେନ୍ ଉପରେ ରୁଷ ଆକ୍ରମଣ ଆରମ୍ଭ କରିସାରିଛି। ଯାହା ସମସ୍ତ ଦେଶ ମଧ୍ୟରେ ଚିନ୍ତାର କାରଣ ପାଲଟିଛି। ଭାରତ ଆହୁରି ମଧ୍ୟ ତାର ବିବୃତିରେ କହିଛି କି ଆମେ ସମସ୍ତ ଦେଶକୁ ସଂଯମତା ରକ୍ଷା କରିବାକୁ କହୁଛୁ। ଏହାର ସମାଧାନ ନିଶ୍ଚୟ ହେବ।




# ମଳଦ୍ୱାରରୁ ବାହାରିଲ ୫୦ଲକ୍ଷର ସୁନା ବିମାନବନ୍ଦରରେ ମାଡି ବସିଲା ପୋଲିସ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପୋଲିସ ଯେତେବି ସତର୍କ ହୁଅନ୍ତି ନା କାହିଁକି ଚୋର ଚୋରି କରିବାର ନୂଆ ନୂଆ ତରିକା ବାହାର କରିବାରେ ଲାଗିଛନ୍ତି। ଏମିତି ଏକ ଘଟଣା ହାଇଦ୍ରାବାଦ ବିମାନ ବନ୍ଦରରୁ ସାମ୍ନାକୁ ଆସିଛି ନିଜ ମଳଦ୍ୱାରରେ ସୁନାର ପେଷ୍ଟ ପୁରାଇ ଯାଉଥିବା ବେଳେ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି ଜନୈକ ଯୁବକ। ଯୁବକ ମଳଦ୍ୱାରରେ ପ୍ରାୟ ୯୭୫.୧୬ଗ୍ରାମ ସୁନା ଜବତ କରାଯାଇଥିବା ବେଳେ ଏହାର ମୂଲ୍ୟ ୫୦.୭୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ମଙ୍ଗଳବାର ଦିନ ଦୁବାଇରୁ




ଫେରୁଥିବା ବ୍ୟକ୍ତିଙ୍କୁ ହାଇଦ୍ରାବାଦ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଗିରଫ କରାଯାଇଛି। ଇଣ୍ଡିଗୋ ବିମାନ ୬ମଇ ୧୮୭ରେ ଏହି ବ୍ୟକ୍ତି ଜଣଙ୍କ ରାଜୀବ ଗାନ୍ଧୀ ଆନ୍ତର୍ଜାତୀୟ ବିମାନ ମଙ୍ଗଳବାର ଦିନ ଦୁବାଇରୁ ଫେରୁଥିବା ବ୍ୟକ୍ତିଙ୍କୁ ହାଇଦ୍ରାବାଦ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଗିରଫ କରାଯାଇଛି। ହ୍ରାଇଦାବାଦ କଷ୍ଟମ ପକ୍ଷରୁ ବୁଧବାର କରାଯାଇଥିବା ଟ୍ୱିଟ ଅନୁଯାୟୀ ମଳଦ୍ୱାରା ପ୍ରାୟ ୫୦.୭୦ଲକ୍ଷର ସୁନା ଜବତ କରାଯାଇଥିବା ବେଳେ ତଦନ୍ତ ଆରମ୍ଭ କରାଯାଇଛି।

# ରୁଷ୍‌ର 'ଫାଦର ଅଫ୍ ଅଲ୍ ବମ୍' କ୍ଷଣିକରେ ଖେଳାଇ ପାରେ ଆତଙ୍କ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିଶ୍ୱର ସବୁଠୁ ଶକ୍ତିଶାଳୀ ରଷ୍ଟ୍ରମାନଙ୍କ ମଧ୍ୟରେ ଗୋଟିଏ ଗୁରୁବାର ୟୁକ୍ରେନ୍ ଉପରେ ୪ପଟୁ ଆକ୍ରମଣ ଆରମ୍ଭ କରି ଦେଇଛି । ରୁଷ୍‌ର ଆକ୍ରମଣ ପରେ ପୁରା ବିଶ୍ୱରେ ହାହାକାର ପଡିଯାଇଛି। ରୁଷିଆ ରଷ୍ଟ୍ରପତିଭ୍ଲାଦିମିର୍ ପୁଟିନ୍ ଗୁରୁବାର ୟୁକ୍ରେନରେ ସୈନ୍ୟ ଅଭିଯାନ ଘୋଷଣା କରିବା ସହ ହିଁ ଅନ୍ୟ ଦେଶ ଗୁଡିକୁ ଚେତାବନୀ ଦେଇଛନ୍ତି। କହିଛନ୍ତି ରୁଷିଆର କାର୍ଯ୍ୟାନୁଷାନରେ କୌଣସି ପ୍ରକାର ହସ୍ତକ୍ଷେପ ପାଇଁ ପ୍ରୟାସ କଲେ ପରିମାଣ ଭୟଙ୍କର ହେବ, ଯାହା କି କେହି କେବେ ପୂର୍ବରୁ ଦେଖିନଥିବେ। ହେଲେ ୟୁକ୍ରେନ୍ ମଧ ପଡୋଶୀ ଦେଶ ରୁଷ୍ ଆଗରେ ମୁଣ୍ଡ ନୁଆଁବ ନାହିଁ ବୋଲି ଶପଥ ନେଇଛି। କିନ୍ତୁ କଥା ଏଠି ୟୁକ୍ରେନ୍ କଣ ରୁଷ୍ ମୁକାବିଲାରେ ଠିଆ ହୋଇ ପାରିବ ? ଯଦି ରୁଷ୍ର ଶକ୍ତି ବିଷୟରେ ଦେଖାଯାଏ ତ ଏମିତ କମ୍ ସମ୍ଭାବନା ରହିଛି। ରୁଷ୍ ପାଖରେ



ପରମାଣୁ ଅସ୍ତ୍ର ବ୍ୟତୀତ ଫାଦର ଅଫ୍ ଅଲ୍ ବମ୍ବ ଅର୍ଥାତ୍‌ଫୋଏବେ ଅଛି ଯାହା କ୍ଷଣକରେ ଆତଙ୍କ ଖେଳାଇ ପାରେ । ରୁଷ୍ ଅସ୍ତ୍ରାଗାରରେ ଏକ ଶକ୍ତିଶାଳୀ ଅଣ-ପରମାଣୁ ୪୪ଟନ୍ ଟିଏନଟି ବୋମା ରହିଛି, ଯାହା ୩୦୦କିଲୋମିଟର ଭିତରେ ବହୁତ କ୍ଷତି କରିବାର କ୍ଷମତା ରଖିଛି । ବ୍ରିଟିଶ୍ ମିଡିଆରେ ଆସିଥିବା ଖବର ମୁତାବକ ରୁଷର ରଷ୍ଟ୍ରେପତି ଭ୍ଲାଦିମିର ପୁଟିନ୍ ୟୁକ୍ରେନ ବିରୋଧରେ ଯୁଦ୍ଧରେ ଫାଦର ଅଫ୍ ଅଲ୍ ବମ୍ବର ବ୍ୟବହାର କରିବାକୁ ଯୋଜନା କରୁଛନ୍ତି।

# ଆମେରିକା ୟୁକ୍ରେନ୍ ପାଇଁ କଲା ବଡଧରଣର ଘୋଷଣା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆଭିମୁଖ୍ୟ ବଦଳାଇଲା ଆମେରିକା ଶେଷରେ ୟୁକ୍ରେନ୍ କୁ ସାହାଯ୍ୟ କରିବା ପାଇଁ ରାଜି ହୋଇଛି ଆମେରିକା ଯୁଦ୍ଧ ରେ ଥରହର ୟୁକ୍ରେନକୁ ସାମରିକ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିଛି ଆମୋରିକା ୟକ୍ରେନ୍‌କୁ ୩୫୦ମିଲିଅନ୍ ଡାଲରର ସାମରିକ ସହାୟତା ଯୋଗାଇ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି। ଆମେରିକା ସରକାରଙ୍କ କୁଟନୈତିକ ଅଧରକାରୀ ତଥା ସଚିବ ଆଣ୍ଟୋନୀ ବ୍ଲିନକେନ୍ ଟ୍ୱିଟ୍ କରି ଏହି ଘୋଷଣା କରିଛନ୍ତି। ସେ ଆଜି ଆମେରିକାର

## ଅଭିମୁଖ୍ୟ ବଦଳିଲା



ପ୍ରତିରକ୍ଷା ବିଭାଗକୁ ୟୁକ୍ରେନ୍‌ଙ୍କୁ ସାହାଯ୍ୟ ପାଇଁ କହିଛନ୍ତି। ଯୁଦ୍ଧଗ୍ରସ୍ତ ୟୁକ୍ରେନ୍‌ଙ୍କୁ ତୁରନ୍ତ ୩୫୦ମିଲିଅନ୍‌ର ସାମରିକ ସହାୟତା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ରୁଷର ଅକାରଣ ଓ ଅଯୁକ୍ତିକର ଯୁଦ୍ଧରୁ ୟୁକ୍ରେନ୍ ରଷ୍ଟ୍ରପତି ସ୍ପଷ୍ଟ କରିଛନ୍ତି। ତେବେ ଯୁଦ୍ଧରେ ସହାୟତା ପାଇଁ ଗୋଟିଏ ରୁଷର ଅକାରଣ ଓ ଅଯୁକ୍ତିକର ଯୁଦ୍ଧରୁ ୟୁକ୍ରେନକୁ ରକ୍ଷା ପାଇଁ ସେ ଆମେରିକାର ପ୍ରତିରକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଫ୍ରାନ୍ସ ଏବଂ ଚେକ୍‌ଗଣରାଜ୍ୟ ୟୁକ୍ରେନ୍ କୁ ସାମରିକ ସହାୟତା ପାଇଁ ରାଜି ହୋଇଛିନ୍ତି। ଫ୍ରାନ୍ସର ସହାୟତା ସମ୍ପର୍କରେ ୟୁକ୍ରେନ୍ ରାଷ୍ଟ୍ରପତି ସ୍ପଷ୍ଟ କରିଛନ୍ତି। ତେବେ ଯୁଦ୍ଧରେ ସହାୟତା ପାଇଁ ଗୋଟିଏ ଦେଶ ଆଗେଇ ଆସିବା ୟୁକ୍ରେନ୍‌ର ମନବଳକୁ ବୃଦ୍ଧି କରିଛି। ଅନ୍ୟପଟେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହାୟତା ଲୋଡିଛନ୍ତି ୟୁକ୍ରେନ ରଷ୍ଟ୍ରପତି ଭୋଲଦିମିର ଜେଲେନସ୍କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କରି ଯୁଦ୍ଧରେ ସାହାଯତା କରିବାକୁ ନିବେଦନ କରିଥିଲେ। ପ୍ରତିଉତ୍ତରରେ ଯୁଦ୍ଧକୁ ନେଇ ମୋଦି କଡା ନିନ୍ଦା କରିବା ସହ ଯୁଦ୍ଧ ବନ୍ଦ ହେବା ଦରକାର ବୋଲି ଆଶ୍ୱସନା ଦେଇଛନ୍ତି। ପୂର୍ବରୁ ଆମେରିକା ସମେତ ୟୁରୋପୀୟ ଦେଶ ଗୁଡିକ କେବଳ ସମବେଦନା ଓ ନିନ୍ଦା କରିଥିବା ବେଳେ ଏହା ଯଥେଷ୍ଟ ନୁହେଁ ବୋଲି ୟୁକ୍ରେନ ରାଷ୍ଟ୍ରପତି କହିଥିଲେ। ୟୁକ୍ରେନନ ରାଷ୍ଟ୍ରପତିଙ୍କ ଅନୁରୋଧ ପରେ ଆମେରିକା ପ୍ରଥମେ ସାହାଯ୍ୟ ପାଇଁ ଅମଙ୍ଗ ହୋଇଥିଲା ସବୁ ନାଟର ଗୋବର୍ଦ୍ଧନ ନାଟୋ ବ୍ୟାକ୍‌ଫୁଟ୍‌କୁ ଆସିଥିଲା ତେବେ ରୁଷର ପ୍ରଚଣ୍ଡ ଆକ୍ରମଣରେ ୟୁକ୍ରେନ୍ ଧ୍ୱଂସବିଧ୍ୱଂସ ହେବା ସହ ସବୁଠି ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି।

# ୧୮୦୦୦କୋଟି ଟଙ୍କା ଉଦ୍ଧାର କରିଛି ବ୍ୟାଙ୍କ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପଳାତକ ବିଜୟ ମାଲ୍ୟା ନିରବ ମୋଦୀ ଏବଂ ମେହୁଲ ଚୋକସିଙ୍କଠାରୁ ବ୍ୟାଙ୍କ ୧୮୦୦୦ କୋଟି ଉଦ୍ଧାର କରିଛି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ବୁଧବାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ମେହେଟ୍ଟା ଜଷ୍ଟିସ ଏମ୍‌ଖାନଓିଲକରଙ୍କ ନେତୃତ୍ୱାଧୀନ ବେଂଚକୁ କହିଛନ୍ତି ଯେ ମାଲ୍ୟା ମୋଦୀ ଏବଂ ଚକ୍ସିଙ୍କ ବିରୋଧରେ ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମଏଲଏ) ଅନୁଯାୟୀ ପଞ୍ଜୀକୃତ ମାମଲାଗୁଡିକର ମୂଲ୍ୟ ବର୍ତ୍ତମାନ ୬୭୦୦୦କୋଟି। ମେହେଟ୍ଟା କହିଛନ୍ତି ଯେ ବିଜୟ ମାଲ୍ୟା ନିରବ ମୋଦି ଏବଂ ମେହୁଲ ଚୋକସି ମାମଲାରେ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ(ଇଡି) ପିଏମଏଲଏ ଅଧିନରେ ଅଦାଲତ ଦେଇଥିବା ଆଦେଶ ଯୋଗୁଁ ୧୮୦୦୦କୋଟିରୁ ଅଧିକ ମୂଲ୍ୟ ର ସମ୍ପତ୍ତି ଜବତ କରିବାର ସଫଳ ହୋଇଛି। ଡିସେମ୍ବର ମାସରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଥିଲେ ଯେଜୁଲାଇ ୨୦୨୧ସୁଦ୍ଧା ତିନିଜଣ ପଳାତକଙ୍କ ସମ୍ପତ୍ତି ବିକ୍ରୟ ପରେ ବ୍ୟାଙ୍କଗୁଡିକ ୧୩,୧୦୯କୋଟି ଟଙ୍କା ଉଦ୍ଧାର କରିଛନ୍ତି। ସେହି ସମୟରେ ପୁନରୁଦ୍ଧାରର ସର୍ବଶେଷ ଟ୍ରାନ୍ସର ମୂଲ୍ୟ ୭୯୨କୋଟି ଥିଲା।



## ପ୍ରଥମ ପୃଷ୍ଠାରୁ...

### ବିରୋଧୀଙ୍କୁ...

ଚଳନୀରେ ବାଧାପ୍ରାପ୍ତ କଲେ ସେସବୁର ପ୍ରତିଫଳ ପଞ୍ଚାୟତ ଭୋଟ୍‌ରେ ସେମାନଙ୍କୁ ଭୋଗିବାକୁ ପଡିଛି ବୋଲି କୁହାଯାଉଛି। ସଦ୍ୟ ଘଟଣା ଦେଖିବାକୁ ଗଲେ ମମିତା ମେହେର ମାମଲାରେ ପ୍ରକୃତ ଘଟଣା କ'ଣ? ଏବେ ମାନ୍ୟବର କୋର୍ଟରେ ଚାର୍ଜସିଟ୍ ଦାଖଲ ନେଇ ଠୋସ୍ ପ୍ରମାଣ ମିଳିଥିବାର ଗଣମାଧ୍ୟମରେ ପ୍ରକାଶ କରାଯାଉଛି। ମାନ୍ୟବର ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଟାଣିଓଟାରି ମମିତା ମାମଲାରେ ଯେଉଁପରି ଭାବରେ ମାସ ମାସ ଧରି ହଙ୍ଗାମା ସୃଷ୍ଟି କଲେ ତା'ର ପ୍ରତିଫଳ ବିରୋଧୀଙ୍କୁ ଭୋଗିବାକୁ ପଡିଛି ବୋଲି ମଧ୍ୟ କୁହାଯାଉଛି।

### ବିଜେପି...

ସଂକ୍ଷିପ୍ତ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚଳିତ ପଞ୍ଚାୟତ ନିର୍ବାଚନରେ ଆଦୌ ମୁଣ୍ଡ ନ ଖେଳେଇବାର ପରିଣତି ଦଳକୁ ଭୋଗିବାକୁ ପଡିଛି ବୋଲି୍ ଖୋଦ୍ ବିଜେପି ସଭାପତି ସମୀର ମହାନ୍ତି ପରୋକ୍ଷରେ କହିଛନ୍ତି। ସାଧାରଣ ନିର୍ବାଚନରେ ବିଜେଡି ପୂର୍ବପେକ୍ଷା ଭଲ ପ୍ରଦର୍ଶନ କରିବା ପରେ ଦଳର ବହୁ ନେତା ମୁଖ୍ୟମନ୍ତ୍ରୀ ଲଡୁଖାଇ ବୁଲିଲେ। ବୈଜୟନ୍ତ ପଣ୍ଡା, ଅପରାଜିତା ଷଡଙ୍ଗୀ, ପ୍ରତାପ ଷଡଙ୍ଗୀ ଭଳି ତୁଙ୍ଗନେତା ମାନେ ନିଜର ପତିଆରା ବୃଦ୍ଧି ଆରମ୍ଭ କରିଥିଲେ। ବଳିଷ୍ଠ ନେତାମାନଙ୍କ ପ୍ରାଦୁର୍ଭାବ ବଢିଚାଲିବାରୁ ଧର୍ମେନ୍ଦ୍ର ପ୍ରଧାନ ନୀରବ ରହିଗଲେ। ସେ କେନ୍ଦ୍ର ରାଜନୀତିରେ ବେସି ମୁଣ୍ଡ ଖେଳେଇବା ସହ ରାଜ୍ୟ ରାଜନୀତି ପ୍ରତି ଆଦୌ ଦୃଷ୍ଟି ଦେଇନଥିଲେ। ଅପରପକ୍ଷରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବି ମୁଖ୍ୟମନ୍ତ୍ରୀ ନବୀନଙ୍କୁ ବାରମ୍ବାର ପ୍ରଶଂସା କରି ବିଜେଡି ବିଜୟ ରାସ୍ତାକୁ ସୁଗମ କରିଦେଇଥିଲେ। ଚଳିତ ପଞ୍ଚାୟତ ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଜେପି ଲଢୁଥିଲା ଭଳି ମନେ ହେଉନଥିଲା। ଦଳର ପ୍ରଚାର ପ୍ରସାରରୁ ଅତ୍ୟନ୍ତ ଗୌଣ ରହିଥିଲା। ଯାହାର ଫଳ ସ୍ୱରୂପ ଗତ ନିର୍ବାଚନର ସଫଳତା ଦୋହରେଇବା କଥା ତ ଦୂରରେ ଥାଉ ଏହାର ଅଧା ସଫଳତା ବି ଦଳ ହାସଲ କରିପାରିନି ବୋଲି ସ୍ପଷ୍ଟ ହୋଇଯାଇଛି। ବିଜେପିର ଚରମ ବିପର୍ଯ୍ୟୟ ଏହା ବୟାନ କରୁଛି ଯେ, ଧର୍ମେନ୍ଦ୍ରଙ୍କ ବିନା ରାଜ୍ୟ ବିଜେପିର ଅସ୍ତିତ୍ୱ ନାହିଁ।

### ଦେଖନ୍ତୁ...

ସହଯୋଗୀ/ଅଧସ୍ତନ କର୍ମଚାରୀ, କେତେଜଣ ଛାତ୍ରୀ ପରିବାର ବର୍ଗ କେଗାଁ ଥାନା ଅଧିକାରୀ ଚାନ୍ଦୋତରା ଏବଂ ଭବାନୀପାଟଣାର କେତେକ ଦୋକାନୀ, ବଙ୍ଗାଳୀ ଶ୍ରମିକ, ଶିକ୍ଷକ ଭଳି ଅନେକ ସାକ୍ଷୀ ରହିଛନ୍ତି।

ଚାର୍ଜସିଟ୍‌ରେ ଉଲ୍ଲେଖ ଅଛି ଯେ, ଗତ ୧୩ ତାରିଖରେ ମମିତା ଭାଇ ବର୍ଷି ସିନ୍ଧେକେଲା ଥାନାରେ ଏକ ନିଖୋଜ ଏତଲା ଦେଇଥିଲେ। ତାଙ୍କ ଭଉଣୀ କଣ୍ଟା ବାଞ୍ଛିରୁ ବସ୍‌ରେ ସେ କାମ କରୁଥିବା ମହାଲିଙ୍ଗସ୍ଥିତ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ୍‌କୁ ଯାଉଥିବା ବେଳେ ଚାନ୍ଦୋତରା ଛକରୁ ତାଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଥିଲା। କୋଭିଡ୍ ଟେଷ୍ଟ ତଥା କାଗଜପତ୍ର କାମ ପାଇଁ ଟିଟିଲା ଗୋବିନ୍ଦକୁ ଆଣିଥିବା ବେଳେ ସେ ଥାନାରୁ ଚମ୍ପଟ ମାରିଥିଲା। ଫେରାର୍ ଗୋବିନ୍ଦକୁ ପୋଲିସ୍ ଗିରଫ କରିଥିଲା ଏବଂ ଗତ ଅକ୍ଟୋବର ୮ ତାରିଖରେ ତର୍ଣ୍ଣିଟିପି ମମିତାକୁ ସେ ହତ୍ୟା କରିଥିବା ମାନି ଯାଇଥିଲା। ଅକ୍ଟୋବର ୨୨ରେ ଏସବୁର ପୋଲିସ୍ ଆଗରେ ସିନ୍ ରିକ୍ରିଏସନ୍ କରିଥିଲା। ତଦନ୍ତ ସମୟରେ ଗୋବିନ୍ଦ ନିକଟରୁ ୬ଟି ମୋବାଇଲ୍ ମିଳିଥିଲା। ମମିତା ଗୋବିନ୍ଦକୁ ବାରମ୍ବାର ଏକ୍ସପୋଜ୍ କରିଦେବି ବୋଲି କହୁଥିଲା। ତା'ର ପ୍ରତିତ୍ତୋରରେ ଗୋବିନ୍ଦ କହୁଥିଲା ତୋତେ ଏମିତି ହଜେଇ ଦେବି ଯେ କେହି ଜାଣିପାରିବେନି। ମମିତା ସବୁବେଳେ ନିଜେ ରଖିଥିବା ଭିଡିଓକୁ ଗୋବିନ୍ଦର ପରିବାରକୁ ଦେଖାଇବି ବୋଲି କହୁଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା ଏବଂ ସେଥିନେଇ ପ୍ରତିଶୋଧ ପରାୟଣ ହୋଇ ଗୋବିନ୍ଦ ହତ୍ୟା କରିବା ପରେ ମମିତାଙ୍କ ମୋବାଇଲ୍‌କୁ ପୋଡିଦେଇଥିଲା ବୋଲି ପ୍ରକାଶ ପାଇଛି। ଏ ହେଉଛି ପ୍ରକୃତ ଘଟଣା। ଏହାକୁ ନେଇ ବିରୋଧୀ ଯେଉଁପରି ଭାବରେ ଶାସକ ଦଳକୁ ବା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ ନାରାବାଜି କଲେ ଅନ୍ୟାୟ ବହୁ ମାତ୍ରାରେ ବିରୋଧୀଙ୍କ ବୃଦ୍ଧି ପାଇସାରିଥିଲା। ଯାହାଫଳରେ ପଞ୍ଚାୟତ ନିର୍ବାଚନରେ ବିରୋଧୀଙ୍କୁ ଭୋଟର ଭାଇମାନେ ସାବାଡ୍ କରିଛନ୍ତି ବୋଲି କହୁଥିବା ଶୁଣିବାକୁ ମିଳୁଛି।

### ପଶ୍ଚିମ...

ଦେବଗଡ ଜିଲ୍ଲାରେ ରବିବାର ଗଣତି ଚାଲିଥିବା ୩ଟି ଯାକ ଜୋନ୍‌ରେ ବିଜେଡି ପୁଣି ଆଗୁଆ ରହିଛି। ଝାରସୁଗୁଡା ଜିଲ୍ଲାରେ ବି ଗଣତି ଚାଲିଥିବା ୩ଟି ଆସନରେ ବିଜେଡି ପ୍ରାର୍ଥୀ ଆଗରେ ରହିଛନ୍ତି। ରବିବାର ଦିନ ୨ଟା ସୁଦ୍ଧା ମିଳିଥିବା ସୂଚନାରୁ ସୁବର୍ଣ୍ଣପୁର ଜିଲ୍ଲାରେ ୬ଟି ଆସନର ଗଣତି ଚାଲିଥିବାବେଳେ ସବୁ ଗୁଡିକରେ ବିଜେଡି ଆଗୁଆ ରହିଛି। ବୌଦ୍ଧ ଜିଲ୍ଲାରେ ଗଣତି ଚାଲିଥିବା ୩ଟି ଆସନ ମଧ୍ୟରୁ ୨ଟିରେ ବିଜେଡି ଆଗୁଆ ଥିଲାବେଳେ ଗୋଟିଏରେ ବିଜେପି ପ୍ରାର୍ଥୀ ଆଗରେ ଅଛନ୍ତି। ବଲାଙ୍ଗୀର ଜିଲ୍ଲାରେ ୧୪ଟି ଆସନରେ ଗଣତି ଚାଲିଛି। ସେଥିରୁ ୭ଟିରେ ବିଜେଡି, ୨ଟିରେ କଂଗ୍ରେସ ଓ ଗୋଟିଏରେ ବିଜେପି ପ୍ରାର୍ଥୀ ଆଗରେ ରହିଛନ୍ତି। ଆଉ ୪ଟି ଆସନର ସୂଚନା ଆସିନାହିଁ। କଳାହାଣ୍ଡି ଜିଲ୍ଲାରେ ୧୩ଟି ଆସନରେ ଗଣତି ଚାଲିଥିଲାବେଳେ ୧୧ଟିରେ ବିଜେଡି ଆଗୁଆ ଅଛି। ଗୋଟିଏରେ ବିଜେପି ଓ ଗୋଟିଏରେ କଂଗ୍ରେସ ପ୍ରାର୍ଥୀ ଆଗରେ ଅଛନ୍ତି। ନୂଆପଡା ଜିଲ୍ଲାରେ ଗଣତି ଚାଲିଥିବା ୫ଟି ଆସନ ମଧ୍ୟରୁ ୪ଟିରେ ବିଜେଡି ଓ ଗୋଟିଏରେ କଂଗ୍ରେସ ଆଗରେ ରହିଛି।

ଓଡ଼ିଶାର ଅନ୍ୟ ସବୁ ଅଞ୍ଚଳ ଭଳି ଏଥର ପଶ୍ଚିମ ଓଡ଼ିଶା ବି ଶାସକ ବିଜୁ ଜନତା ଦଳର ଗଡ ପାଲଟି ଯାଇଛି। ଚଳିତ ପଞ୍ଚାୟତ ନିର୍ବାଚନରେ ପଶ୍ଚିମ ଓଡ଼ିଶାର ୧୦ଟି ଯାକ ଜିଲ୍ଲାରେ ବିଜେଡିର ଅବିଶ୍ୱସନୀୟ ସଫଳତା ସମସ୍ତଙ୍କୁ ଚକିତ କରିଛି। ଗତ ପଞ୍ଚାୟତ ନିର୍ବାଚନରେ ୧୦ରୁ ୬ଟି ଜିଲ୍ଲାରେ ପରିଷଦ ଗଢିଥିବା ତଥା ଗତ ସାଧାରଣ ନିର୍ବାଚନରେ ୫ଜଣ ଯାକ ସାଂସଦ ଜିତିଥିବା ଭାରତୀୟ ଜନତା ପାର୍ଟି ଏଥର ଗୋଟିଏ ଲେଖାଏଁ ଜିଲ୍ଲା ପରିଷଦ ଜୋନ୍ ଜିତି ସମ୍ମାନ ରକ୍ଷା କରିବା ବି କଷ୍ଟକର ହୋଇପଡିଛି। ଅନେକ ଜିଲ୍ଲା ବିରୋଧୀ ଶୂନ୍ୟ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଗଣତନ୍ତ୍ର ଏହି ଏକତରଫା ରାୟ ବର୍ତ୍ତମାନ ବୁଦ୍ଧିଜୀବୀଙ୍କ ପାଇଁ ବିଚାରର ବିଷୟ ପାଲଟି ଯାଇଛି। ପ୍ରଥମ ଦିନ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ମୋଟ ୮୭ ଜିଲ୍ଲା ପରିଷଦ ଆସନର ଭୋଟ ଗଣତି ଓ ଫଇସଲା ହୋଇଥିଲା। ସେଥିରୁ ବିଜେଡି ୭୭, ବିଜେପି ୭, କଂଗ୍ରେସ ୨ ଓ ସିପିଆଇଏମ୍ ପ୍ରାର୍ଥୀ ଗୋଟିଏ ଆସନ ଜିତିଛନ୍ତି।

ସମ୍ବଲପୁର ଜିଲ୍ଲାରେ ପ୍ରତମ ଦିନ ଗଣତି ହୋଇଥିବା ୯ରୁ ୯ଟା ଯାକ ଆସନ ବିଜେଡି ଜିତିଛି। ବରଗଡ ଜିଲ୍ଲାରେ ପ୍ରଥମ ଦିନ ଗଣତି ହୋଇଥିବା ୧୨ ଆସନ ମଧ୍ୟରୁ ବିଜେଡି ୧୦ ଓ ବିଜେପି ୨ଟି ଆସନ ଜିତିଛନ୍ତି। ଦେବଗଡ ଜିଲ୍ଲାରେ ପ୍ରତମ ଦିନ ଗଣତି ହୋଇଥିବା ୩ଟି ଓ ଝାରସୁଗୁଡା ଜିଲ୍ଲାରେ ଗଣତି ହୋଇଥିବା ୫ଟି ଯାକ ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରଥମ ଦିନ ଫଇସଲା ହୋଇଥିବା ୬ ଆସନରୁ ବିଜେଡି ୪, ବିଜେପି ଓ କଂଗ୍ରେସ ଗୋଟିଏ ଲେଖାଏଁ ଆସନ ଜିତିଛନ୍ତି। ବୌଦ୍ଧ ଜିଲ୍ଲାରେ ପ୍ରଥମ ଦିନ ୨ଟି ଆସନ ବିଜେଡି ଓ ଗୋଟିଏ ବିଜେପି ଖାତାକୁ ଯାଇଛି। ବଲାଙ୍ଗୀର ଜିଲ୍ଲାରେ ଶନିବାର ୧୪ଟି ଆସନରେ ଗଣତି ହୋଇଥିଲା। ସେଥିରୁ ବିଜେଡି ୧୨ଟି, ବିଜେପି ଓ କଂଗ୍ରେସ୍ ଗୋଟିଏ ଲେଖାଏଁ ଆସନ ଜିତିଛନ୍ତି। ସୁନ୍ଦରଗଡ ଜିଲ୍ଲାରେ ପ୍ରଥମ ଦିନ ଘୋଷଣା ହୋଇଥିବା ୧୭ ଆସନ ମଧ୍ୟରୁ ୧୬ଟିରେ ବିଜେଡି ଓ ଗୋଟିଏରେ ସିପିଆଇଏମ୍ ବିଜୟୀ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରେ ଶନିବାର ୧୩ଟି ଆସନରେ ଗଣତି ହୋଇଥିଲା। ସେଥିରୁ ବିଜେଡି ୧୧ ଓ ବିଜେପି ୨ଟି ଆସନରେ ବିଜୟୀ ହୋଇଛନ୍ତି। ନୂଆପଡା ଜିଲ୍ଲାରେ ପ୍ରଥମ ଦିନ ୫ଟି ଆସନରେ ଗଣତି ହୋଇଥିଲାବେଳେ ବିଜେଡି ପୋଛି ନେଇଛି।

### ବିଜେପି ଗଡ଼ରେ...

ପ୍ରାର୍ଥୀ ଟୁନିବାଳା ବିଶ୍ୱାଳ ୧୪୩୮୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଏଠାରେ ବିଜେପି ପ୍ରାର୍ଥୀ ରଞ୍ଜିତା ସ୍ୱାଇଁ ୧୦୩୨୫ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ଭଣ୍ଡାରିପୋଖରୀ ବ୍ଲକ୍‌ର ୪ନଂ ଜୋନ୍‌ରେ ବିଜେଡି ପ୍ରାର୍ଥୀ ବଦ୍ରିନାରାୟଣ ରାଉତ ୧୪୫୮୭ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ରମେଶ ଭାରତୀ ୧୧୦୬୫ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ବାସୁଦେବପୁର ବ୍ଲକ୍‌ର ୧୭ନଂ ଜୋନ୍‌ରେ ବିଜେଡି ପ୍ରାର୍ଥୀ ଜୟଶ୍ରୀ ବାରିକ୍ ୧୨୨୨୦ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ବିଜେପି ପ୍ରାର୍ଥୀ ସନ୍ଧ୍ୟାରାଣୀ ଷଡଙ୍ଗୀ ୮୦୧୮ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ବନ୍ତ ବ୍ଲକ୍‌ର ୧୪ନଂ ଜିଲ୍ଲା ପରିଷଦ ଜୋନ୍‌ର ବିଜେଡି ପ୍ରାର୍ଥୀ ରୁନିତା ଦାସ ୧୮୬୦୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରାର୍ଥୀ କଂଗ୍ରେସର ସଞ୍ଜୁକ୍ତା ଦାସ ୮୧୫୪ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି।

### ଖୋର୍ଦ୍ଧାବାସୀଙ୍କୁ...

ପୋଲିସ୍ ଅଧିକାରୀ ଏବଂ ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଧନ୍ୟବାଦ ଜଣାଇଛନ୍ତି। ଏକ ଭିଡିଓ ବାର୍ତ୍ତାରେ ଏ ସଂପର୍କରେ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଆହୁରି ମଧ୍ୟ କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ଏବଂ ଶୃଙ୍ଖଳିତ ନିର୍ବାଚନ ଅନୁଷ୍ଠିତ ହେବା ନିଶ୍ଚିତ ଭାବେ ଆମ ଜିଲ୍ଲାପାଇଁ ଏକ ଉଲ୍ଲେଖନୀୟ ସଫଳତା ଏଥିପାଇଁ ଜିଲ୍ଲାପାଳ ପୁନର୍ବାର ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଶାନ୍ତିପ୍ରିୟ ଓ ସଚେନତା ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି।

RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ



# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ଫେବୃୟାରୀ ୨୮ ରୁ ମାର୍ଚ୍ଚ ୬, ୨୦୨୨, ଜଗତସିଂହପୁର

February 28 to March 6, 2022, Jagatsinghpur

www.samparkabarta.in



## ଜଗତସିଂହପୁରରେ ବାଲ୍ୟବିବାହ ବନ୍ଦ ହେଲା

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ଚାଇଲ୍ଡଲାଇନ ଓ ଜିଲ୍ଲାପ୍ରଶାସନ ପକ୍ଷରୁ ବିଶେଷ ସୁତ୍ରରୁ ଖବରପାଇ ଏକ ବାଲ୍ୟ ବିବାହକୁ ରୋକିବାକୁ ସକ୍ଷମ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ପାରାଦ୍ୱୀପଗଡ ଥାନା ଅଧିନସ୍ଥ ନିହାରୁନି(ଚନ୍ଦିନୀ ବେଲାରୀ)ଗ୍ରାମରେ ପହଞ୍ଚି ବରକୁ ୧୯ବର୍ଷ ଓ ସେହି ପାଖ ଗ୍ରାମ ଭୀମନାସୀ ର ଶିଶୁକନ୍ୟା ୧୪ବର୍ଷ ଉଭୟଙ୍କର ବିବାହ ଆୟୋଜନକୁ ବନ୍ଦ କରିଥିଲେ। ବାଲ୍ୟବିବାହ ନିରୋଧ ଅଧିକାରିଣୀ ତନୁପ୍ରଭା ବେହେରାଙ୍କ ନିର୍ଦ୍ଦେଶ କ୍ରମେ ସେଠାକାର ସୁପରଭାଇଜର ସଞ୍ଜୁବାଳା ଦେଇ ,ନିହାରୁଣୀ ଅଙ୍ଗନୱାଡି କର୍ମୀ ନମିତା ଭୋଳ,ଭୀମନାସୀ ଅଙ୍ଗନୱାଡି କର୍ମୀ ଝରଣା ବେହେରା,ଆଶାକର୍ମୀ ଶାନ୍ତିଲତା ,ସୋନାଲି ସ୍ୱାଇଁ,ସରିତା ବଳବନ୍ତରାୟ ଏବଂ ଜିଲ୍ଲା ଚାଇଲ୍ଡଲାଇନର ସଂଯୋଜକ ନରେଶ କୁମାର ଗୋଛାୟତ ,ଟିମ ମେମ୍ବର ଶୁଭସ୍ମିତା ତ୍ରିପାଠୀ,ଜିଲ୍ଲା ବାଲ୍ୟବିବାହ ନିରୋଧ ସଂଯୋଜକ ତପନ ଗୋଛାୟତ ଏବଂ ଗ୍ରାମର ଭଦ୍ରବ୍ୟକ୍ତି ମାନଙ୍କ ଉପସ୍ଥିତିରେ ବରଘର ଲୋକ ଓ କନ୍ୟାପକ୍ଷର ଲୋକଙ୍କୁ ବାଲ୍ୟବିବାହର ଅପକାରିତା ଏବଂ ଦଣ୍ଡ ବିଧାନ ସଂପର୍କରେ ବୁଝାଇଥିଲେ। ଏହାପରେ ଉଭୟପକ୍ଷ ଏକ ଲିଖିତ ନାମା ଦେବାପରେ କନ୍ୟାକୁ ତାଙ୍କ ବାପ ଘରକୁ ପଠାଯାଇଥିଲା ଓ ୧୮ବର୍ଷ ହେବା ପରେ କନ୍ୟାର ବିବାହ ଦେବା ପାଇଁ ସ୍ଥିର କରାଯାଇଥିବା ଚାଇଲ୍ଡଲାଇନ ସଂଯୋଜକ ସୂଚନା ପ୍ରଦାନ କରିଛନ୍ତି।



## ପୁଣି କଟକରେ ନକଲି ଧୂପକାଠି ଫ୍ୟାକ୍ଟ୍ରି

**କଟକ(ସଂପର୍କବାର୍ତ୍ତା):-** ନକଲି ଧୂପକାଠି ଫ୍ୟାକ୍ଟ୍ରି ଉପରେ ଚଢଉ। କଟକ ଗଙ୍ଗାମନ୍ଦିର ନିକଟରେ ଦୀର୍ଘ ୧୦ବର୍ଷ ହେବ ଚାଲିଆସିଥିବା ଏହି ନକଲି ଧୂମକାଠି ଫ୍ୟାକ୍ଟ୍ରି ଉପରେ ଚଢଉ କରିଛି ଲାଲବାଗ ଥାନା ପୋଲିସ୍। ଚଢଉ ବେଳେ ପାଖାପାଖି ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ କରିଛି ପୋଲିସ୍। ଏହି ମାମଲାରେ ପୋଲିସ ଫ୍ୟାକ୍ଟ୍ରି ମାଲିକ ମନୋଜ କୁମାର ଡୁଲିଆକୁ ଗିରଫ କରିଛି।



## ୟୁକ୍ରେନ୍‌ରେ ଫସିଛନ୍ତି ଜଗତସିଂହପୁରର ୩ ଡାକ୍ତରୀ ଛାତ୍ର

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଋଷିଆ ଓ ୟୁକ୍ରେନ ଯୁଦ୍ଧରେ ଜଗତସିଂହପୁର ଜିଲ୍ଲାର ତିନିଜଣ ଡାକ୍ତରୀ ପାଠପଢୁଥିବା ଛାତ୍ରଛାତ୍ରୀ ଫସି ରହିଥିବା ବେଳେ ସେମାନଙ୍କୁ ଓଡିଶା ଫେରାଇ ଆଣିବା ପାଇଁ ଅଭିଭାବକଙ୍କ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଛି ।ୟୁକ୍ରେନରେ ଜଗତସିଂହପୁର ପୌରପରିଷଦ ଅଧିନ ସୋମନାଥ ହାଟବଜାରର ମଧୁସ୍ମିତ ମହାପାତ୍ର ଓ ଦୁର୍ଗେଶ ନନ୍ଦିନୀଙ୍କ ଝିଅ ଲିପ୍ସା ମହାପାତ୍ର (୨୪) ଫସି ରହିଛନ୍ତି। ଏୟାର ପୋର୍ଟ ବନ୍ଦ ହେବା ସହିତ ଫ୍ଲାଇଟ ମଧ୍ୟ ବାତିଲ କରାଯାଇଛି। ସୁପର ମାର୍କେଟରେ ଏବେ ଖାଇବାକୁ ମିଳୁଥିବା ବେଳେ ଖାଇବା ପାଇଁ ଲମ୍ବା ଧାଡି ଲାଗିଛି। କ୍ୟାସ୍ ଉଠିପାରୁନି, କାରଣ ଏବେ ଇଂଟରନ୍ୟାସାନାଲ କାର୍ଡ ଏଠାରେ କାମ କରୁନି। ତେବେ ମେଟ୍ରୋ କିମ୍ବା ବଙ୍କର ସେଫ୍ଟି ଲାଗୁଥିବା ଛାତ୍ରୀ ଜଣକ ଜଣାଇଛନ୍ତି। ସେ ରହୁଥିବା ସହରରେ ଏପର୍ଯ୍ୟନ୍ତ ମିଶାଇଲ ଆକ୍ରମଣ କରାଯାଇନଥିବା ପ୍ରକାଶ କରିବା ସହିତ କେବଳ ଫାଇଟର ଜେଟର ଶବ୍ଦ ଶୁଣିଥିବା କହିଛନ୍ତି। ୟୁକ୍ରେନର ବିନଶା ମେଡିକାଲ ୟୁନିଭରସିଟିରେ ଦ୍ୱିତୀୟ ବର୍ଷର ଡାକ୍ତରୀ ଛାତ୍ରୀ ଥିବା ଲିପ୍ସାଙ୍କୁ ନେଇ ପରିବାରରେ ଚିନ୍ତାରେ ଅଛନ୍ତି। ଝିଅକୁ ସେଠାରୁ ଯଥା ଶୀଘ୍ର ଉଦ୍ଧାର କରି ଓଡିଶା ଫେରାଇ ଆଣିବାକୁ ଲିପ୍ସାଙ୍କ ପିତା ଓ ମାତା ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି ।ସେହିଭଳି ଜଗତସିଂହପୁର ମରିଚିପଦାର ସେକ ସାୱାନ ଓ ତାରାନୁନ ବିବିଙ୍କ ପୁଅ ମହମ୍ମଦ ଅନିଶ୍ ମଧ୍ୟ ୟୁକ୍ରେନରେ ଫସି ରହିଛନ୍ତି। ସେ ଘରକୁ ଫେରିବାକୁ ଚାହୁଁଥିବାବେଳେ ଆରମ୍ଭ ହୋଇଥିବା ଯୁଦ୍ଧ ପାଇଁ ସେ ବିନିସା ସହରରେ ଅଟକି ରହିଛନ୍ତି। ଅନିଶ୍ ସେଠାରେ ଏବେ ଏମବିବିଏସ୍‌ର ଦ୍ୱିତୀୟ ବର୍ଷର ଛାତ୍ର । ସେ ବିଭିନ୍ନ ସମୟରେ ମୋବାଇଲରେ ଭିଡିଓ କଲିଂ କରି ପରିବାରକୁ ନିଜ ସ୍ଥିତି ସଂପର୍କରେ ସୂଚନା ପ୍ରଦାନ କରିଛନ୍ତି। ସେଠାରେ ବ୍ୟାକିଙ୍ଗ , ଇଂଟରନେଟ ଓ ଯୋଗାଯୋଗ ସେବାରେ ବ୍ୟାଘାତ ଘଟିଛି। ଖାଦ୍ୟ ଖୋଜିବା ଓ ନଗଦ ଟଙ୍କା ଉଠାଇବାରେ ଅସୁବିଧା ହେଉଛି। ପୁଅ ସହିତ ଅନ୍ୟ ଛାତ୍ରମାନେ ହଷ୍ଟେଲରେ ସୁରକ୍ଷିତ ଥିବା ବେଳେ ସେମାନଙ୍କୁ ଫେରାଇ ଆଣିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି ।ସେହିଭଳି ଜଗତସିଂହପୁର ପୌରାଞ୍ଚଳର ଓହଳ ଗ୍ରାମର ର ଅନ୍ୟ ଜଣେ ମେଡିକାଲ ଛାତ୍ର ୟୁକ୍ରେନରେ ଫସି ରହିଥିବା ସୂଚନା ମିଳିଛି। ସ୍ୱର୍ଗତ ସୁରେନ୍ଦ୍ର ନାଥ ସାହୁଙ୍କ ପୁଅ ଆଶିଷ କୁମାର ସାହୁ ୟୁକ୍ରେନରେ ଡାକ୍ତରୀ ପଢୁଛନ୍ତି। ୟୁକ୍ରେନର ରାଜଧାନୀ କିଭ୍‌ରେ ଥିବା ଏକ ବଙ୍କରରେ ସେ ବର୍ତ୍ତମାନ ଅଛନ୍ତି। କୌଣସି ସମୟରେ ଏଠାରେ ଏୟାର ଷ୍ଟ୍ରାଇକ୍ ହେବାର ସଂମ୍ଭାବନା ରହିଛି। ପରିବାର ଲୋକେ ତାଙ୍କ ସହିତ ସଦାସର୍ବଦା ଯୋଗାଯୋଗରେ ଥିଲେ ମଧ୍ୟ ପୁଅର ସୁରକ୍ଷାକୁ ନେଇ ମା , ଭାଇ ଓ ଭାଉଜ ତାଙ୍କର ଫେରିବା ବାଟକୁ ଚାହିଁ ବସିଛନ୍ତି। ତେଣୁ ସେମାନଙ୍କୁ ସୁରକ୍ଷାର ସହିତ ଓଡିଶା ଫେରାଇ ଆଣିବାକୁ ରାଜ୍ୟ ଓ କେନ୍ଦ୍ର ସରକାଙ୍କ ଠାରେ ନିବେଦନ କରିଛନ୍ତି।



ମହମ୍ମଦ ଅନିଶ



ଆଶିଷ କୁମାର ସାହୁ



ଲିପ୍ସା ମହାପାତ୍ର

## ସ୍ୱର୍ଗତ ରାହାସ ବିହାରୀ ମହାନ୍ତିଙ୍କ ୨ୟ ଶ୍ରାଦ୍ଧବାର୍ଷିକ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ସଦର ମହକୁମାର ଜୟବଡ ସ୍ଥିତ ସାଇ ଜ୍ଞାନ ପ୍ଲେ ସ୍କୁଲ ପରିସରରେ ମୁରଲୀଧର ଦାସଙ୍କ ଅଧ୍ୟକ୍ଷତାରେ ସ୍ୱନାମଧନ୍ୟ କୃତି ଶିକ୍ଷକ ସ୍ୱର୍ଗତ ରାହାସବିହାରୀ ମହାନ୍ତିଙ୍କର ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଶିକ୍ଷାବିତ୍ ବଂଶୀଧର ଆଗ୍ୟର୍ଯ୍ୟ ଗୀତା ପାଠ କରିବା ପରେ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ତନା ବକରାଯାଇଥିଲା। ତତ୍‌ପରେ ଉପସ୍ଥିତ ତାଙ୍କର ଗୁଣମୁଗଧ୍ ଛାତ୍ରଛାତ୍ରି ମାନେ ତାଙ୍କୁ ଜଣେ ଆଦର୍ସ ଶିକ୍ଷକ ଭାବେ ମତବ୍ୟକ୍ତ କରିଥିଲେ। ସେ ଯେଉଁ ମେଧାବୀ ଛାତ୍ରଛାତ୍ରି ମାନଙ୍କୁ ସୃଷ୍ଟି କରିଛନ୍ତି ତାହା କେବଳ ଓଡିଶା କିମ୍ବା ଭାରତରେ ନୁହେଁ ବରଂ ବିଦେଶରେ ତାଙ୍କର ଛାତ୍ର ଛାତ୍ରିଙ୍କ ମଧ୍ୟରେ ଅବିସ୍ମରନୀୟ ହୋଇ ରହିବେ । ପରେ ସର୍ବ ସମ୍ମତି କ୍ରମେ ତାଙ୍କର ସ୍ମୃତିକୁ ଉଦ୍‌ଜୀବିତ ରଖିବା ପାଇଁ ରାହାସ ବିହାରୀ ସ୍ମୃତି ପରିଷଦ ଗଠନ ପାଇଁ ପ୍ରସ୍ଥାବ ଗୃହିତ ହୋଇଥିଲା। ଏହି ସ୍ମୃତି ପରିଷଦର ସଭାପତି ଭାବେ ମୁରଲୀଧର ଦାସ,ଉପସଭାପତି ଭାବେ ନଳିନୀକାନ୍ତ ମହାପାତ୍ର,ସଂପାଦକ ଭାବେ ଡ.ଅଭୟ କୁମାର ମଲ୍ଲିକ,ସହସଂପାଦକ ଭାବେ ଆଇଜାକ ମହାନ୍ତି,କୋଷାଧକ୍ଷ ଭାବେ ବିବେକାନନ୍ଦ ଜେନା,ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବେ ବଂଶୀଧର ଆଗ୍ୟର୍ଯ୍ୟ,ପରିବେଶବିତ୍ ଉକ୍ଳରଂଜନ ମହାନ୍ତି,ରାଜେନ୍ଦ୍ର ପ୍ରସାଦ ମହାନ୍ତି,ଲକ୍ଷ୍ମୀକାନ୍ତ ସାହୁ,ଉଦୟନାଥ ସ୍ୱାଇଁ,ଆଶିଷ ମାଣିଆ,ଚନ୍ଦ୍ରଶେଖର ମହାନ୍ତି,ପ୍ରଜ୍ଞାପାରମିତା ଚୌଧୁରୀ,ସୁକାନ୍ତ ଜେନା,ସଚ୍ଚିକାନ୍ତ ସାହୁଙ୍କୁ ମଣ୍ଡଳୀରେ ରହିଛନ୍ତି। ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ନିହାରିକା ମହାନ୍ତି,ନରେନ୍ଦ୍ରନାଥ ରାଉତରାୟ,ଶୁଭମଦାଶ,ସୁରଜ ଦାସ,ନାତି ଆଶୁତୋଷ ମହାନ୍ତି ପ୍ରମୁଖ ବହୁ ବୁଦ୍ଧିଜୀବୀ ସମାଜସେବୀ ତଥା ଛାତ୍ରଛାତ୍ରୀ ଯୋଗଦେଇ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।



## ପୌର ନିର୍ବାଚନ ପାଇଁ ଇଭିଏମ୍ ତାଲିମ କାର୍ଯ୍ୟକ୍ରମ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଆସନ୍ତା ପୌର ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ତରଫରୁ ଦୁଇ ଦିନିଆ ଇଭିଏମ୍ ତାଲିମ କାର୍ଯ୍ୟକ୍ରମ କମିଶନଙ୍କ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲା ଯଥା ଅନୁଗୋଳ, ବାଲେଶ୍ୱର, ବଲାଙ୍ଗୀର, ବରଗଡ, ବୌଦ୍ଧ, କଟକ, ଦେବଗଡ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ଝାରସୁଗୁଡା ଓ କଳାହାଣ୍ଡିରୁ ଆସିଥିବା ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମକୁ ନିର୍ବାଚନ ଆୟୋଗଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ ଶୁଭାରମ୍ଭ କରିଥିବାବେଳେ ଆୟୋଗର ସ୍ୱତନ୍ତ୍ର ସଚିବ ରଘୁରାମ ଆର୍.ଆୟର, ଆଇନ୍ ଅଧିକାରୀ ମାଧୁରୀ ମିଶ୍ର ଓ ସେକ୍‌ସନ୍ ଅଧିକାରୀ ଉତ୍ତମ କୁମାର ପରିଡା ଉପସ୍ଥିତ ରହି ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନରମାନଙ୍କୁ ଇଭିଏମ୍ ମାଧ୍ୟମରେ ଭୋଟଗ୍ରହଣ ସଂପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ।

ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନରମାନେ ଇଭିଏମ୍ ତାଲିମ ନେଇ ଜିଲ୍ଲାସ୍ତରରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରିବେ। ଆସନ୍ତାକାଲି ଅବଶିଷ୍ଟ ୧୫ଟି ଜିଲ୍ଲାର ମାଷ୍ଟର ଟ୍ରେନରମାନଙ୍କୁ ଇଭିଏମ୍ ମାଧ୍ୟମରେ ଭୋଟଗ୍ରହଣ କରାଯିବା ସଂପର୍କରେ ତାଲିମ ପ୍ରଦାନ କରାଯିବ।

ରାଜ୍ୟର ସମୁଦାୟ ୧୦୭ଟି ପୌର ସଂସ୍ଥା ଓ ୩ ମହାନଗର ନିଗମର ୧୯୩୧ଟି ୱାର୍ଡର ୪୫୮୪ଟି ବୁଥ୍‌ରେ ନିର୍ବାଚନ ଅନୁଷ୍ଠିତ ହେବ।





ପ୍ରତ୍ୟେକ ବୁଥ୍‌ରେ ୨ଟି ଲେଖାଏଁ ଇଭିଏମ୍ ରହିବ। ଗୋଟିଏ କାଉନ୍‌ସିଲର/କର୍ପୋରେଟର ଓ ଅନ୍ୟଟି ଅଧକ୍ଷ/ମେୟର ନିର୍ବାଚନ ପାଇଁ ବ୍ୟବହୃତ ହେବ। ପ୍ରାୟ ୧୧ ହଜାରରୁ ଅଧିକ ସଂଖ୍ୟକ ଇଭିଏମ୍ ପୌରସଂସ୍ଥା ନିର୍ବାଚନରେ ବ୍ୟବହାର କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୋର ମାଗଦର୍ଶକ- ଦିପାଳୀବାଳା ଭୂୟାଁ

**କଟକ(ସଂପର୍କବାର୍ତ୍ତା):-** ମୁଁ ଏକ ରାଜନୈତିକ ପରିବାରର ବୋହୂ ଅଟେ। ମୋ ଶ୍ୱଶୁର ଶ୍ରୀଯୁକ୍ତ ଅଭୟ ଚରଣ ଭୂୟାଁ ଯାହାଙ୍କ ବୟସ ୧୦୦ ବର୍ଷ ହେବ ସେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ଜନତା ଦଳରେ କାର୍ଯ୍ୟ କରୁଥିଲେ ସେଥିପାଇଁ ତାଙ୍କର ମଧ୍ୟ ସୁନାମ ରହିଅଛି। ମୋର ସ୍ୱାମୀ ପବିତ୍ର କୁମାର ଭୂୟାଁ (କୋଇଲି) ପ୍ରାକ୍ତନ କର୍ପୋରେଟର ୨୦୦୯ ମସିହା ସିଏମ୍‌ସି ନିର୍ବାଚନରେ ୩୫ ନଂ ୱାର୍ଡ଼ରୁ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ତେଣୁ ମୋର ୱାର୍ଡ଼ ବାସିନ୍ଦାଙ୍କର ହାତ ଗଢ଼ାରେ ମୋର ସ୍ୱାମୀ ଶ୍ରୀ ଭୂୟାଁଙ୍କର କଟକ ସମେତ ଅନ୍ୟ ସ୍ଥାନରେ ରାଜନୈତିକର ସ୍ୱତନ୍ତ୍ର ପରିଚୟ ରହିଅଛି। ୩୫ ନଂ ୱାର୍ଡ଼ର ଗୁରୁଜନ, ମୁରବୀ, ମା, ଭଉଣି, ଭାଇ, ଯୁବକ, ଯୁବତୀ, ଛାତ୍ର, ଛାତ୍ରୀମାନେ ମୋ ସ୍ୱାମୀ ରାଜନୈତିକ ନିଜ ହାତରେ ଗଢ଼ି ତୋଳିଥିବା ହେତୁ ସର୍ବପ୍ରଥମେ ମୋର ୱାର୍ଡ଼ବାସୀନ୍ଦାଙ୍କର ନିକଟରେ କୃତଜ୍ଞତା ଜଣାଉଅଛି। ଏହାପରେ ମୁଁ ସର୍ବପ୍ରଥମେ ଜଣେ ଅଣ ରାଜନୀତିଜ୍ଞ ଭାବେ ସୁଗୃହିଣୀଭାବେ ପରିଚୟରେ ବଞ୍ଚେ। ୨୦୧୪ ମସିହା ସିଏମ୍‌ସି ନିର୍ବାଚନରେ ମୋତେ କଂଗ୍ରେସ ଦଳ ଟିକେଟ୍ ନ ଦେଇ ୩୫ ନଂ ୱାର୍ଡ଼ର କର୍ପୋରେଟର ପ୍ରାଥିନିଭାବେ ନିର୍ବାଚନ ପ୍ରତିଦ୍ୱନ୍ଦିତା କରିବାରୁ ବଞ୍ଚିତ କଲା। ଯେହେତୁ ମୋ ସ୍ୱାମୀ କର୍ପୋରେଟର ଥିବା ସମୟରେ ୫ ବର୍ଷ ମଧ୍ୟରେ ୱାର୍ଡ଼ରେ ବୋଷ କଲୋନୀ, ବେହେରା କଲୋନୀ, ସୁଇପର କଲୋନୀ, ଜୟ ମଙ୍ଗଳା ସାହି, କେନାଲ କୁଳ, ବାଲିସାହି ବ୍ୟାରେଜ କଲୋନୀ, ନଦୀକୁଳ ସାହି, ଫାଣ୍ଡି କଲୋନୀ, ନୂଆ ପୁରୁଣା ଆମ୍ବ ତୋଟା କଲୋନୀ, ମୋଚି ସାହି, ଏମ୍ପୋରିୟମ ଗଳି, ବାଘ ମଙ୍ଗଳା, ନିୟୋଗି କଲୋନୀ, ଓକିଲ ସୌମ୍ୟ ମିଶ୍ର ଗଳି, ଏହିଭଳି ଅନ୍ୟ ସାହି ମୋର ୱାର୍ଡ଼ର ସମସ୍ତ ରାସ୍ତା, ଡ୍ରେନ, ପାର୍କ, ଷ୍ଟ୍ରିଟ୍ ଲାଇଟ୍, ରାସନକାର୍ଡ଼ କରିଥିଲେ ତା' ସହିତ ପ୍ରତ୍ୟେକ ଦିନ ପ୍ରାତଃ ୫ ଘଟିକାଠାରୁ ଉଠି ରାସ୍ତା ସଙ୍ଗେର ନାଳନର୍ଦ୍ଦମା ସଫା, ରାସ୍ତା ପାର୍ଶ୍ୱରୁ ଅନାବନା ଗଛ କାଟିବା, ମାଟି ଉଠାଇବା ନର୍ଦ୍ଦମାରେ ମଶା ତେଲ ପକାଇବା, ମଣାଧୁଆଁ ଛାଡ଼ିବା, ବୃକ୍ଷରୋପଣ କରିବା ସହିତ ବେକାର ଯୁବକ, ଯୁବତୀମାନଙ୍କପାଇଁ ଆତ୍ମ ନିଯୁକ୍ତି କରିବାରେ ସାହାଯ୍ୟ କରିବା ସହ, ବାର୍ଦ୍ଧକ୍ୟ, ବିକଳାଙ୍ଗ, ବିଧବା, ଅଭିବାହିତାମାନଙ୍କୁ ମଧୁ ବାବୁ ପେନସନ୍ (ଉଣା) ପ୍ରଦାନ କରିବା ସହ, ଥାନା, ଫାଣ୍ଡି, କୋର୍ଟ, କଚେରି, ମେଡ଼ିକାଲରେ ସେବା କାର୍ଯ୍ୟରେ ନିୟୋଜିତ ହୁଅନ୍ତି। ଏହି ସବୁ କାର୍ଯ୍ୟକୁ ପାଥେୟ କରି ମୋତେ ମୋ ୱାର୍ଡ଼ବାସୀ ସ୍ୱାଧୀନ କର୍ପୋରେଟର ପ୍ରାର୍ଥୀନି ଭାବେ ପ୍ରତିଦ୍ୱନ୍ଦିତା କରିବାପାଇଁ ଅନୁମତି ଦେଇଥିଲେ। ୱାର୍ଡ଼ ବାସୀଙ୍କର ସାହାଯ୍ୟ, ସହଯୋଗ ଓ ଆର୍ଶୀବାଦରେ ୨୦୧୪ ସିଏମ୍‌ସି ନିର୍ବାଚନରେ ବିଜୟୀ ହେବାପରେ ମୋତେ ବାରବାଟୀ-କଟକ ବିଧାୟକ ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ, ଚୌଦ୍ୱାର-କଟକ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କର ଡାକରା ପାଇଁ ମୋ ୱାର୍ଡ଼ର ବାସୀଙ୍କ ସମର୍ଥନରେ ମୋ ଶଶୁରଙ୍କର ପରାମର୍ଶରେ ଭୁବନେଶ୍ୱର ରାଜ କାର୍ଯ୍ୟାଳୟ ବିଜୁ ଜନିତା ଦଳର ସଭାପତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ କାମନା କରି ବିଜେଡ଼ିରେ ମିଶିଥିବାରୁ ସେଇଦିନଠାରୁ ମୁଁ ଜଣେ ରାଜନୈତିକ ମହିଳା ଭାବରେ କଟକ ସହରରେ ସମ୍ମାନ ପାଇଲି। ଆଗରୁ ରାଜନୀତି କରୁ ନ ଥିଲି କିମ୍ବା ମୋତେ ରା' ଅକ୍ଷର ମାଲୁମ ନଥିଲା। ଯେବେଠାରୁ ବିଜେଡ଼ିରେ ମିଶିଲି ସେହି ଦିନଠାରୁ ମୋର ବଡ଼ ଭାଇ ଏ ମୋର ରାଜନୈତିକ ଗୁରୁ, ମୋର ପରାମର୍ଶଦାତା ଓ ମୋର ମାଗଦର୍ଶିକା ପାଇ ରାଜନୀତି କାର୍ଯ୍ୟଶିଖି କରୁଅଛି। କେବଳ ପ୍ରାକ୍ତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଆଶୀର୍ବାଦ କାମନା କରି ମୋତେ କଟକ ନଗର ବିଜୁ ମହିଳା ଜନତା ଦଳର ସା-ସମ୍ପାଦିକା ଓ କଟକ ଜିଲ୍ଲା ବିଜୁ ମହିଳା ଜନତା ଦଳର ସମ୍ପାଦିକା ଲୋକେ ମନୋନିତ କରିଅଛନ୍ତି। ଦଳର ଯେତେବେଳେ ଯେଉଁ କାମ ଦିଅନ୍ତି ମୁଁ ଓ ମୋର ସ୍ୱାମୀ ସେ କାମକୁ ସୁରୁଖୁରରେ କରୁ। ତେଣୁ ମୋତେ ମୋର ମାଗଦର୍ଶିକା ଶ୍ରୀ ପ୍ରଭାତ ଭାଇ ଆଗାମୀ ସିଏମ୍‌ସି ନିର୍ବାଚନରେ ଯାହା ନିର୍ଦ୍ଦେଶ ଦେବେ ତାହାକୁ ମୁଁ ନିର୍ମାଲ୍ୟ ସଦୃଶ୍ୟ ବହନ କରି କାର୍ଯ୍ୟ କରିବି। ଶେଷରେ ମୋର ୱାର୍ଡ଼ ବାସୀଙ୍କର ସାହାଯ୍ୟ, ସହଯୋଗ, ପରାମର୍ଶ ଆର୍ଶବାଦ କାମନା କରୁଛି। ନମସ୍କାର।





## ବିଜେଡି ସମେତ ୧୧ ସାଂସଦଙ୍କୁ ମିଳିବ 'ସଂସଦ ରତ୍ନ'

**ଭୁବନେଶ୍ୱର(ସଂର୍ପକବାର୍ତ୍ତା):-** ପ୍ରାଇମ ପାଇଣ୍ଟ ଫାଉଣ୍ଡେସନ ତରଫରୁ ଦେଶର ୧୧ ଜଣ ସାଂସଦଙ୍କୁ ୧୧ଜଣ ସାଂସଦଙ୍କୁ ସଂସଦ ରତ୍ନ ପୁରସ୍କାର ପାଇଁ ଚୟନ କରାଯାଇଛି। ସେମାନଙ୍କ ଏନସିପି ସାଂସଦ ସୁପ୍ରିୟା ସୁଲେ ବିଜେଡି ସାସଂଦ ଅମର ପଟ୍ଟନାୟକଙ୍କ ନାମ ବି ସାମିଲ ଅଛି। ଏମାନଙ୍କ ବ୍ୟତୀତ ବିଜେପିର ତାମିଲଡାନୁ ସାଂସଦ ଏଚ ଡି.ହାଣ୍ଡେ ବରିଷ୍ଠ କଂଗ୍ରେସ ନେତା ଏମ୍. ପ୍ରାଇମ ପାଇଣ୍ଟ ଫାଉଣ୍ଡେସନ ତରଫରୁ ମଙ୍ଗଳବାର ଦିନ କୁହାଯାଇଛି , ସଂସଦରେ ଅର୍ଥ,କୃଷି ଶିକ୍ଷା ଓ ଶ୍ରମ ମନ୍ତ୍ରଣାଳୟର ୪ଟି ସମିତିକୁ ବି ସମ୍ମାନୀତ କରାଯିବ। ସମ୍ମାନୀତ ହେବାକୁ ଥିବା ୧୧ଜଣ ସାଂସଦଙ୍କ ମଧ୍ୟରୁ ୮ଜଣ ଲୋକସଭାରୁ ଓ ୩ଜଣ ରାଜ୍ୟସଭା ସାଂସଦ ରହିଛନ୍ତି। ସଂସଦ ରତ୍ନ ପୁରସ୍କାରର ୧୨ତମ ସଂସ୍କରଣ ଚଳିତମାସ ୨୬ତାରିଖ ବିନ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଯାଉଛି। ଫାଉଣ୍ଡେସନର ସୂଚନା ମୁତାବକ ପୁରସ୍କୃତ ହେବାକୁ ଥିବା ୧୧ଜଣ ସାଂସଦଙ୍କ ମଧ୍ୟରେ ରହିଛିନ୍ତି ଏନସିପି ସାଂସଦ ସୁପ୍ରିୟା ସୁଲେ, ଆରଏସପି ସାଂସଦ ଏନ କେ ପ୍ରେମଚନ୍ଦନ, ଶିବସେନା ସାଂସଦ ଶ୍ରୀରଙ୍ଗ ଓପ୍ପା, ତୃଣମୂଳ କଂଗ୍ରେସ ସାଂସଦ ସୌଗତ ରାୟ କଂଗ୍ରେସ ସାଂସଦ କୁଲଦୀପ ରାୟ ଶର୍ମା, ଏନସିପି ସାଂସଦ ବିଦ୍ୟୁତ୍ ବରଣ ମହତୋ ବିଜେପି ସାଂସଦ ହିନା ବିଜୟ କୁମାର ଗାବିତ ଓ ସୁଧୀର ଗୁପ୍ତ। ସେହି ଭଳି ରାଜ୍ୟସଭାରୁ ପୁରସ୍କୃତ ହେବାକୁ ଥିବା ୩ ଜଣ ସାଂସଦଙ୍କ ମଧରେ ରହିଛନ୍ତି ବିଜେଡି ସାଂସଦ ଅମର ପ୍ରସାଦ ଶତପଥୀ, ଏନସିପି ସାଂସଦ ପୌଜିଆ ତହସୀନ ଅହମ୍ମଦ ଖାନ। ଏହାସହ କେରଳ କମ୍ୟୁନିଷ୍ଟ ପାର୍ଟି ସାଂସଦ କେ .କେ ରାଗେଶଙ୍କୁ ତାଙ୍କର ସର୍ବୋଚ୍ଚ ପ୍ରଦର୍ଶନ ପାଇଁ ମଧ ଫାଉଣ୍ଡେସନ ତରଫରୁ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଛି। ପ୍ରାଇମ ପାଇଣ୍ଟ ଫାଉଣ୍ଡେସନ ର ସଂସ୍ଥାପଦ ଶ୍ରୀନିବାସନ କହିଛିନ୍ତି କି ପୁରସ୍କାର ପାଇବାକୁ ଥିବା ସାଂସଦଙ୍କ ଚୟନ ୧୭ତମ ଲୋକସଭାରେ ଆରମ୍ଭରୁ ଶୀତକାଳୀନ ଅଧିବେଶନ ୨୦୨୧ଶେଷ ପର୍ଯ୍ୟନ୍ତ ପିଆରଏସ ଇଣ୍ଡିଆ ଦ୍ୱାରା ଉପଲବ୍ଧ କରାଯାଇଥିବା ଆଧାରରେ କରାଯାଇଛି।



# ସମ୍ପାଦକୀୟ

## ଅସମାନତା

ବିଶ୍ୱର ବିକଶିତ ଅର୍ଥ ବ୍ୟବସ୍ଥାଗୁଡିକରେ ମୁଦ୍ରାସ୍ଫିତି ବୃଦ୍ଧି ପାଉଛି। ଏହା କମ୍ ଦିନ ରହିବା ସମ୍ଭାବନା ଥିଲେ ମଧ୍ୟ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ସୁଧାରରେ ପ୍ରତିବନ୍ଧକ ଆଣୁଥିବା ଉକ୍ତ ପ୍ରସଙ୍ଗ ଉପରେ ଅଧିକ ଚର୍ଚ୍ଚା ହେଉନାହିଁ। ଅପରପକ୍ଷେ ଏହିସବୁ ଧନୀ ଦେଶ ଓ ଅବଶିଷ୍ଟ ବିଶ୍ୱ ମଧ୍ୟରେ ଅତ୍ୟଧିକ ଅସମାନତା ବୃଦ୍ଧି ପାଉଛି।

କିନ୍ତୁ ଚାଇନାରେ ଏମାନଙ୍କ ଠାରୁ ଭିନ୍ନ। ବିଶ୍ୱସ୍ତରେ ଚାହିଦା ବୃଦ୍ଧି ନ କରିବା ଦ୍ୱାରା ଏହିସବୁ ଅସମାନତା ଗରିବ ଦେଶଗୁଡିକର ଅର୍ଥ ବ୍ୟବସ୍ଥାକୁ ମାନ୍ଦା ଧନୀ ଦେଶଗୁଡିକରେ ନିବେଶକଙ୍କୁ ବି ପ୍ରଭାବିତ କରିବ। ଏବେ ଟେକ୍‌ନୋଲୋଜି ଏବଂ ବୃହତ୍ କମ୍ପାନୀଗୁଡିକର ଆର୍ଥିକ ସୁଧାର ଶୀଘ୍ର ହେଉଥିବା ବେଳେ କ୍ଷୁଦ୍ର ବ୍ୟବସାୟ ଏବଂ ଶିଳ୍ପଗୁଡିକ ବେଶୀ ପ୍ରଭାବିତ ହେଉଛନ୍ତି। ଧନୀ ଏବଂ ଅନ୍ୟ ବିକାଶଶୀଳ ଓ ଗରିବ ଦେଶଗୁଡିକ ମଧ୍ୟରେ ବିତ୍ତୀୟ କାର୍ଯ୍ୟକଳାପରେ ରହିଥିବା ଅତ୍ୟଧିକ ପ୍ରଭେଦ ଯୋଗୁ ଏହା ଘଟୁଛି। କୋଭିଡ୍-୧୯ ମହାମାରୀ ଯୋଗୁ ସବୁଠି ରାଜସ୍ୱ ସଂଗ୍ରହ ହ୍ରାସ ପାଇଥିଲେ ବି ଏପ୍ରିଲ୍ ୨୦୨୧ରେ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏଏମ୍ଏଫ)ର ଆକଳନ ଅନୁଯାୟୀ ୨୦୨୦ରେ ବିକଶିତ ଦେଶ ବା ଅର୍ଥ ବ୍ୟବସ୍ଥାଗୁଡିକ ସେମାନଙ୍କ ସାର୍ବଜନୀନ ବ୍ୟୟ ମହାମାରୀ ପୂର୍ବ ଜିଡିପିର ୬%ରୁ ଅଧିକ ବୃଦ୍ଧି କରିପାରିଥିଲେ। ବିକାଶଶୀଳ ଦେଶଗୁଡିକ ହାରାହାରି ୧୦%ରୁ ଅଧିକ ବ୍ୟୟ କରିଥିଲେ ଏବଂ ଗରିବ ଦେଶଗୁଡିକ ବହୁତ କମ୍ ବ୍ୟୟ କରିଛନ୍ତି।

ଅକ୍ଟୋବର ୨୦୨୧ ସୁଦ୍ଧା, ଏପରି କି କୋଭିଡ୍-୧୯ର ପୁନଃ ଲହର ଆର୍ଥିକ ସମସ୍ୟା ସୃଷ୍ଟି କରିଥିଲା। ଅନେକ ମଧ୍ୟମ ଏବଂ ନିମ୍ନ ଆୟବର୍ଗର ଦେଶରେ ବିତ୍ତୀୟ ନିଅଣ୍ଟ ବୃଦ୍ଧି ସେମାନଙ୍କ ଆର୍ଥିକ ଦୃଷ୍ଟିକୋଣକୁ ନଷ୍ଟ କରିବା ସହ ପୋଷଣ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅତ୍ୟାବଶ୍ୟକ ସାର୍ବଜନୀନ ବ୍ୟୟରେ ବାଧା ସୃଷ୍ଟି କରିଥିଲା। ତେବେ ବିଶ୍ୱର ଏକ ଅସ୍ୱଷ୍ଟ ବିତ୍ତୀୟ ପରିବେଶରେ ବିକାଶଶୀଳ ଦେଶଗୁଡିକ ପାଇଁ ଆଇଏମ୍ଏଫ୍ ସ୍ପେଶିଆଲ୍ ଡ୍ରଇଂ ରାଇଟ୍ସରେ ନୂଆ କରି ୬୫୦ ବିଲିୟନ ଡଲାର ଆବଣ୍ଟନ କରିଥିଲା। ଦୁର୍ଭାଗ୍ୟବଶତଃ, ଆଇଏମ୍ଏଫ୍‌ର କୋଟାରେ ଦେଶଗୁଡିକୁ ଏହି ଟଙ୍କା ବଣ୍ଟନ କରାଯାଇଛି, ଯେଉଁମାନେ ସେମାନଙ୍କ ଜିଡିପି ଉପରେ ସଂପୂର୍ଣ୍ଣ ନିର୍ଭର କରିଥାନ୍ତି। ଧନୀ ଦେଶଗୁଡିକ ପାଖାପାଖି ୪୦୦ ବିଲିୟନ ଡଲାର ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହାକୁ ଉପଯୋଗ ନ କରିବାର ସମ୍ଭାବନା ରହିଛି। ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡିକୁ ପାଖାପାଖି ୨୫୦ ବିଲିୟନ ଡଲାର ଦିଆଯାଇଛି। ମୁଖ୍ୟତଃ, ଦେଶଗୁଡିକ ମଧ୍ୟରେ ବ୍ୟାପକ ଅସମାନତା ରହିଥିବାବେଳେ ଗରିବ ଦେଶଗୁଡିକ ଦରକାର କରୁଥିବା ପାଣ୍ଠିର ଆବଶ୍ୟକତାକୁ ଲକ୍ଷ୍ୟ କଲେ ଉକ୍ତ ଏସ୍‌ଡିଆର୍ ଆବଣ୍ଟନ ବ୍ୟବସ୍ଥା ସଂପୂର୍ଣ୍ଣ ପୁରୁଣା ଉକ୍ତ ଏସ୍‌ଡିଆର୍ ଆବଣ୍ଟନ ବ୍ୟବସ୍ଥା ସଂପୂର୍ଣ୍ଣ ପୁରୁଣା ଏବଂ ନ୍ୟାୟସଙ୍ଗତ ନୁହେଁ ବୋଲି କୁହାଯାଇପାରେ। ବାଲାନ୍ସ ଅଫ୍ ପେମେଣ୍ଟ(ବିପିଓ) ସମସ୍ୟାକୁ ସାମ୍ନା କରୁଥିବା ବହୁ ବିକାଶଶୀଳ ଦେଶ ପାଇଁ ଏସ୍‌ଡିଆର୍ ଆବଣ୍ଟନ ଜୀବନରେଖା ଥିଲା ଏବଂ ଏହା ଆର୍ଥିକ ବ୍ୟବସ୍ଥାକୁ କିପରି ତଳକୁ ନ ଖସିବ ସେଥିରେ ସାହାଯ୍ୟ କରୁଥିଲା। ଅଗଷ୍ଟ ଠାରୁ ଅତି କମ୍‌ରେ



ସମ୍ପାଦକ

୮୦ଟି ଦେଶ ବିଭିନ୍ନ ଉଦ୍ଦେଶ୍ୟରେ ଏସ୍‌ଡିଆର୍ ପାଣ୍ଠି ଉପଯୋଗ କରିଛନ୍ତି। ୩୨ଟି ଦେଶ ତାହାକୁ ସମାନଙ୍କ ମୁଦ୍ରା ପାଇଁ ଏକ୍ସଚେଞ୍ଜ କରିଛନ୍ତି। ୫୫ ଦେଶ ଆଇଏମ୍ଏଫ୍‌ର ବକେୟା ଦେବାରେ ବ୍ୟୟ କରିଛନ୍ତି ଏବଂ ୩୯ ଦେଶ ସମ୍ଭବତଃ ସ୍ୱାସ୍ଥ୍ୟ ସେବା ଓ ଅନ୍ୟ ଯୋଜନାରେ ଖର୍ଚ୍ଚ କରିବା ଲାଗି ତାହାକୁ ସରକାରୀ ବଜେଟ୍‌ରେ ସାମିଲ କରିଛନ୍ତି। ଅନ୍ୟ ସବୁ ଅନ୍ତର୍ଜାତୀୟ ଫାଇନାନ୍ସିଂ ଅପେକ୍ଷା ଏସ୍‌ଡିଆର୍ ବହୁ ଲାଭଦାୟକ ବାହ୍ୟ ଋଣ କଥା ବିଚାରକୁ ନେଇ ବିନା ସର୍ତ୍ତରେ ପାଣ୍ଠି ଯୋଗାଇଦିଏ। ଏପରିକି ବିପିଓ ଚାପର ସମ୍ମୁଖୀନ ହେବାର ସମ୍ଭାବନା ରହିଥିବା, ମୁଲ୍‌ଟିଲାଟରାଲ୍ ଫଣ୍ଡିଂ ପାଇ ନଥିବା ମଧ୍ୟମ ଆୟ ବର୍ଗର ଦେଶଗୁଡିକ ସମେତ ସମସ୍ତ ଦେଶକୁ ଏସ୍‌ଡିଆର୍ ମିଳୁଛି। ଏବକାର ସୁଧ ହାର ୦.୧ ପ୍ରତିଶତରୁ କମ୍ ରହିଛି। ଜରୁରୀ ପାଣ୍ଠି ଆବଶ୍ୟକ କରୁଥିବା ଯୋଗାଇଦେବାରେ ଏହା ଏକ ସହଜ ଉପାୟ। ଏଥିପାଇଁ ଅନେକ ନେତା ଲଗାତର ଅଧିକ ଏସ୍‌ଡିଆର୍ ପାଣ୍ଠି ଚାହିଁଥାଆନ୍ତି। ଉଦାହରଣ ସ୍ୱରୂପ ୨୦୨୧ ନଭେମ୍ବରରେ ଗ୍ଲାସ୍‌ଗୋରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ(କପ୍୨୬)ରେ ବାର୍ବାଡସ୍‌ର ପ୍ରଧାନମନ୍ତ୍ରୀ ମିଆ ଆମୋର ମୋଟଲେ ଜଳବାୟୁ କାର୍ଯ୍ୟକ୍ରମ ଲାଗି ଏସ୍‌ଡିଆର୍‌ରେ ବାର୍ଷିକ ୫୦୦ ବିଲିୟନ୍ ଡଲାର ୨୦ ବର୍ଷ ପାଇଁ ଯୋଗାଇ ଦେବାକୁ ଦାବି କରିଥିଲେ। ୨୦୦୯ କପ୍୧୫ ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ଧନୀ ଦେଶଗୁଡିକ ବିକାଶଶୀଳ ଦେଶଗୁଡିକୁ ବାର୍ଷିକ ୧୦୦ ବିଲିୟନ୍ ଡଲାର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଯେହେତୁ ସେମାନେ ଏହା ପୂରଣ କରିପାରିନଥିଲେ। ନିୟମିତ ଏସ୍‌ଡିଆର୍ ସେହିସବୁ ଦେଶଗୁଡିକୁ ପାଣ୍ଠି ଯୋଗାଇ ଦେଇ ଜଳବାୟୁ ପ୍ରଭାହ କମାଇବାରେ ସାହାଯ୍ୟ କରିବ। ଏସ୍‌ଡିଆର୍ ପାଣ୍ଠି ମଧ୍ୟ ଯୋଗାଇ ଦେବ।

ବାର୍ଷିକ ଏସ୍‌ଡିଆର୍ ଆବଣ୍ଟନର ଆର୍ଥିକ ପରିଣାମ ସମ୍ପର୍କରେ ଯେଉଁମାନେ ଚିନ୍ତିତ, ସେମାନେ ମନେ ରଖିବା ଉଚିତ୍ ଯେ, ପ୍ରସ୍ତାବିତ ରାଶି ୨୦୦୮ ବୈଶ୍ୱିକ ଆର୍ଥିକ ସଙ୍କଟ ପରଠାରୁ ଧନୀ ଦେଶଗୁଡିକରେ କୋହଳ ଆର୍ଥିକ ନୀତିଗୁଡିକ ଦ୍ୱାରା ଲିକ୍ୱିଡିଟିରେ ବୃଦ୍ଧି ପାଇଥିବା ୨୫ ଟ୍ରିଲିୟନ୍ ଡଲାର ତୁଳନାରେ ଖୁବ୍ ନଗଣ୍ୟ। ଏବେ ଏସ୍‌ଡିଆର୍ ପରିମାଣ ୯୪୩ ବିଲିୟନ୍ ଡଲାର। ଏହା ଗ୍ଲୋବାଲ୍ ରିଜର୍ଭ ବା ବିଶ୍ୱରେ ବିଭିନ୍ନ ବ୍ୟାଙ୍କରେ ସଞ୍ଚିତ ମୋଟ ୧୨.୮ ଟ୍ରିଲିୟନ୍ ଡଲାରର ୭ ପ୍ରତିଶତ। ଏପରି କି ଗ୍ଲୋବାଲ୍ ରିଜର୍ଭରେ ଏସ୍‌ଡିଆର୍‌ର ଶେୟାର ୩୦-୫୦%। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ, ଏଥିରେ ଅଧିକ ପାଣ୍ଠି ଯୋଗାଇ ଦେବାରେ ସୁବିଧା ରହିଛି। ଏସ୍‌ଡିଆର୍ ଆବଣ୍ଟନରେ ଧନୀ ଦେଶଗୁଡିକ ପାଇଥିବା ୪୦୦ ବିଲିୟନ ଡଲାର କିଭଳି ଉପଯୋଗ କରିବେ ତାହା ହିଁ ମୁଖ୍ୟ ପ୍ରଶ୍ନ। ବାସ୍ତବରେ ସେମାନଙ୍କର ଏହା ଆବଶ୍ୟକ ନୁହେଁ। ତେବେ କେତେକ ଅତି ଧନୀ ଦେଶ ୧୦୦ ବିଲିୟନ ଡଲାର ଏସ୍‌ଡିଆର୍‌ରେ ପୁନଃ ଆବଣ୍ଟନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାବତ୍ ତାହା ପୂରଣ ହୋଇନାହିଁ। ଫଳରେ ଏବେ ଥିବା ଏସ୍‌ଡିଆର୍ କିପରି ରିସାଇକ୍ଲିଂ କରାଯିବ ତାହା ହିଁ ପ୍ରଶ୍ନ। ଏହାକୁ ଲକ୍ଷ୍ୟ କରି ୫୦ ବିଲିୟନ ଡଲାରର ଏକ ସମର୍ଥ ଏବଂ ସ୍ଥାୟୀ ଟ୍ରଷ୍ଟ ଗଠନ କରିବାକୁ ଆଇଏମ୍ଏଫ୍ ପ୍ରସ୍ତାବ ରଖିଛି। ଏହାଦ୍ୱାରା ଏସ୍‌ଡିଆର୍‌ର ଲାଭରୁ ବହୁ ବିକାଶଶୀଳ ଦେଶ ବଞ୍ଚିତ ହେବେ। ପ୍ରଥମେ ଏହାର ପରିମାଣ ବହୁତ କମ୍। ଚିନ୍ତାର ବିଷୟ ହେଉଛି, ସଂସାଧନଗୁଡିକ ଋଣ ଆକାରରେ ଯୋଗାଇ ଦିଆଯିବ, ଯାହାକୁ କମ୍ ସୁଧରେ ଫେରାଇବାକୁ ପଡିବ। ଏହି ଟଙ୍କା ବିକାଶଶୀଳ ଦେଶଗୁଡିକ ବଦଳରେ କେବଳ ନିମ୍ନ ଆୟ ବର୍ଗର ଦେଶ କିମ୍ବା ଏବେ ଆଇଏମ୍ଏଫ୍ କାର୍ଯ୍ୟକ୍ରମରେ ସାମିଲ୍ ଦେଶଗୁଡିକୁ ମିଳିବ। ଅନ୍ୟ ଅର୍ଥରେ କହିବାକୁ ଗଲେ ଆଇଏମ୍ଏଫ୍‌ର ପ୍ରସ୍ତାବିତ ଯୋଜନା ପୂର୍ବଭଳି ଏକ ବିଜ୍‌ନେସ୍। ଏହା ସୂଚିତ କରୁଛି ଯେ, ଏହାର ସକରାତ୍ମକ ପ୍ରଭାବ କମ୍ ରହିବ।

ଅନ୍ୟ ପ୍ରସ୍ତାବଗୁଡିକ ଅଧିକ ଆଶାଜନକ। ଧନୀ ଦେଶଗୁଡିକ ସେମାନଙ୍କ ଏସ୍‌ଡିଆର୍‌କୁ ରିଜିଓନାଲ୍ ଡେଭଲପମେଣ୍ଟ ବ୍ୟାଙ୍କଗୁଡିକୁ ଦେଇପାରିବେ ଏବଂ ସେମାନଙ୍କୁ ଏହା ରଖିବାର ଅଧିକାର ଦିଆଯାଇଛି। ଆଫ୍ରିକାନ୍ ଡେଭ୍‌ଲପମେଣ୍ଟ ବ୍ୟାଙ୍କ ଭଳି ସଂସ୍ଥାଗୁଡିକ ସେମାନଙ୍କ ପୁଞ୍ଜି ବଢାଇବାକୁ ଉପଯୋଗ କରିପାରିବେ ଏବଂ ଏସ୍‌ଡିଆର୍‌ର ଲକ୍ଷ୍ୟ ପୂରଣ ପାଇଁ ବିକାଶଶୀଳ ଦେଶଗୁଡିକୁ କାର୍ବନ ନିର୍ଗମନ କମାଇବା ଏବଂ ବଜେଟରେ ସାହାଯ୍ୟ କରିବା ଲାଗି ଅଧିକ ପାଣ୍ଠି ଯୋଗାଇ ପାରିବେ। ଅର୍ଥନୀତିଜ୍ଞ ଅବିନାଶ ପରସୌଦ ପ୍ରତିବର୍ଷ ଏକ ୫୦୦ ବିଲିୟନ ଡଲାର କ୍ଲାଇମେଟ ଫାଇନାନ୍ସ ଟ୍ରଷ୍ଟ ଗଠନ କରିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହାକୁ ଏସ୍‌ଡିଆର୍ ପାଣ୍ଠି ଯୋଗାଇବ। ଯେଉଁ ଦେଶଗୁଡିକ ପ୍ରସ୍ତାବିତ ନିବେଶ ଦ୍ୱାରା ଅଧିକ ସବୁଜ ଗ୍ୟାସ ନିର୍ଗମନ ହ୍ରାସ କରିବାକୁ ପ୍ରତିଶ୍ରୁତି ଦେବେ ଟ୍ରଷ୍ଟ ସେହି ଦେଶଗୁଡିକୁ ନିଲାମ ଆଧାରରେ ଚୟନ କରି ପାଣ୍ଠି ଯୋଗାଇ ଦେବ। ଯଦି ଧନୀଦେଶ ସରକାରଗୁଡିକ ଏହି ପ୍ରସ୍ତାବ ଉପରେ ସେମାନଙ୍କର ପ୍ରତିଶ୍ରୁତି ଦେବେ ଟ୍ରଷ୍ଟ ସେହି ଦେଶଗୁଡିକୁ ନିଲାମ ଆଧାରରେ ଚୟନ କରି ପାଣ୍ଠି ଯୋଗାଇ ଦେବ। ଯଦି ଧନୀଦେଶ ସରକାରଗୁଡିକ ଏହି ପ୍ରସ୍ତାବ ଉପରେ ସେମାନଙ୍କର ପ୍ରତିକ୍ରିୟା ପ୍ରକାଶ ନ କରନ୍ତି, ସେମାନେ ଏକ ବଡ ସୁଯୋଗ ହରାଇବେ। ସେମାନେ ମଧ୍ୟ ଏକ ନିଷ୍ପକ୍ଷ ଏବଂ ସ୍ଥାୟୀ ସୁଧାର ନିଶ୍ଚିତ କରିବାରେ ବିଫଳ ହେବେ ଯାହା ପରବର୍ତ୍ତୀ ସମୟରେ ସେମାନଙ୍କର କ୍ଷତି କରିବ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ନିର୍ବାଚନରେ ହିଂସା ଓ ଗଣମାଧ୍ୟମକୁ ଆକ୍ରମଣ



ଶ୍ୟାମସୁନ୍ଦର ସାମଲ
ବିଡ଼ାନାସୀ ବନ୍ଧଛକ, କଟକ
ଦୂରଭାଷ : ୯୭୭୮୬୩୫୯୨୬

ପଞ୍ଚାୟତ ନିର୍ବାଚନର ପ୍ରଥମ ତିନଟି ପର୍ଯ୍ୟାୟରେ ସମଗ୍ର ଓଡ଼ିଶାର ବିଭିନ୍ନ ଜାଗାରେ ରକ୍ତାକ୍ତ ହିଂସା ଓ ବିଶୃଙ୍ଖଳା ଦେଖିବାକୁ ମିଳିଛି। ଆସନ୍ତା ଗୁରୁବାର ୨୪ ତାରିଖ ପଞ୍ଚାୟତ ନିର୍ବାଚନ ଲାଗି ଶେଷ ପର୍ଯ୍ୟାୟ ମତ ଦାନ ହେବ। ୨୬ ତାରିଖରୁ ଆରମ୍ଭ ହେବ ଗଣତି। ଫଳାଫଳ ପ୍ରକାଶ ପାଇବା ପରେ କିଏ ଖୁସି ହେବ କିଏ ବି ଦୁଃଖି ଆଉ କିଏ ଦୋଷ ଅନ୍ୟ ଉପରେ ଲଦି ବା ଧନ୍ଦାରେ ମାତିବେ। ତେବେ ଯାହାହେଉନା କାହିଁକି ରାଜ୍ୟ ରାଜନୀତିକୁ ଏହି ନିର୍ବାଚନର ଫଳ ଅନେକ ବାର୍ତ୍ତା ଦେବ। ଚଳିତ ନିର୍ବାଚନରେ ଅନେକ ବିଲକ୍ଷଣ ଓ ବ୍ୟତିକ୍ରମ ଦେଖାଦେଇଛି। ହିଂସା ଯେଉଁପରି ପର୍ଯ୍ୟାୟରେ ପହଞ୍ଚିଛି ସବୁଠାରୁ ବଡ଼ ଦୁଃଖଦ ଘଟଣା ହେଉଛି ରାଜ୍ୟର ବିଭିନ୍ନ ସ୍ଥାନରେ ଗଣମାଧ୍ୟମ ଉପରେ ରକ୍ତାକ୍ତ ଓ ଭୟଙ୍କର ଆକ୍ରମଣ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ଭାବେ ବିବେଚିତ ଏମାନଙ୍କ ଦାୟିତ୍ୱ ଅତ୍ୟନ୍ତ ସମର୍ପିତ ଓ ସ୍ମରଣୀୟ ନିଶ୍ଚୟ। କୁହାଯାଏ ଗଣତନ୍ତ୍ରରେ ସମ୍ବାଦପତ୍ର ଓ ସାମ୍ବାଦିକ ଅଦୃଶ୍ୟ ସାଧାରଣ ମଣିଷର ସ୍ୱର। ସାମ୍ୟବାଦୀମାନେ ପୁଞ୍ଜିପତି ଓ ସର୍ବହରାଙ୍କ କଥା କହିଥାନ୍ତି। ପ୍ରତ୍ୟେକ ସମାଜରେ 'ସର୍ବହରା' ଥାଆନ୍ତି, ଦଳିତ, ନିଷ୍ପେସିତ, ଶୋଷିତ, ବଞ୍ଚିତ, ଅବହେଳିତ, ବ୍ୟବସ୍ଥା ଠାରୁ ଦୂରରେ ଥିବା ବ୍ୟକ୍ତି ହିସାବରେ ଭିନ୍ନ ଭିନ୍ନ ଭାବରେ ହୁଏତ ସେମାନେ ନାମିତ ହୋଇଥାନ୍ତି। ଆଜି ଦୃଶ୍ୟପଟ୍ଟ ବଦଳି ଯାଇଛି। ଆଜିର ସମୟରେ ଅନେକ ଗଣମାଧ୍ୟମର ମାଲିକ, ସମ୍ପାଦକ ଓ ପରିଚାଳକମାନେ ସିଧାସଳଖ ରାଜାନୀତିରେ ଅଛନ୍ତି। ତେଣୁ ସେମାନେ ଅନ୍ଧ, ମୂକ, ବଧିର ହୋଇଯାଇଛନ୍ତି ଓ ନିଜ ଧର୍ମକୁ ଭୁଲି ଯାଇଛନ୍ତି ତାହା ବି ହେବା ସ୍ୱାଭାବିକ କାରଣ ବିଜ୍ଞାପନ ଓ ଅନେକ ସହାୟତା ମଧ୍ୟ ବଡ଼ ପ୍ରସଙ୍ଗ ରଖିଥାଏ। ଏହି ପ୍ରସଙ୍ଗରେ ଲେଖିଲାବେଳକୁ ମନେପଡୁଛି ଏକଦା ଆମେରିକୀୟ ପ୍ରକାଶକ କାଥେରାଇନ ଗ୍ରାହାମ କହିଥିଲେ - 'ଖବରକୁ ହିଁ ରୋକିବାର ପ୍ରୟାସ କରାଯାଏ। ବାକି ସବୁ ତ ବିଜ୍ଞାପନ ଓ ପ୍ରଚାର।' ଓଡ଼ିଶାର ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମର ମାଲିକ ଓ ସମ୍ପାଦକମାନେ ନିଜର ଆତ୍ମା ଓ ବିବେକକୁ ଏଭଳି ବିକ୍ରି କରିଦେଇଛନ୍ତି କିଛି ବିନିମୟ ମୂଲ୍ୟ ପ୍ରତିବଦଳରେ ଯେ, ସମଗ୍ର ବ୍ୟବସ୍ଥା ଏବେ ଶ୍ମଶାନରେ।

ଏ ପର୍ଯ୍ୟନ୍ତ ନିର୍ବାଚନୀ ହିଂସାରେ ମୋଟ ୨୮,୭୭୭ ଜଣଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଥିବାବେଳେ ହିଂସା ଭିଆଇବା ଅଭିଯୋଗରେ ବିଭିନ୍ନ ଦଳରୁ ୧୯୦୬ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୩୮ଟି ମାରଣାସ୍ତ୍ର ଓ ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ କରାଯାଇଛି। ଏହା ଏକ ଅତି ଉଦବେଗଜନକ ବିଷୟ। କିନ୍ତୁ ବିଶେଷ ଉଦବେଗଜନକ ବିଷୟ ହେଲା ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ। ଚଳିତ ପଞ୍ଚାୟତ ନିର୍ବାଚନୀ ହିଂସାରେ ଆହତଙ୍କ ତାଲିକାରେ ୧୦ରୁ ଅଧିକ ସାମ୍ବାଦିକଙ୍କ ନାମ ରହିଛି। ନିରପେକ୍ଷ ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକମାନେ ରାଜନୈତିକ ଆକ୍ରୋଶର ଶିକାର ହେବା ଚିନ୍ତାଜନକ ଓ ନିନ୍ଦନୀ ନିଶ୍ଚୟ। ଅପରପକ୍ଷରେ ନିଜ ଦାୟିତ୍ୱ ତୁଲାଉଥିବା ଗ୍ରାମାଞ୍ଚଳ ସାମ୍ବାଦିକ ବିଧା, ଗୋଇଠା, ତଣ୍ଟିଆ, ଧକ୍କା, ବାଡ଼ି ଓ ଲୁହାଛଡ଼ରେ ମାଡ଼ ଖାଇ ଲହୁଲୁହାଣ ହେଉଛନ୍ତି। ସେମାନେ ସହର ଠାରୁ ଦୂରରେ ରହୁଥିବାରୁ ଅନେକ ସାମ୍ବାଦିକ ଗୋଟିଏ ପଇସା ବି ପାଇନଥାନ୍ତି ତାହା ସତ୍ତ୍ୱେ ସେମାନେ ନିଜ ଗୁରୁଦାୟିତ୍ୱରୁ ବଞ୍ଚିତ ହୋଇନଥାନ୍ତି। ଦୁଇ ଭାଗରେ ବିଭାଜିତ ହୋଇଯାଇଛି ଗଣମାଧ୍ୟମ - ଅନୁଗୃହୀତ ଓ ବଞ୍ଚିତ। କିଛି ସାମ୍ବାଦିକ ସଂଗଠନ ମଧ୍ୟ ଅଛନ୍ତି। ସାମୟିକ ଭାବେ ନିନ୍ଦା କରି ଓ ସ୍ମାରକ ପତ୍ରଟିଏ ଦେଇ ଗଭୀର ନିଦରେ ଶୋଇପଡ଼ନ୍ତି ସେମାନେ ଭାବନ୍ତ ସେମାନଙ୍କ ଦାୟିତ୍ୱ ସରିଗଲା। ତିନିଟି ଯାକ ପର୍ଯ୍ୟାୟରେ ଯାଜପୁର ଜିଲ୍ଲାରେ ଯାହା ହୋଇଛି, ତାହା ଆଉ କିଛି ବଡ଼ ପ୍ରଶ୍ନ ଠିଆ କରିଛି। ଫେବୃଆରୀ ୨୦ ତାରିଖ ଦିନ ସାମ୍ବାଦିକମାନଙ୍କ ପ୍ରତି ଯେଉଁ ହିଂସାକାଣ୍ଡ ହେଲା, ତାହା ବିଞ୍ଝାରପୁରରେ। ଏଠିକାର ବିଧାୟିକାଙ୍କୁ 'ଅତି ଗଣତାନ୍ତ୍ରିକ' କାର୍ଯ୍ୟ ପାଇଁ ନିର୍ବାଚନ ଆୟୋଗ ବଡ଼ ଦୁଃଖରେ ୪୮ ଘଣ୍ଟା ପ୍ରଚାର ନିମନ୍ତେ ବାରଣ କରିଥିଲେ। ସେ କହିଥିଲେ, ତାଙ୍କ ସମର୍ଥକଙ୍କୁ ଭୋଟ ନଦେଲେ କିଛି ମିଳିବ ନାହିଁ। ଏହା ଦଣ୍ଡ ହିଁ ଥିଲା ତାଙ୍କ ପ୍ରତି। ତାଙ୍କ ଦଳ ବା ଦଳର 'ଅହିଂସା ପ୍ରେମୀ' ନେତା ଏହାକୁ ନିନ୍ଦା କରି ନଥିଲେ। ଯାଜପୁର ଜିଲ୍ଲାର ମୁଖ୍ୟ ଯୁବ ନେତା ଜଣକ ଶାସନର 'ଦୁଇ ନମ୍ବର' ବ୍ୟକ୍ତି ବୋଲି କୁହାଯାଏ। ରାଜ୍ୟ ରାଜନୀତିରେ ତାଙ୍କ ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସିଏ ଯୁବରାଜନୀତିର ଜଣେ ପ୍ରମୁଖ ପ୍ରେରଣାଦାତା। ତାଙ୍କପରି ଯୁବରାଜନେତା ଠାରୁ କେବଳ ଦଳ ନୁହେଁ ରାଜ୍ୟ ଅନେକ କିଛି ଆଶା କରେ। କେହି କେହି ତାଙ୍କୁ ଓଡ଼ିଶାର ଭବିଷ୍ୟତର ଭାଗ୍ୟ ନିୟନ୍ତା ମଧ୍ୟ କହୁଛନ୍ତି। ଏଭଳି ବ୍ୟକ୍ତିଙ୍କ ଠାରୁ ନିର୍ଦ୍ଦିଷ୍ଟ ଆଦର୍ଶ ଓ ନୈତିକତା ଆଶା କରାଯାଏ। କାରଣ ଉଚ୍ଚ ଅଭିଳାଷ ଖରାପ ନୁହେଁ, କିନ୍ତୁ ସେଥିପାଇଁ ଏକ ଆଚରଣଗତ ଭଦ୍ରତା ଅପେକ୍ଷା କରାଯାଏ। ଅମଳିନ, ସାଧୁ, ଭଦ୍ର ଓ ନୀତିବାନ ବ୍ୟକ୍ତିମାନେ ଜନାଦୃତ ହୁଅନ୍ତି ଓ ଲୋକ ସମ୍ମାନ ପାଆନ୍ତି।

ପାଞ୍ଚଟି ରାଜ୍ୟରେ ବିଧାନସଭା ଓ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ। ପାଞ୍ଚଟି ରାଜ୍ୟରେ ଏ ପର୍ଯ୍ୟନ୍ତ ସେଭଳି କୌଣସି ହିଂସାର ଖବର ଆସିନାହିଁ। ସାମ୍ବାଦିକଙ୍କୁ ଆକ୍ରମଣର ଗୋଟିଏ ମଧ୍ୟ ଦୃଷ୍ଟାନ୍ତ ଦେଖିବାକୁ ମିଳିନାହିଁ। ଆମର କିଛି ଲୋକେ ପ୍ରଲୋଭନ ଦ୍ୱାରା ନିୟନ୍ତ୍ରିତ। ଏବେ ଭୟଭୀତ 'ଅହିଂସା'କୁ ଦେଖି। କିନ୍ତୁ ଏହା ମଧ୍ୟ ସତ୍ୟ ଯେ ବୁଦ୍ଧିଜୀବୀମାନେ ନ ଦେଖିଲା ଭଳି ଅନ୍ୟ ଆଡ଼େ ଚାହିଁବେ, ରାଜୀନତି ସମୀକ୍ଷକମାନେ ଉତ୍ତର ପ୍ରଦେଶ, ପଞ୍ଜାବ ବିଷୟରେ ଆଲୋଚନା କରିବେ, ଖବରକାଗଜ ସମ୍ପାଦକମାନେ ଦୁଇ ଚାରିଟା ସାମ୍ବାଦିକ ମାଡ଼ ତ ଖାଇଛନ୍ତି, ବଡ଼ କଥାଟେ କ'ଣ ହୋଇଛି କହି ଉଚ୍ଚ ଅଧିକାରୀଙ୍କ ଜୟଜୟକାର କରିବେ।

ଗାଁ ଗହଳିର ଅଳ୍ପ ଦରମା ପାଇ ଅନେକ ସୁବିଧା ସୁଯୋଗରୁ ବଞ୍ଚିତ ସାମ୍ବାଦିକଟି ନିଜ କର୍ତ୍ତବ୍ୟ ପାଳନ କରିବାକୁ ଯାଇ ଗୁଣ୍ଡାଙ୍କ ଦ୍ୱାରା ମାଡ଼ ଖାଉଥିବ, ନ ହେଲେ 'ମହାଶକ୍ତିଶାଳୀ' ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ପ୍ରାଣବଳି ଦେଉଥିବ। ଭସ୍ମାସୁର ନିଜ ସ୍ରଷ୍ଟାକୁ ଆଗ ଗିଳିଥାଏ। ପଦଲେହନ ଚାଲୁ, କିନ୍ତୁ ଏକଥା ମନେ ରଖାଯିବା ଉଚିତ, ଯେ ଗୁଣ୍ଡାମାନେ ପରିଚୟ ମାଗନ୍ତି ନାହିଁ, ତା ପୁଣି ସୋମ ରସର ଆନନ୍ଦମୟ ଉତ୍ତେଜନା ଭିତରେ। ନିର୍ବାଚନ ବେଳେ ଗଣମାଧ୍ୟମ ଉପରେ ଆକ୍ରମଣ ଗଣତନ୍ତ୍ର ପାଇଁ ଆଦୌ ଶୁଭଲକ୍ଷଣ ନୁହେଁ। ବିଶେଷକରି ପୁଲିସ ଉପସ୍ଥିତିରେ ଏଭଳି ଘଟଣା ଘଟିବା ଆହୁରି ଦୁର୍ଭାଗ୍ୟଜନକ। ଦଳମତ ନିର୍ବିଶେଷରେ ଯେଉଁମାନେ ଏହି ଘଟଣା ପାଇଁ ଦାୟୀ ଆମେ ସେମାନଙ୍କୁ ଘୋର ନିନ୍ଦା କରୁଛୁ। ଏଥିସହିତ ପଞ୍ଚାୟତ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ଦୃଷ୍ଟି ଆକର୍ଷଣ କରୁଛୁ। ଅବଶ୍ୟ ସାମ୍ବାଦିକଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିର୍ବାଚନ କମିଶନ ଦୃଢ଼ ନିନ୍ଦା କରିବା ସହିତ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ଆୟୋଗଙ୍କ ଏହି ପଦକ୍ଷେପକୁ ଆମେ ସ୍ୱାଗତ କରୁଛୁ। ଏଥିସହିତ ଫାଷ୍ଟ ଟ୍ରାକକୋର୍ଟରେ ଏହାର ତୁରନ୍ତ ବିଚାର କରି ନ୍ୟାୟ ପ୍ରଦାନ କରାଯାଉ ବୋଲି ଆମେ ଦାବି କରୁଛୁ। ଯେଉଁ ସାମ୍ବାଦିକମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନଙ୍କୁ କ୍ଷତିପୂରଣ ଦେବା ସହିତ ସେମାନଙ୍କ ଚିକିତ୍ସାର ସମ୍ପୂର୍ଣ୍ଣ ଦାୟିତ୍ୱ ସରକାର ଗ୍ରହଣ କରିବା ଉଚିତ। ଗଣତନ୍ତ୍ର ଚାଲିଛି, ନିର୍ବାଚନ ହେଉଛି, ଗଣମାଧ୍ୟମ ବି ଅଛନ୍ତି ଦେଶରେ, ଆମ ରାଜ୍ୟରେ ଅନେକ ପ୍ରତିଭାବାନ ସାମ୍ବାଦିକ ରହିଛନ୍ତି ଯେଉଁମାନେ ନିଜ ଧର୍ମରୁ ସାମାନ୍ୟ ବି ବିଚ୍ୟୁତ ହୁଅନ୍ତି ନାହିଁ। ସେମାନଙ୍କ ହୃଦୟ, ସେମାନଙ୍କ ନୈତିକତା, ସେମାନଙ୍କ ଆଦର୍ଶ ଚିର ସ୍ମରଣୀୟ ଓ ସେମାନଙ୍କୁ ଯେତେ ପ୍ରଶଂସା କଲେ କମ ହେବ। ଏହିପରି ଗଣମାଧ୍ୟମର ବ୍ୟକ୍ତିତ୍ୱ ସିଏ ସାମ୍ବାଦିକଟି ହୁଅନ୍ତୁ ବା ସମ୍ପାଦକ ସେମାନଙ୍କ ଧର୍ମ ପାଇଁ ଆମେ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ପ୍ରଶଂସା କରୁଛୁ। ତେବେ ଗଣତନ୍ତ୍ରରେ ଲଗାତର ଭାବେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରମଣ କରୁଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ।

# ମାନବିକତାର ପ୍ରକୃତ ଅଧ୍ୟୟନ ହିଁ ମଣିଷତ୍ୱ



ଡାକ୍ତର ଦିଲ୍ଲୀପ କୁମାର ମହାରଣା
ଶିଖରପୁର ଉପରସାହି, କଟକ
ଦୂରଭାଷ : ୮୨୮୦୯୬୩୨୮୩

ଆଜିକାଲି ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଦ୍ୱାରା ଡିଗ୍ରୀଟାଏ ମିଳିବା ସହଜ। ଡିଗ୍ରୀଟା ମିଳିଗଲା ମାତ୍ରେ ଚାକିରୀଟାଏ ପ୍ରୟୋଜନ ହୁଏ। ଚାକିରୀ ସହଜଲବ୍ଧ ଜିନିଷ ନୁହେଁ। ତଦ୍ୱାରା ହତାଶା ଓ ନୈରାଶ୍ୟ ସୃଷ୍ଟି ହୁଏ ଏବଂ ସେ ଗୁଡ଼ିକ କେତେକ ଅବାଞ୍ଛନୀୟ ମାର୍ଗରେ ପରିପ୍ରକାଶ ହୁଏ। ଆଜିକାଲିର ଡିଗ୍ରୀ ଗୋଟିଏ ଭିକ୍ଷା ଥାଳି ସଦୃଶ। ଚାକିରୀ ପାଇଁ ଦ୍ୱାର ଦ୍ୱାର ବୁଲିବାକୁ ହୁଏ। ଆମେ ଆମର ପ୍ରକୃତ ସ୍ୱଭାବ ଓ ମାନବିକ ମୂଲ୍ୟବୋଧର ସାରତତ୍ତ୍ୱ ବୁଝି ପାରିଲେ, ଆତ୍ମ ନିର୍ଭରଶୀଳ ହୋଇ ପାରିବା। ନିଜ ଚିନ୍ତା, କଥା ଓ କର୍ମରେ ସାମଞ୍ଜସ୍ୟ ଆଣିବାକୁ ଚେଷ୍ଟା କରିପାରିଲେ ମାନବିକ ମୂଲ୍ୟବୋଧ ଆହରଣ କରିବାର ମାର୍ଗ ମିଳିଯିବ। ପ୍ରକୃତ ମନଚିତ ମୂଲ୍ୟବୋଧ ଆମେ ସେତେବେଳେ ଗ୍ରହଣ କରିପାରିବା ଯେତେବେଳେ ଆମେ ସତ କଥା ଶିଖିବା, ଶରୀର ମାଧ୍ୟମରେ ପବିତ୍ର କର୍ମ କରି ଶିଖିବା, ମନରୁ ଆସକ୍ତି ଓ ଅହଂକାର ଦୂର କରି ଶିଖିବା। ମାନବିକତାର ପ୍ରକୃତ ଅଧ୍ୟୟନ ହିଁ ମଣିଷତ୍ୱ। ମାନବିକତା ଅଧ୍ୟୟନ କରିବା ଅର୍ଥ ଚିନ୍ତା, କଥା କର୍ମରେ ସମନ୍ୱୟ ରକ୍ଷା କରିବା। ଏହି ତିନଟି ଯଦି ନିର୍ମଳ ଓ ପବିତ୍ର ହୋଇ ପାରିଲା ତେବେ ଆମେ ପ୍ରକୃତରେ ଜୀବନ ଭଳି ଜୀବନ ଯାପନ କରିଛେ। ଭଗବାନ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ଜଣେ ଜଣେ ଆଦର୍ଶ ସ୍ଥାନୀୟ ହେବା ଉଚିତ। ଶିକ୍ଷା ଲାଭର ମୂଳ ଲକ୍ଷ୍ୟ ହେଉଛି 'ଆଦର୍ଶ ଜୀବନ ଯାପନ କରିବା'। ସେହି ଶିକ୍ଷା ଭଳି ଶିକ୍ଷା ଲାଭ କରିବାକୁ ଆମେ ସଦା ଚେଷ୍ଟିତ ହେବା ଉଚିତ। ସ୍କୁଲ ବା କଲେଜର ଚାରିକାନ୍ଥ ଭିତରେ ବସି ଯାହା ଶିକ୍ଷା କରାଯାଏ ତାହାର ଅର୍ଥ ଶିକ୍ଷା ନୁହେଁ। ଆମ ଚର୍ତୁପାର୍ଶ୍ୱରେ ଥିବା ପ୍ରକୃତି ହିଁ ସର୍ବୋତ୍ତମ ଶିକ୍ଷାୟତନ। ସେ ଶିକ୍ଷାୟତନରୁ ମଧ୍ୟ ଅନେକ କିଛି ଆହରଣ କରିହେବ। ପ୍ରକୃତି ଠାରୁ ଆମେ ଯେଉଁ ଆନନ୍ଦ ଲାଭ କରୁ ତାହାକୁ ପାଠପଢ଼ା ଆନନ୍ଦ ସହ ତୁଳନା କରିହେବନାହିଁ। ଶିକ୍ଷା ନାଁଆରେ ଆମେ ଯାହା ଜାଣିବାକୁ ପାଉଛୁ ସେ ସବୁ ଶୂନ୍ୟରେ କୋଠ ଗଢ଼ିବା ସହ ତୁଳନୀୟ। ଶିକ୍ଷାଲାଭ କରିବା ସଙ୍ଗେ ସଙ୍ଗେ ତୁମ୍ଭେମାନେ ଆଜ୍ଞାନୁବର୍ତ୍ତିତା ଓ ବିନମ୍ରତା ମଧ୍ୟ ଅଭ୍ୟାସ କରିବା ଦରକାର। ତାହାକୁ ପ୍ରକୃତ ସଂସ୍କାର କୁହାଯିବ। ସଂସ୍କାର ତୁମ ଭିତରେ ରୂପାନ୍ତର ସୃଷ୍ଟି କରେ। ଆମ୍ଭମାନଙ୍କ କାମନା ବାସନାର ସୀମା ନାହିଁ। ଆମ ଅହଂକାର ତତୋଧିକ। ଆମେ ସର୍ବଦା ଆସକ୍ତି ବିଜଡ଼ିତ। ଇନ୍ଦ୍ରିୟାସକ୍ତି ଯୋଗୁଁ ହିଁ ଆମେ ଦୁଃଖ କଷ୍ଟ ଦ୍ୱାରା ଆକ୍ରାନ୍ତତ। ଇନ୍ଦ୍ରିୟ ପ୍ରବୃତ୍ତି ଓ ଏହାର ଆବେଶ ଗୋଟିଏ ଗୋଟିଏ ତରଙ୍ଗ ସଦୃଶ। ମୁହୂର୍ତ୍ତକ ପାଇଁ ମାତ୍ର ଏହା ଆମ ସମ୍ମୁଖରେ ଦୃଶ୍ୟମାନ ହୁଏ, ସେତେବେଳେ କିନ୍ତୁ ନିଜକୁ ସଂଯତ କରି ଶାନ୍ତିର ଉପାୟ ଅନ୍ୱେଷଣ କରିବା ଦରକାର।'

ଅ । ମେ ସମସ୍ତେ ଜାଣିଛେ ପାଞ୍ଚଟି ମହାନ ତତ୍ତ୍ୱ ଏ ସମଗ୍ର ସୃଷ୍ଟିର ମୂଳଭିତ୍ତି। ସେ ଗୁଡ଼ିକ ପଞ୍ଚପ୍ରାଣ, ପଞ୍ଚମହାଭୂତ, ପଞ୍ଚକୋଷ ସଦୃଶ। ସେଗୁଡ଼ିକ ହେଉଛି ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା। ପ୍ରେମ ଏ ସବୁ ଗୁଡ଼ିକର ଅନ୍ତଃସାର। ଆମଠାରେ ଯଦି ପ୍ରେମ ଭାବ ନାହିଁ ତେବେ ତାହା ମୃତ୍ୟୁ ସହ ସମାନ। ଏହି ପ୍ରେମ ହିଁ ସର୍ବବ୍ୟାପି, ସର୍ବଜୀବାନ୍ତରାତ୍ମା, ସବୁକିଛି। ଭାବନା ମାଧ୍ୟମରେ ପ୍ରେମ ହିଁ ସତ୍ୟ। କର୍ମ ମାଧ୍ୟମରେ ପ୍ରେମ ହିଁ ଧର୍ମ। ଅନୁଭବ ମାଧ୍ୟମରେ ପ୍ରେମ ହିଁ ଶାନ୍ତି। ପ୍ରେମକୁ ହୃଦୟଙ୍ଗମ କରିବା ହିଁ ଅହିଂସା। ସତ୍ୟ, ଧର୍ମ, ଶାନ୍ତ ଓ ଅହିଂସା ଏ ସବୁର ଅନ୍ତଃସଲିଳା ହେଉଛି ପ୍ରେମ। ଏହି ପ୍ରେମର ଅଭିବୃଦ୍ଧି ଓ ବିକାଶ ପାଇଁ ଆମେ ଚେଷ୍ଟା କରିବା ଉଚିତ। ଘୃଣାଭାବ ଦୂର କରିବାକୁ ଲାଗିପଡିବା। ନିଜର ପ୍ରବୃତ୍ତି ଓ ଆବେଗକୁ ନିୟନ୍ତ୍ରଣ କରିବା। ଅହଂକାର ବିନାଶ ହେଉ। ମାନବ ଠାରେ ଆଶା କରାଯାଉଥିବା ମାନବିକ ମୂଲ୍ୟବୋଧର ସାରାଂଶ ଏତିକି। କେବଳ ପୁସ୍ତକ ସହ ନିବିଡ଼ ପରିଚୟ ଥିଲେ ଆମେ ଶିକ୍ଷିତ ହୋଇ ପାରିବ ନାହିଁ। ପୁସ୍ତକ ଲବ୍ଧ ଜ୍ଞାନ ଆଜି ପାଇଁ, କାଲିକୁ ଓ ପରଦିନକୁ ତାହା ବିରାଗ ପୂର୍ଣ୍ଣ। ଶିକ୍ଷାରୁ ମିଳୁଥିବା ଜ୍ଞାନ କର୍ମରେ ରୂପାନ୍ତରିତ ହେବା ଦରକାର। ଶିକ୍ଷାର ଚରମ ଲକ୍ଷ୍ୟ ଚରିତ୍ର। ଚରିତ୍ର ବିନା କୌଣସି ମାନବିକ ମୂଲ୍ୟବୋଧ ଥାଇ ନପାରେ। ଚରିତ୍ର ବିନା ମଣିଷ କୌଣସି ଏକ ଜନ୍ତୁ ବା ପଶୁ ଠାରୁ ବି ହୀନ। କଥିତ ଅଛି ଜୀବନର ତିନି ଚତୁର୍ଥାଂଶ ଚରିତ୍ର ଅଟେ। ମାନବ ଜୀବନ ପାଇଛେ ଯେତେବେଳେ ଚେଷ୍ଟା କରିବା ଓ ଦୈବତ୍ୱର ବିଭିନ୍ନ ଉପାଦାନକୁ ଗୋଟିଏ ହାତରେ ଧରି ଅନ୍ୟ ହାତରେ ମାନବିକତାର ସାରତତ୍ତ୍ୱକୁ ଆହରଣ କରିବା। ସମସ୍ତ ଧର୍ମର ଶେଷ କଥା, ସମସ୍ତ ମତବାଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ସମସ୍ତ ଶାସ୍ତ୍ର ପୁରାଣ ମାନଙ୍କର ଭକ୍ତି ସେଇ ଗୋଟିଏ କଥା ପ୍ରେମ, କେବଳ ପ୍ରେମ। ନିର୍ମଳ ପ୍ରେମ। ଦେଖିବାକୁଗଲେ ଭିନ୍ନ ଭିନ୍ନ ଧର୍ମର ସାରକଥା ପୁଣି ସେଇ ପ୍ରେମ। ସାଇଧର୍ମ ହେଉଛି ଏହି ଭିନ୍ନ ଧର୍ମ ମାନଙ୍କ ମଧ୍ୟରେ ଥିବା ଏକତ୍ୱ ଯାହା ପ୍ରକୃତ ଧର୍ମ। ଏ କଥା ଜୀବନରେ ଅନୁଭବ କରିବାକୁ ହେବ। ଥରେ ଆମ ଦୈନନ୍ଦିନ ଜୀବନରେ ଏକଥାଟିକୁ ରୂପ ଦେଇ ପାରିଲେ ଆମ ଜୀବନ ଧନ୍ୟ ହୋଇଯିବ। ଏବଂ ଏହି ଦିବ୍ୟ ସତ୍ତାର ଦୃଷ୍ଟିଭଙ୍ଗୀ ନେଇ ସମାଜରେ ସେବା କ୍ଷେତ୍ରକୁ ଝାସ ଦେବା। ସେବା ନକଲେ ଜୀବନ ବ୍ୟର୍ଥ। କେବଳ ଏଇଥି ପାଇଁ ଆମକୁ ଏ ମାନବ ଶରୀର ପ୍ରଦାନ କରାଯାଉଛି। ପରୋପକାରମିଦଂ ଶରୀରମ୍। ଏଇ ଶରୀରକୁ ଲଗାଇ ଦୁଃଖୀ, ଦରିଦ୍ର, ଅସହାୟ ଓ ନିରାଶ ଲୋକ ମାନଙ୍କର ସେବା କର। ଭାରତର ଶତକଥା ୮୦ ଭାଗ ତରୁଣ ଅବଶିଷ୍ଟ ୨୦ ଭାଗ ମଧ୍ୟ ବୟସ୍କ ଓ ବୃଦ୍ଧ। ଏହି ଯୁବଗୋଷ୍ଠୀ ସାହାଯ୍ୟରେ ଦେଶରେ ବା ପୃଥିବୀରେ କେତେ କଲ୍ୟାଣକର କାମ କରାଯାଇ ପାରନ୍ତା। ଆଜିର ପିଲାମାନଙ୍କର ଯତ୍ନ ଓ ସେମାନଙ୍କୁ ସେବା କ୍ଷେତ୍ରରେ ଆଗୁଆ କରି ପାରିଲେ ସେମାନଙ୍କ ଠାରେ ଦୈବତ୍ୱର ପରିପ୍ରକାଶ କରାଇବା ସଙ୍ଗେ ସଙ୍ଗେ ଭାରତର ଏହି ସନ୍ଦେଶ ବିଶ୍ୱର କୋଣ ଅନୁକୋଣେ ପହଞ୍ଚା ଯାଇପାରନ୍ତା। ମାନବ ଜନ୍ମ ପାଇ ମାନବୋଚିତ ବ୍ୟବହାର କରିବା ଉଚିତ। ଜଙ୍ଗଲୀ ଜାନୁଆର ଭଳି ଆଚରଣ ଦେଖାଇବା ନାହିଁ। ମଣିଷ ଭଳି ଜୀବନ ଯାପନ କରିବା ହେଉଛି ମାନବିକ ମୂଲ୍ୟବୋଧ ଶିକ୍ଷାର ସାରକଥା। ତାହା ହିଁ ଦୈବତ୍ୱ। ତାହା ହିଁ ପବିତ୍ର, ତାହା ହିଁ ଦୟା। ନିଜର ଦେହାତ୍ମବୋଧରେ ଭାସି ଯାଅ ନାହିଁ। ମନ ଓ ଆତ୍ମା ମଧ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ। ଶରୀରକୁ ମନ ଓ ଆତ୍ମାର ଅଂଶ ବିଶେଷ ବୋଲି ଗ୍ରହଣ କରିବା। ପ୍ରେମର ସହ ସମାଜ ଭିତରେ ବାସ କରିବା। ଆମ ସମାଜରେ ପ୍ରେମ ଠାରୁ ବଡ଼ ଜିନିଷ କ'ଣ? ଆମ ସମାଜରେ ପ୍ରେମ ଠାରୁ ବଡ଼ ଜିନିଷ ଆଉ କିଛି ନାହିଁ। ଆମେ ବିଶ୍ୱାସ କରୁ ବା ନକରୁ, ପ୍ରେମ ହିଁ ମନୁଷ୍ୟ, ପ୍ରେମ ହିଁ ଏ ସୃଷ୍ଟିରେ, ଏ ସମାଜରେ ସବୁ କିଛି। କେବଳ ଏଇ ପ୍ରେମପୂର୍ଣ୍ଣ କର୍ମ ମାଧ୍ୟମରେ ଭାରତର ପୂର୍ବ ଗୌରବ ଓ ଐତିହ୍ୟକୁ ଫେରାଇ ଆଣି ହେବ।

# ଜୀବନର ଲକ୍ଷ୍ୟ

ଦେବଦତ୍ତ ବିଶ୍ୱାଳ
ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ,
ଦୂରଭାଷ : ୯୮୬୧୯୪୪୫୯୪

ଆଜିକାଲି ଆମ୍ଭମାନଙ୍କ ପାଖରେ ଅର୍ଥ ଅଛି, କ୍ଷମତା ଅଛି, ପ୍ରତିପତ୍ତ ଅଛି ଏବଂ ସର୍ବପରି ଅନେକ ସାମର୍ଥ୍ୟ ବି ରହିଛି ହେଲେ ଏ ସବୁ ଭିତରେ ବାସ୍ତବ କଥା ହେଉଛି ପ୍ରକୃତରେ ଜୀବନର ଲକ୍ଷ୍ୟ କ'ଣ? ସଂସାରରେ ଜନ୍ମ ହୋଇ ବଢ଼ି ପରବର୍ତ୍ତୀ ସମୟରେ ଜୀବିକା ଅର୍ଜନ କରି, ଘର ସଂସାର କରି ଜୀବନ ବିତାଇବା କ'ଣ ପ୍ରକୃତରେ ଜୀବନର ଲକ୍ଷ୍ୟ କି? ଆସନ୍ତୁ ଜୀବନର ଲକ୍ଷ୍ୟ ସମ୍ବନ୍ଧରେ କିଛି ଜାଣିବା। ଆମ୍ଭେମାନେ ସବୁ ସେବକ। କାରଣ ଆମେ ସଦା ସର୍ବଦା ସେବା କାମରେ ନିୟୋଜିତ। 'ସେବା' ପ୍ରକୃତରେ କ'ଣ? ଏହା ଏକ ମାର୍ଗ ଯାହା ମାଧ୍ୟମରେ, ଭକ୍ତି ପ୍ରକଟିତ ହୋଇଥାଏ। ଭକ୍ତିର ପରିଣାମ କ'ଣ ସେବା ନା ଏହା ଭକ୍ତିର କାରଣ? ଏହା ଗୋଟିଏ ମାଧ୍ୟମ ଯାହା ଜରିଆରେ ଭକ୍ତି ନିବେଦିତ ହୁଏ ବା ପରିବର୍ଦ୍ଧିତ ହୁଏ? ନା, ଏହା ଭକ୍ତିର ନିଦର୍ଶନ ନୁହେଁ ବା ଭକ୍ତିର ଫଳ ନୁହେଁ। ଭକ୍ତିର ସାରମର୍ମ ହେଉଛି ସେବା, ଭକ୍ତର ଶ୍ୱାସ ପ୍ରଶ୍ୱାସ ହିଁ ସେବା, ଏହା ଭକ୍ତର ସ୍ୱଭାବ। ଯେଉଁ ଅନୁଭୂତିରୁ ଭକ୍ତ ବୁଝିପାରେ ଯେ ପ୍ରତ୍ୟେକ ଜୀବ ଈଶ୍ୱରଙ୍କ ସନ୍ତାନ, ପ୍ରତ୍ୟେକ ଶ୍ରେଣୀର ତାଙ୍କ ମନ୍ଦିର ଓ ପ୍ରତ୍ୟେକ ସ୍ଥାନ ତାଙ୍କର ବାସଗୃହ, ସେହି ଅନୁଭୂତିରୁ ସୃଷ୍ଟି ହୁଏ ସେବା ଭାବ। ସେବା ସର୍ବଶ୍ରେଷ୍ଠ ସାଧନା। ଏହା ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ଶୃଙ୍ଖଳା। ଆମ୍ଭେମାନେ ସେବା କରିବାର ଏକ ମହାନ ସୁଯୋଗ ଲାଭ କରିଛ। ଆଧ୍ୟାତ୍ମିକ ଉନ୍ନତି ଦୃଷ୍ଟିରୁ ଜନ ସମାଗମ ସମୟରେ ଆମର ସେବା କାର୍ଯ୍ୟ, ଜପ ଧ୍ୟାନ ଠାରୁ ବହୁ ଗୁଣରେ ଅଧିକ ସହାୟକ ହେବ। ଆମେ ଭାବିବା ନାହିଁ ଯେ ସେବା ମାଧ୍ୟମରେ ଆମେ ବିଶ୍ୱର ପୁନର୍ଗଠନ ବା ସଂସ୍କାର ଆଣି ଦେଇପାରିବ। ସେ କାମ ହାସଲ କରିବା ନ କରିବା ବଡ଼ କଥାନୁହେଁ। କିନ୍ତୁ ସେବାର ପ୍ରକୃତ ଫଳ ଅତି ପ୍ରାଞ୍ଜଳ। ଏହା ଆମକୁ ସୁଗଠିତ କରେ ଆମଠାରେ ସଂସ୍କାର ଆଣେ। ସାଧନା ହିସାବରେ ସେବା କରିଯାଅ। ଆମେ ବିନମ୍ର ହେବା ଯାହାଦ୍ୱାରା ସୁଖି ହେବା। ଆମେ ଅନ୍ୟର ପ୍ରଗତିରେ ସାହାଯ୍ୟ କରୁଛେ ବୋଲି ଭାବିବା ନାହିଁ, ନିଜର ଉନ୍ନତି କରିବା। ଜପ ଓ ଧ୍ୟାନ ସହିତ ମଶାଇ ସେବା କରିବା। କହିବାକୁଗଲେ ଏହା ଜପ ଓ ଧ୍ୟାନର ପ୍ରତ୍ୟକ୍ଷ ପ୍ରୟୋଗ। ଈଶ୍ୱରଙ୍କ ପ୍ରିୟ ସେହି ଦରିଦ୍ର ଓ ଦୁର୍ଗତମାନଙ୍କୁ ଚତୁର୍ପାଶ୍ୱରେ ଦେଖି ସୁଦ୍ଧା କେହି କେବେ ଈଶ୍ୱରଙ୍କ ଧ୍ୟାନରେ ବସି ରହିପାରେ?

ଯେଉଁ ହାତ ଅନ୍ୟକୁ ସାହାଯ୍ୟ କରିବା ଶିଖି ନାହିଁ, ସେ ରୁଦ୍ଧି ଦ୍ୱାର କୋଠରୀରେ ବସି ମାଳା ଗଡ଼ାଉ ଥିଲେ ସୁଦ୍ଧା ଭଗବାନ ସେ ଜପକୁ ତିଳେ ମାତ୍ର ଗୁରୁତ୍ୱ ଦିଏନାହିଁ। ସେ ପ୍ରକାର ଧ୍ୟାନକୁ ମଧ୍ୟ ଭଗବାନ ଆଦୌ ପସନ୍ଦ କରେନାହିଁ। ଯେଉଁ ଧ୍ୟାନ ଆମକୁ ଯନ୍ତ୍ରଣା ଜର୍ଜରିତ ମାନଙ୍କ କଷ୍ଟ ପ୍ରତି କାଲ କରିଦେଇଥାଏ । ଧ୍ୟାନ ହୃଦୟକୁ କଠିନ କରିବା ଅନୁଚିତ। ଧ୍ୟାନ ଦ୍ୱାରା ହୃଦୟ ଲବଣି ତୁଲ୍ୟ କୋମଳ ହେବା କଥା, ସାମାନ୍ୟ ଉତ୍ତାପରେ ବିଗଳିତ ହୋଇଯିବା କଥା। ପ୍ରତ୍ୟେକଙ୍କ ଅନ୍ତନିବାସୀ ଭଗବାନଙ୍କୁ ଦର୍ଶନ କରିବାର ମହାନ ସୁଯୋଗ ହେଉଛି ସେବା। ସେବକ ହିସାବରେ କାମ କରି ଆମର ନିଶ୍ଚୟ ଏସବୁ ଅଭିଜ୍ଞତା ହେବନି। ସବୁ ପ୍ରକାର ଲୋକଙ୍କୁ ଭେଟୁଛ, କେତେକ ଅତି ସହଯୋଗୀ, କେତେକ ତର୍କବାଦୀ, କେତେକ ବାଧା ଦେବେ, କେତେକ ଧମକ ଦେବେ, ଆମର କ୍ଷମତା ଓ ଉଦ୍ଦେଶ୍ୟ ବାବଦରେ ମଧ୍ୟ କେତେକ ପ୍ରଶ୍ନ କରିବେ। ଏମାନଙ୍କ ସଂସ୍ପର୍ଶରେ ଆସିବାଟା ମଧ୍ୟ ଆମ ପାଇଁ ଏକ ପ୍ରକାର ଶିକ୍ଷା। ଏହା ଦ୍ୱାରା ଆମ ଚରିତ୍ର ଦୃଢ଼ୀଭୂତ ହୁଏ ଏବଂ ନିନ୍ଦା ଓ ପ୍ରଶଂସାକୁ ସମାନ ଭାବରେ ଗ୍ରହଣ କରିବାକୁ ତାଲିମ ମିଳିଥାଏ। ବର୍ତ୍ତମାନ ଯଦି ଆମେ ଜିଜ୍ଞାସୁ ଭାବରେ ପଚାରିବା ଯେ ତାହା କ'ଣ? ଯାହା ପାଇଁ ଆମେ ସର୍ବାଧିକ ବ୍ୟାକୁଳ? ଆମେ କହିବ ତାହା ହେଉଛି କୃପା ବା ଅନୁଗ୍ରହ ନୁହେଁ କି? ଯେ ପର୍ଯ୍ୟନ୍ତ ଆମର କଥା ଓ କର୍ମ ସତ୍ୟ ଓ ଧର୍ମାନୁସାରିଣୀ ହୋଇଛି, ଯେ ପର୍ଯ୍ୟନ୍ତ ଆମ କଥା ଓ କର୍ମରେ ପ୍ରେମର ମଧୁରତା ଓ ଶାନ୍ତିର ପ୍ରଚୁରତା ଅଛି, ନିଶ୍ଚିନ୍ତତ ରୁହ ଯାହାଦ୍ୱାରା ଅମାପ, ଅଜସ୍ର କୃପା ଲାଭ କରିବ।

ଆମେ ସମସ୍ତେ ଭଗବାନଙ୍କର ଅଙ୍ଗ ପ୍ରତ୍ୟଙ୍ଗ, ଆମେ ଭଗବାନଙ୍କ ଦ୍ୱାରା ପ୍ରତିପାଳିତ। ଆମ ସମସ୍ତଙ୍କୁ ନେଇ ଭଗବାନଙ୍କ ଶରୀର ଗଠିତ। ସଦଗୁଣ, ବିଶ୍ୱାସ, ଶୃଙ୍ଖଳା ଓ ବିନମ୍ରତା ଭଳି ବଞ୍ଛିତ ମଧୁର ଗୁଣାବଳୀ ଆହରଣ କଲେ, ଆମେ ଯେଉଁଠି ଥାଅ ପଛେ, ଯେଉଁ କାମ କରୁଥାଅ ପଛେ, ଭଗବାନ ଆମର ପୁଷ୍ଟି ସାଧନ କରୁଥିବେ ଓ ଆମକୁ ସବୁ ବିପଦ ପୂର୍ବରୁ ଟୋଳି ଧରୁଥିବେ। ଆମେ ଭଗବାନଙ୍କ ଅଙ୍ଗର ଗୋଟିଏ ଉପାଦାନ ହୋଇ ଥିବାରୁ ଖୁସି ହେବା ଦରକାର। ଗୋଡ ହୋଇ ଥିବାରୁ କଠିନ ରାସ୍ତା ଉପରେ ଚାଲିବାକୁ ପଡ଼ିବ ବୋଲି ଅଭିଯୋଗ କରିବାନାହିଁ। ମୁଣ୍ଡ ହୋଇ ଶରୀରର ସର୍ବୋଚ୍ଚ ସ୍ଥାନ ଲାଭ କରିଛ ବୋଲି ଗର୍ବ କରିବାନାହିଁ। ଉଭୟ ମଧ୍ୟରେ ସେହି ସମାନ ରକ୍ତ ପ୍ରବାହିତ ହେଉଛି, ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଭଳି ଏ ଉଭୟଙ୍କ କାମ ବେଶ ଗୁରୁତ୍ୱପୂର୍ଣ୍ଣ। ଶରୀରର ପ୍ରତ୍ୟେକ ଅଙ୍ଗର କାମ ଅତୁଳନୀୟ। ତେଣୁ ଉଦାସୀନତାକୁ ପ୍ରଶ୍ରୟ ଦିଅନାହିଁ। ଆମର ଅଭିନୟଟି ବିଶେଷଭାବେ ସ୍ୱତନ୍ତ୍ର, ତାହା ଆମେ କେବଳ ଖେଳି ପାରିବ। ଆମେ ମୁଣ୍ଡରେ ଚାଲି ପାରିବ ନାହିଁ, ପାଦ ଦ୍ୱାରା ଭାବି ପାରିବ ନାହିଁ। ଆମେ ଯେଉଁ ଅବସ୍ଥାରେ ଥାଅ ପଛେ, ନିଜର ସଦଗୁଣ ବଳରେ ଅନୁଗ୍ରହ ହାସଲ କରିବା ହିଁ ମୁଖ୍ୟ ଉଦ୍ଦେଶ୍ୟ ହେଉ। ସନ୍ତୋଷ ଠାରୁ ବଡ଼ ଆଉ କୌଣସି ସମ୍ପଦ ନାହିଁ। ପେଟପୁରା ଖାଇଲା ପରେ ଆଉ ଖାଇ ହୁଏନାହିଁ। ଆହୁରି ଅଧିକ ଖାଇବା ପାଇଁ ଯଦି ଆମକୁ ବାଧ୍ୟ କରାଯାଏ ତେବେ ତାହା କଷ୍ଟଦାୟକ ହେବ। ନିଜକୁ କଷ୍ଟ ନ ଦେଇ କାମ କରିବାକୁ ହେଲେ ପ୍ରତ୍ୟେକ କାମ ପାଇଁ ଗୋଟିଏ ନିର୍ଦ୍ଧାରିତ ସୀମା ଅଛି, ତାହା ଠାରୁ ଅଧିକ କିଛି କରାଯାଇ ନପାରେ। ଆଗ ଦେଖିନିଅ ଆମର ମାପ, ଆମର ସୀମା, ଆମର ଶକ୍ତି ଓ କ୍ଷମତା କେତେ, ସେଇ ଅନୁସାରେ କାମ କରିବା। ଯେଉଁମାନଙ୍କର ସୀମାରେଖା, କ୍ଷମତା ଓ ଶକ୍ତି ଆମଠାରୁ ଅଧିକ ତାଙ୍କ ପ୍ରତି ଈର୍ଷା ପରାୟଣ ହୁଅନାହିଁ। ଜୀବନର ଲକ୍ଷ୍ୟକୁ ଭଲ ଭାବେ ଚିହ୍ନି ଆଗେଇ ଚାଲ।

# ପୌର ନିର୍ବାଚନରେ ପ୍ରାର୍ଥୀଙ୍କ ଗାଡି ବ୍ୟବହାର ଓ ନିର୍ବାଚନୀ ଖର୍ଚ୍ଚ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ନିର୍ବାଚନ କମିଶନ ଆସନ୍ତା ପୌର ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଥିବା ବିଭିନ୍ନ ପଦବୀ ପାଇଁ ପ୍ରାର୍ଥୀମାନଙ୍କ ନିମନ୍ତେ ଗାଡିର ବ୍ୟବହାର ଓ ନିର୍ବାଚନୀ ଖର୍ଚ୍ଚ ନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପ୍ରତ୍ୟେକ ଓ୍ୱାର୍ଡର କାଉନସିଲର/କର୍ପୋରେଟର ପଦବୀ ନିମନ୍ତେ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ତିନିଚକିଆ ଓ ଚାରିଚକିଆ ଗାଡିକୁ ମିଶାଇ ସର୍ବାଧିକ ଦୁଇଟି ଗାଡି ବ୍ୟବହାର କରିପାରିବେ। ବିଜ୍ଞାପିତ ଅଞ୍ଚଳ ପରିଷଦ/ମୁନିସିପାଲିଟି ଅଞ୍ଚଳ ମଧ୍ୟରେ ଅଧ୍ୟକ୍ଷ ପଦ ଲାଗି ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ତିନିଚକିଆ ଓ ଚାରିଚକିଆ ଗାଡି ମିଶାଇ ସର୍ବାଧିକ ଚାରୋଟି ଗାଡି ବ୍ୟବହାର କରିପାରିବେ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶନାମା ଜାରି ଜାରି କରିଛନ୍ତି।

ସେହି ମହାନଗର ନିଗମ ଅଞ୍ଚଳ ମଧ୍ୟରେ ମେୟର ପଦବୀ ଲାଗି ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୬ଟି (ତିନିଚକିଆ ଓ ଚାରିଚକିଆ ଯାନ ସହ) ବ୍ୟବହାର କରିପାରିବେ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସଂପୃକ୍ତ ରାଜନୈତିକ ଦଳମାନେ ପ୍ରତ୍ୟେକ ମହାନଗର ନିଗମ ଓ ମୁନିସିପାଲିଟି ଅଞ୍ଚଳ ପାଇଁ ନିର୍ବାଚନ କାର୍ଯ୍ୟରେ ଦୁଇଟି ଚାରି ଚକିଆ ଗାଡି ବ୍ୟବହାର କରିପାରିବେ। ପ୍ରାର୍ଥୀମାନେ କେଉଁ ପ୍ରକାରର ଗାଡି, ଗାଡିର ପଞ୍ଜିକରଣ ନମ୍ବର ଓ ଗାଡିର ମାଲିକ ସଂପର୍କରେ ନିର୍ବାଚନ କାର୍ଯ୍ୟରେ ବ୍ୟବହାର ପୂର୍ବରୁ ସଂପୃକ୍ତ ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇବେ। ପୌର ନିର୍ବାଚନରେ ପ୍ରାର୍ଥୀମାନେ ଓଡ଼ିଶା ମୁନିସିପାଲିଟି ଅଧିନିୟମ ୧୯୫୦ ଧାରା ୧୭(କ)ର ଉପଧାରା(i) ଅନୁସାରେ ୫୦ ହଜାର ଜନସଂଖ୍ୟାବିଶିଷ୍ଟ ବିଜ୍ଞାପିତ ଅଞ୍ଚଳ ପରିଷଦ/ମୁନିସିପାଲିଟି ଅଞ୍ଚଳ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା କାଉନ୍‌ସିଲର/କର୍ପୋରେଟର ପ୍ରାର୍ଥୀମାନେ ସର୍ବାଧିକ ୫୦ ହଜାର ଟଙ୍କା ଓ ଅଧ୍ୟକ୍ଷ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୨ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ୫୦ ହଜାରରୁ ଏକ ଲକ୍ଷ ଜନସଂଖ୍ୟାବିଶିଷ୍ଟ ମୁନିସିପାଲିଟି ଅଞ୍ଚଳରେ କାଉନ୍‌ସିଲର/କର୍ପୋରେଟର ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୭୫ ହଜାର ଟଙ୍କା ଓ ଅଧ୍ୟକ୍ଷ/ମେୟର ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୩ଲକ୍ଷ ଟଙ୍କା ନିର୍ବାଚନରେ ଖର୍ଚ୍ଚ କରିପାରିବେ। ସେହିପରି ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ମୁନିସିପାଲିଟି ଅଞ୍ଚଳରେ କାଉନ୍‌ସିଲର/କର୍ପୋରେଟର ପଦବୀ ନିମନ୍ତେ ପ୍ରାର୍ଥୀମାନେ ସର୍ବାଧିକ ୧ଲକ୍ଷ ଓ ଅଧ୍ୟକ୍ଷ/ମେୟର ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୫ଲକ୍ଷ ଟଙ୍କା ନିର୍ବାଚନରେ ଖର୍ଚ୍ଚ କରିପାରିବେ। ସେହିପରି ମହାନଗର ନିଗମର କର୍ପୋରେଟର ପଦବୀ ନିମନ୍ତେ ପ୍ରାର୍ଥୀମାନେ ସର୍ବାଧିକ ୨ଲକ୍ଷ ଓ ମେୟର ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୧୨ଲକ୍ଷ ଟଙ୍କା ନିର୍ବାଚନୀ ଖର୍ଚ୍ଚ କରିପାରିବେ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

# ଜଗତସିଂହପୁର ଜିଲ୍ଲାରେ ପୋଲିଓ ଟୀକାକରଣ



ଜଗତସିଂହପୁର:ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଜିଲ୍ଲାର ପଲସ୍ ପୋଲିଓ ଟୀକାକରଣ ନିମନ୍ତେ ଟାସ୍କ ଫୋର୍ସ କମିଟି ବୈଠକ ଜିଲ୍ଲାପାଳ ପାରୁଲ ପଟାଓ୍ୱରୀଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଫେବୃୟାରୀ ୨୭,୨୮ ଓ ମାର୍ଚ୍ଚ ୧ତାରିଖରେ ହେବାକୁ ଥିବା ପଲସ୍ ପୋଲିଓ କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ,କ୍ଷେତ୍ରୀୟ ଅଧିକାରୀ ,ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ,ସ୍ୱାସ୍ଥ୍ୟ ବିଭାଗ କର୍ମକର୍ତ୍ତା ମହିଳା ଓ ଶିଶୁ ବିକାଶ ବିଭାଗ କର୍ମକର୍ତ୍ତା,ସ୍କୁଲ ଓ ଗଣଶିକ୍ଷା,ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନଙ୍କର ସହେଯାଗ ଓ ସହ ଭାଗିତାରେ ଜିଲ୍ଲାରେ ଶତପ୍ରତିଶତ ସଫଳତା ହାସଲ ହୋଇପାରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହି ଟୀକାକରଣ ଅଭିଯାନରେ ଯେପରି କୌଣସି ଶିଶୁ ବାଦ ନପଡନ୍ତି ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଯୋଗଦେଇ ଜିଲ୍ଲା ମୁଖ୍ୟଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.କ୍ଷେତ୍ରବାସୀ ଦାଶ କହିଲେ ଜଗତସିଂହପୁର ଜିଲ୍ଲାରେ ଆସନ୍ତା ଫେବୃୟାରୀ ୨୭,୨୯ ଓ ୨୯ ତିନିଦିନ ଧରି ପଲସ୍ ପୋଲିଓ ଟୀକାଦାନ କାର୍ଯ୍ୟ ଅନୁଷ୍ଠିତ। ଫେବୃୟାରୀ ୨୭ତାରିଖରେ ଜିଲ୍ଲାର ୫୫୫ଟି ବୁଥ୍ ରେ ଜନ୍ମରୁ ପାଞ୍ଚ ବର୍ଷର ଶିଶୁଙ୍କୁ ପଲସ୍ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଜିଲ୍ଲାରେ ୧,୦୫୨୦୬ଜଣ ଜନ୍ମନରୁ ଏବର୍ଷର ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବାର ଧାର୍ଯ୍ୟ ଲକ୍ଷ ରହିଛି। ମୋଟ୍ ୨୨୨୦ଜଣ ଭାକ୍ସିନେଟର ଏବଂ ୧୧୪ଜଣ ସୁପର ଭାଇଜର ନିୟୋଜିତ ହୋଇଛନ୍ତି। ଜିଲ୍ଲାରେ ୩୪ଟି ଟ୍ରାନ୍‌ଜିଟ୍ ପଏଣ୍ଟରେ ୬୮ଜଣ ଭାକ୍ସିନେଟର ନିୟୋଜିତ ହୋଇଛନ୍ତି। ଏଥିସହିତ ୨୧ଟି ମୋବାଇଲ ଟିମ୍ ରେ ୪୨ଜଣ ଭାକ୍ସିନେଟର ନିୟୋଜିତ ହୋଇଛନ୍ତି। ଜିଲ୍ଲାର ବିଭିନ୍ନ ବସଷ୍ଟାଣ୍ଡ,ରେଲୱେ ଷ୍ଟେସନ,ହାଟବଜାର,ଶାରଳା ମନ୍ଦିର,ଗୋରେକ୍ଷନାଥ ମନ୍ଦିର,ପଞ୍ଚପଲ୍ଲୀ ଶିବ ମନ୍ଦିର ଆଦି ୩୪ଟି ଟ୍ରାନ୍‌ଜିଟ ପଏଣ୍ଟରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଫେବୃୟାରୀ ୨୮ ଓ ମାର୍ଚ୍ଚ ୧ତାରିଖରେ ସ୍ୱାସ୍ଥ୍ୟକର୍ମୀ ମାନେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ କରିବେ। ଜିଲ୍ଲାରେ ୭୯ଟି ହାଇରିସ୍କ ଅଞ୍ଚଳ ଚିହ୍ନଟ କରାଯାଇଛି। ପାରାଦ୍ୱୀପ ଓ ଜଗତସିଂହପୁର ବସ୍ତି ଅଞ୍ଚଳ,ତିର୍ତ୍ତୋଲ ଓ ମଣିଜଙ୍ଗା ଠାରେ ଥିବା ଇଟାଭାଟିରେ କାମ କରୁଥିବା ପରିବାରଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ବିଶ୍ୱ ସ୍ୱାସ୍ଥ୍ୟସଂଗଠନର ସର୍ଭେଲାନ୍ସ ମେଡିକାଲ ଅଫିସର ଡା.ଦୀପକ କର ଯୋଗଦେଇ ପୋଲିଓ ରୋଗର ନିରାକରଣ ଜିଲ୍ଲାରେ ପୋଲିଓ ଟୀକାକରଣ ସଫଳତା ସଂପର୍କରେ ଅବଗତ କରାଇଥିଲେ। ଏଡିଏମଓ ଓ ପରିବାର କଲ୍ୟାଣ ଡା.ପ୍ରମୋଦ କୁମାର ବାରିକ,ପଲସ୍ ପୋଲିଓ କାର୍ଯ୍ୟକ୍ରମର ମାଇକ୍ରୋପ୍ଲାନ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏହିବୈଠକରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଶତ୍ରୁଘ୍ନ ଦାଶ,ଡିପିଏମ ଚକ୍ରଧର ଜେନା,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ,ଜିଲ୍ଲା ଶିକ୍ଷା ଅଧିକାରି,ବିଡିଓ,ସିଡିପିଓ,ଆଇସିଓଲ,ପାରାଦ୍ୱୀପ ପୋର୍ଟ,ଇଫକୋ,ପିପିଏଲର ମେଡିକାଲ ଅଫିସର ସମସ୍ତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ,ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଶେଷରେ ଉପ ପରିଚାଳକ ପ୍ରଜନନ ଶିଶୁ ସ୍ୱାସ୍ଥ୍ୟ ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡ଼ି ୩୬, କଂଗ୍ରେସ ୯, ବିଜେପି ୪ ସ୍ୱାଧୀନ ୧୦


**କଟକ(ସଂପର୍କବାର୍ତ୍ତା):-** ବିଗତ ୨୦୧୪ ସିଏମ୍‌ସି ନିର୍ବାଚନରେ ମୋଟ୍ ୫୯ଟି ଓ୍ୱାର୍ଡପାଇଁ କର୍ପୋରେଟର ଭୋଟ୍ ହୋଇଥିଲା। ଏହି ଓ୍ୱାର୍ଡ଼ ମଧ୍ୟରୁ ବିଜେଡ଼ି ୩୬ଟି ଦାଖଲ କରିଥିବାବେଳେ କଂଗ୍ରେସ ୯, ବିଜେପି ୪ ଓ ସ୍ୱାଧୀନ ୧୦ଟି ସିଟ୍‌ରେ ବିଜୟ ଲାଭ କରିଥିଲେ। ବିଧାନସଭା ନିର୍ବାଚନମଣ୍ଡଳି ଓ୍ୱାରୀ ଦେଖିଲେ ବାରବାଟୀ-କଟକର ମୋଟ ୩୨ଟି ଓ୍ୱାର୍ଡ଼ରୁ ବିଜେଡ଼ି ଖାତାକୁ ଓ୍ୱାର୍ଡ଼ ନମ୍ବର ୨, ୩, ୫, ୬, ୭, ୮, ୯, ୧୦, ୧୨, ୧୩, ୧୪, ୧୫, ୧୬, ୧୭, ୨୦, ୨୧, ୨୪, ୨୫, ୨୬, ୨୭, ୨୯ ଓ ୩୩ ଯାଇଥିଲା। ସେହିପରି କଂଗ୍ରେସ ଖାତାକୁ ଓ୍ୱାର୍ଡ଼ ନମ୍ବର ୪, ୧୮, ୧୯, ୨୨, ୨୩, ୨୮, ୩୨ ଯାଇଥିଲା। ବିଜେପି ଓ୍ୱାର୍ଡ଼ ନମ୍ବର ୧୧ରେ ବିଜୟ ହୋଇଥିବାବେଳେ ଓ ସ୍ୱାଧୀନ ପ୍ରାର୍ଥୀ ଓ୍ୱାର୍ଡ଼ ନମ୍ବର ୧ ଓ ୩୦ରେ ଜିତିଥିଲେ। ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ମୋଟ ୨୨ଟି ଓ୍ୱାର୍ଡ଼ରୁ ବିଜେଡ଼ି ଖାତାକୁ ଓ୍ୱାର୍ଡ଼ ନମ୍ବର ୩୧, ୩୬, ୩୮, ୩୯, ୪୦, ୪୩, ୪୫, ୪୬, ୫୩,୫୪ ଓ ୫୫ ଯାଇଥିଲା। ସେହିପରି କଂଗ୍ରେସ ଖାତାକୁ ଓ୍ୱାର୍ଡ଼ ନମ୍ବର ୩୪ ଓ ୩୭ ଯାଇଥିଲା। ଅନ୍ୟପଟେ ଓ୍ୱାର୍ଡ଼ ନମ୍ବର ୪୮ ଓ ୫୫କୁ ବିଜେପି ଦଖଲ କରିଥିଲା। ସ୍ୱାଧୀନ ପ୍ରାର୍ଥୀମାନେ ୩୫, ୪୧,୪୨, ୪୪, ୪୭, ୪୯ ଓ ୫୨ ନମ୍ବର ଓ୍ୱାର୍ଡ଼ରେ ବିଜୟ ହୋଇଥିଲେ। ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୋଟ ୬ଟି ଓ୍ୱାର୍ଡ଼ରୁ ବିଜେଡ଼ି ଓ୍ୱାର୍ଡ଼ ନମ୍ବର ୫୦,୫. ୫୬ ଓ ୫୯ରେ ବିଜୟ ହୋଇଥିବାବେଳେ ଓ୍ୱାର୍ଡ଼ ନମ୍ବର ୫୮କୁ ବିଜେପି ଓ ୫୭କୁ ସ୍ୱାଧୀନ ପ୍ରାର୍ଥୀ ଦଖଲ କରିଥିଲେ। ଯଦିଓ ୫୯ଟି ଓ୍ୱାର୍ଡ଼ରୁ ବିଜୟ ହୋଇଥିବା ୧୦ଜଣ ସ୍ୱାଧୀନ ପ୍ରାର୍ଥୀ ପରେ ଶାସକ ବିଜେଡ଼ି ଓ ବିଜେପିକୁ ସମର୍ଥନ କରିଥିଲେ। ତେବେ ଏଥର ରାଜନୈତିକ ସମୀକରଣ ପୂରା ଭିନ୍ନ। ୨୦୧୪ ବେଳକୁ ସହରର ତିନି ବିଧାନସଭା ଓ ଲୋକସଭା ଶାସକ ବିଜେଡ଼ି ହାତରେ ଥିଲା। ମାତ୍ର ବାରବାଟୀ-କଟକ ବିଧାନସଭା କଂଗ୍ରେସ ହାତକୁ ଯିବା ପରେ ଏଥର ଚିତ୍ର ଭିନ୍ନ ହେବ ବୋଲି ଅନୁମାନ କରାଯାଉଛି।

# ପ୍ରକାଶ ପାଇଲା ସିଏମ୍‌ସିର ଚୂଡ଼ାନ୍ତ ଭୋଟର୍ ତାଲିକା
## ୫୯ଟି ଓ୍ୱାର୍ଡ଼ରେ ୪ ଲକ୍ଷ ୫୦ ହଜାର ୭୫୯ ଭୋଟର

**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ସିଏମ୍‌ସି ୫୯ଟି ଓ୍ୱାର୍ଡ଼ର ଭୋଟର ତାଲିକାରେ ମୋଟ ୪ ଲକ୍ଷ ୫୦ ହଜାର ୭୫୯ ଜଣ ଭୋଟରଙ୍କ ନାମ ରହିଛି। ସେମାନଙ୍କ ମଧ୍ୟରେ ୨ ଲକ୍ଷ ୩୧ ହଜାର ୩୦ ଜଣ ପୁରୁଷ ଭୋଟର, ୨ ଲକ୍ଷ ୧୯ ହଜାର ୫୯୮ ଜଣ ମହିଳା ଥିବାବେଳେ ୧୩୧ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ୨୦୧୩ ବର୍ଷରେ ସିଏମ୍‌ସିରେ ଭୋଟରଙ୍କ ସଂଖ୍ୟା ୩ ଲକ୍ଷ ୯୪ ହଜାର ୮୧୪ ଥିଲା। ସହରରେ ୨୦୧୩ରୁ ୨୦୨୨ ମଧ୍ୟରେ ତଥା ଗତ ୯ ବର୍ଷରେ ୫୫ ହଜାର ୯୪୫ ଜଣ ଭୋଟର ବଢ଼ିଛନ୍ତି। ଉକ୍ତ ଭୋଟରଙ୍କୁ ଓ୍ୱାର୍ଡ଼ ଅନୁସାରେ ୪୫୨ଟି ବୁଥ୍‌ରେ ବଣ୍ଟାଯିବାର କାମ ମହାନଗର ନିଗମ ପକ୍ଷରୁ କରାଯାଉଛି। ଆସନ୍ତା ୨୮ ତାରିଖ ମଧ୍ୟରେ ବୁଥ୍ ଓ୍ୱାରି ଭୋଟରଙ୍କ ସଂଖ୍ୟା ସରକାରଙ୍କୁ ପଠାଯିବ ବୋଲି ନିଗମ ପକ୍ଷରୁ କୁହାଯାଇଛି। ସିଏମ୍‌ସିର ୫୯ଟି ଓ୍ୱାର୍ଡ଼ରୁ ୨୫ ନମ୍ବର ଓ୍ୱାର୍ଡ଼ରେ ସର୍ବାଧିକ ୧୦ ହଜାର ୧୦୬ ଜଣ ଭୋଟର ଥିବାବେଳେ ଓ୍ୱାର୍ଡ଼ ନମ୍ବର ୨୪ରେ ସର୍ବନିମ୍ନ ୪ ହଜାର ୫୦୫ ଜଣ ଭୋଟର ଅଛନ୍ତି। ନିଗମର ତିନିଟି ଓ୍ୱାର୍ଡ଼ ଯଥା ଓ୍ୱାର୍ଡ଼ ନମ୍ବର ୨୫, ୧୫ ଓ ୫୧ରେ ଭୋଟରଙ୍କ ସଂଖ୍ୟା ୧୦ ହଜାର ଉପରେ ରହିଛି। ଓ୍ୱାର୍ଡ଼ ନମ୍ବର ୫୧ରେ ସର୍ବାଧିକ ୫ ହଜାର ୧୮୬ ଜଣ ପୁରୁଷ ଭୋଟର ଥିବା ବେଳେ ଓ୍ୱାର୍ଡ଼ ନମ୍ବର ୧୯ରେ ସର୍ବାଧିକ ୪ ହଜାର ୯୨୬ ଜଣ ମହିଳା ଭୋଟର ଅଛନ୍ତି। ସେହିପରି ଓ୍ୱାର୍ଡ଼ ନମ୍ବର ୩୮ରେ ସର୍ବାଧିକ ୭୬ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ଚଳିତ ମାସ ୧୦ ତାରିଖରେ ସିଏମ୍‌ସିର ଚିଠା ଭୋଟର ତାଲିକା ପ୍ରକାଶ ପାଇଥିଲଶ। ୧୧ରୁ ୧୬ ତାରିଖ ମଧ୍ୟରେ ଏଥିରେ ଥିବା ଭୁଲ୍‌କୁ ସଂଶୋଧନ କରିବାପାଇଁ ସାଧାରଣ ଲୋକଙ୍କୁ ସମୟ ଦିଆଯାଇଥିବା ବେଳେ ଭୁଲ୍ ସଂଶୋଧନ ପାଇଁ ୮୯ଟି ପିଟିସନ୍ ପଡ଼ିଥିଲା। ସିଏମ୍‌ସିର ଭୋଟର ଚିଠା ତାଲିକାରେ ଭୋଟରଙ୍କ ସଂଖ୍ୟା ୪ ଲକ୍ଷ ୪୫ ହଜାର ୭୧୭ ଥିଲା। ୮୯ଟି ଅଭିଯୋଗ ପରେ ଭୋଟର ତାଲିକା ସଂଶୋଧନ କରାଯାଇ ୫ ହଜାର ୪୨ ଜଣଙ୍କ ନାମ ଚୂଡ଼ାନ୍ତ ତାଲିକାରେ ମିଶାଯାଇଛି। ବିଧାନସଭା ଭୋଟର ତାଲିକାରେ ନାମ ଥିବ ବ୍ୟକ୍ତିଙ୍କ ନାମ ଯଦି ସିଏମ୍‌ସି ତାଲିକାରେ ନଥାଏ କିମ୍ବା ଗୋଟିଏ ଓ୍ୱାର୍ଡ଼ର ଭୋଟରଙ୍କ ନାମ ଅନ୍ୟ ଓ୍ୱାର୍ଡ଼ରେ ଥିଲେ ତାହାକୁ ନେଇ ଅପିଲ୍ କରିବାକୁ କୁହାଯାଇଥିଲା। ସିଏମ୍‌ସର ଚୂଡ଼ାନ୍ତ ଭୋଟର ତାଲିକା ଆଜି ପ୍ରକାଶ ପାଇଥିବା ବେଳେ ଆସନ୍ତା ୨୬ ତାରିଖରେ ବୁଥ୍ ଓ୍ୱାରି ଭୋଟର ତାଲିକା ପ୍ରକାଶ କରାଯାଇ ୨୮ ତାରିଖରେ ସରକାରଙ୍କୁ ଏହି ତାଲିକା ପଠାଯିବ ବୋଲି ସିଏମ୍‌ସିର ନିର୍ବାଚନ ଅଧିକାରୀ ତଥା ଡେପୁଟି କମିସନର ଅମୀୟ କୁମାରର ପଣ୍ଡା ସୂଚନା ଦେଇଛନ୍ତି।

# ଶିର୍ଲୋ: ମନରୋଞ୍ଜନ ନାୟକଙ୍କ ବିୟୋଗରେ ଶୋକର ଛାୟା

ରଘୁନାଥପୁର(ସଂପର୍କବାର୍ତ୍ତା):- ରଘୁନାଥପୁର ନିକଟସ୍ଥ ଶିର୍ଲୋ ନୂଆ ଗାଁ ଗ୍ରାମର ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ମନୋରଞ୍ଜନ ରାୟଙ୍କର ବିୟୋଗରେ ଏଅଂଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ରାୟ ଜଣେ କର୍ତ୍ତବ୍ୟ ପରାୟଣ, ସତ୍ୟନିଷ୍ଠ, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କର ମରଶରୀରକୁ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ସଞ୍ଜୟ ରାୟ ମୁଖାଗ୍ନି ଦେଇଥିବେ ବେଳେ କନିଷ୍ଠ ପୁତ୍ର ସଞ୍ଜିବ ରାୟ, ଜ୍ୱାଇଁ ପ୍ରତାପ କୁମାର ଦାସ, ସମାଜସେବୀ ଅଶୋକ କୁମାର ଦାସ (ଯୁବୁଦା), ଦେବୀଦୁର୍ଗା ପୂଜକ ରଞ୍ଜନ କୁମାର ଚକ୍ରବର୍ତ୍ତୀ, ପଣ୍ଡିତ ଶ୍ରୀବତ୍ସ ଦାସ ମହାପାତ୍ର, ବିଜେଡି ନେତା ଅରୁଣ କୁମାର ବୋଷ, ସମାଜସେବୀ ସୁଧାକର ମାଦେଳି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



# ୩୯ନଂ ଓ୍ୱାର୍ଡ଼ରେ ଲୋକନାଥ ଲେଙ୍କା ଦକ୍ଷ ରାଜନୈତିକ ତାଙ୍କ ସହିତ ଚ୍ୟାଲେଞ୍ଜ କରିବାକୁ ପ୍ରାର୍ଥୀ ନାହାନ୍ତି




**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମ (ସିଏମ୍‌ସି) ନିର୍ବାଚନ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନର ଆସନ୍ତା ମାର୍ଚ୍ଚ ମାସ ୨୪ ତାରିଖରେ ଭୋଟ ଗ୍ରହଣ ପାଇଁ ଦିନଧାର୍ଯ୍ୟ ଘୋଷଣା କରିଛନ୍ତି। ୨୪ ତାରିଖରେ ଭୋଟ ଗ୍ରହଣ ହେଉଥିବାବେଳେ ୨୬ ତାରିଖରେ ଭୋଟ ଗଣତି ହେବ। ବର୍ତ୍ତମାନ ମହାନଗର ନିଗମ ଅଧିନରେ ଥିବା ସମସ୍ତ ଓ୍ୱାର୍ଡ଼ରେ ପ୍ରାର୍ଥୀମାନେ ନିଜ ନିଜର ଜିତାପଟ ପାଇଁ ରଣକୌଶଳ ଆରମ୍ଭ କରିଦେଇଛନ୍ତି। ଏହି ଅବସରରେ ୩୯ନଂ ଓ୍ୱାର୍ଡ଼ରେ ସବୁ ଦଳର ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରୁ ଲୋକନାଥ ଲେଙ୍କାଙ୍କ ବିଜୟ ସମ୍ଭାବନା ଅଧିକ ଥିବାର ଓ୍ୱାର୍ଡ଼ବାସୀ କହିଛନ୍ତି। ଶ୍ରୀ ଲେଙ୍କା ବହୁ ପୂର୍ବରୁ ଓ୍ୱାର୍ଡ଼ବାସୀଙ୍କ ବିଭିନ୍ନ ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ତାକୁ ସମାଧାନ କରିବା କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇଛନ୍ତି। ଅପରପକ୍ଷେ ମୁଁ ନିମିତ୍ତ ମାତ୍ର। ଓ୍ୱାର୍ଡ଼ବାସୀଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ମୁଁ ଏହି ନିର୍ବାଚନକୁ ଓହ୍ଲାଇଛି। ତେଣୁ ସେମାନଙ୍କର ମୋ ପ୍ରତି ଯେଉଁ ଆଶର୍ବୀଦ ରହିଛି ତାକୁ ପାଥେୟ କରି ମୁଁ ଏହି ନିର୍ବଚନ ମଇଦାନକୁ ଓହ୍ଲାଇଛି ବୋଲି କର୍ପୋରେଟର ପ୍ରାର୍ଥୀ ଲୋକନାଥ ଲେଙ୍କା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ‘ପୂର୍ବପଶ୍ଚିମ’ ପୁସ୍ତକ ଲୋକାର୍ପିତ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶା ରାଜଭବନରେ ମହାମହିମ ରାଜ୍ୟପାଳ ପ୍ରଫେସର ଶ୍ରୀଯୁକ୍ତ ଗଣେଶୀ ଲାଲଙ୍କ କରକମଳରେ କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଓ ଭାରତର ବିଶିଷ୍ଟ ଉପନ୍ୟାସକାର ସୁନୀଲ ଗଙ୍ଗୋପାଧ୍ୟାୟଙ୍କ ମୂଳ ବଂଗଳା ରଚିତ ଏବଂ ପୂର୍ବତନ ପୋଲିସ୍ ଆଇ.ଜି. ବିଧୁଭୂଷଣ ମିଶ୍ରଙ୍କ ଧର୍ମପତ୍ନୀ ବିଶିଷ୍ଟ ଗାଳ୍ପିକା ଓ କବି ଗୀତା ମିଶ୍ରଙ୍କ ଦ୍ୱାର ଓଡ଼ିଆରେ ଅନୁଦିତ ହୋଇଥିବା ଉପନ୍ୟାସ ‘ପୂର୍ବଶ୍ଚିମ’ର ଲୋକାର୍ପଣ ହୋଇଯାଇଛି। ରାଜ୍ୟର ସଂଭ୍ରାନ୍ତ ପ୍ରକାଶନ ସଂସ୍ଥା ଅପୂର୍ବା ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇଥିବା ପ୍ରାୟ ଏକହଜାର ପୃଷ୍ଠା ବିଶିଷ୍ଟ ଏହି ମନଲୋଭା ଓ ଚିତାକର୍ଷକ ଉପନ୍ୟାସ ପୂର୍ବଶ୍ଚିମ ଭାରତୀୟ କଥା ସାହିତ୍ୟର ଏକ ରତ୍ନ ଆଭୁଷଣ କହିଲେ ଅତ୍ୟୁକ୍ତି ହେବନାହିଁ। ‘ଦେଶ’ ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶିତ ହୋଇ ଅନେକ ଶ୍ରଦ୍ଧା ସାଉଁଟି ଥିବା ଏହି ଏବଂ ଏକ ବିଶାଳ କାନ୍‌ଭାସ୍‌ରେ ଚିତ୍ରିତ ଏହି ସୁଦୀର୍ଘ ଉପନ୍ୟାସର ଘଟନା ପ୍ରବାହ ଏପାଖ ଏବଂ ସେପାଖ ବଙ୍ଗଳାକୁ ଏକ ସଙ୍ଗରେ ସ୍ପର୍ଶ କରି ପାରିଛି। ପଚାଶ ମସୀହାର ମଧ୍ୟଭାଗରୁ ଆରମ୍ଭ ହୋଇ ଦୁଇ ବଙ୍ଗଳାର ରାଜନୈତିକ ଓ ସମାଜିକ କ୍ଷେତ୍ରରେ ଚିତ୍ରଟ ବଦଳର ସ୍ରୋତ କେଉଁରି ଭାବେ ଏହି ଅଶୀଦଶକର ଶୋଭନୀୟ କାହାଣୀ ସହ ମିଳିତ ହୋଇଚି, ଏଇ ଉପନ୍ୟାସ ତାହାର ଏକ ଜୀବନ୍ତ ଦଲିଲ୍। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଅପୂର୍ବା ଅଧ୍ୟକ୍ଷ କ୍ଷୀରୋଦ ପତିଙ୍କ ସହ ଅନୁବାଦିକା ଶ୍ରୀମତୀ ମିଶ୍ର ନିଜର ଦୁଇ କନ୍ୟା ସମ୍ପିତା ଓ ସୁମିତାଙ୍କ ସହ ଉପସ୍ଥିତ ରହି ରାଜ୍ୟପାଳ ମହୋଦୟଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ।

# ପରଟାରେ ଦର୍ଶନ ଦେଲେ ପ୍ରଭୁ ଜଗନ୍ନାଥ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ପୌରପରିଷଦର ଦେଉଳିଗ୍ରାମେଶ୍ୱର ଗ୍ରାମର ନିରଞ୍ଜନ ମଲ୍ଲିକଙ୍କ ଘରେ ପତ୍ନୀ ବୀଣାପାଣି ମଲ୍ଲିକ ରାତି ଭୋଜନ ପାଇଁ ରୋଷେଇ ଘରେ ପରଟା ପ୍ରସ୍ତୁତ କରୁଥିବା ସମୟରେ ପରଟାକୁ ସେକି ଲେଉଟାଇ ଦେବା ବେଳେ ଦେଖିଲେ ମହାପ୍ରଭୁ ଜଗନ୍ନାଥ ଙ୍କ ରୂପ ଦେଖି ପ୍ରଥମେ ଆଚମ୍ଭିତ ହୋଇଥିଲେ।ତତ୍‌ପରେ ଘରେ ସ୍ୱାମୀ, ଯା ,ଦିଅର, ଶାଶୁଙ୍କୁ ଦେଖାଇବା ପରେ ଘରେ ଏକ ଧାର୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ସମସ୍ତେ ଏକ ଥାଳିରେ ସେହି ପରଟାକୁ ଏକ ଥାଳି ରେ ରଖି ପୂଜାର୍ଚ୍ଚନା କରିଥିଲେ ,ଓ ଶାଶୁ କହିଥିଲେ ଆଜି ସକାଳୁ ମୁ ଠାକୁରଙ୍କୁ ଡାକୁଥିଲି ଯେ ତାଙ୍କ ଗୋଡ ଭଲ କରି ଦିଅ ମୁ ତୁମକୁ ଦେଖିବାକୁ ଯିବି ,କିନ୍ତୁ ଠାକୁର ଖୋଦ ତାଙ୍କ ଘରେ ଆବିର୍ବଭାବ ହୋଇଗଲେ ଓ ଦର୍ଶନ ଦେଲେ ବୋଲି ଭାବବିହ୍ୱୋଳହୋଇ କହିଥିଲେ ଶାଶୁ କାଞ୍ଚନ ମଲ୍ଲିକ,ସେମାନେ ସେହି ପରଟାରେ ଠାକୁରଙ୍କ ରୁପକୁ ଲାମୀନେସନ କରି ଠାକୁର ଘରେ ରଖି ପୂଜା କରିବେ ବୋଲି କହିଛନ୍ତି ,ସାହିପଡିଶା ଓ ସୁଦୂର ଭୁବନେଶ୍ୱର ରୁ ବନ୍ଧୁ ବାନ୍ଧବ ମାନେ ଆସି ଏହି ପରଟାରେ ,ମହାପ୍ରଭୁଙ୍କ ରୁପକୁ ଦର୍ଶନ କରିଛନ୍ତି ,ତେବେ ପରଟାରେ ମହାପ୍ରଭୁଙ୍କ ଆବିର୍ଭାବ ସମସ୍ତଙ୍କୁ ଚକିତ କରିବା ସହ ଚର୍ଚାର ବିଷୟ ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି।

# ନାବାଳକ ସହ ଅବୈଧ ସମ୍ପର୍କ ରଖୁଥିଲା ମା’




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପାପ ସମ୍ପର୍କ ପାଇଁ ପିଶାଚୀ ସାଜିଲା ମା ଅବୈଧ ସମ୍ପର୍କକୁ ଲୁଚାଇବାକୁ ଯାଇ ନିଜର ଜନ୍ମକଲା ପୁଅକୁ ମାରିବାକୁ ପଛେଇଲାନି। ୧୪ବର୍ଷୀୟ ସମ୍ପର୍କୀୟ ସହିତ ଅବୈଧ ସମ୍ପର୍କ ରଖୁଥିବା ବେଳେ ଏହାକୁ ଦେଖି ନେଇଥିଲା ୧୦ବର୍ଷର ଶିଶୁ। କାଳେ ଘର ଲୋକ ଏ ସମ୍ପର୍କରେ ଜାଣିଯିବେ ଉଭୟ ମିଶି ଶିଶୁଟିର ତଣ୍ଟି ଚିପି ହତ୍ୟା କରିଥିଲେ। ରାଜସ୍ଥାନର ଜୈସଲମେରରେ ଏଭଳି ଘଟଣା ଘଟିଥିଲା। ୯ତାରିଖରେ ଉଭୟଙ୍କୁ ଦେଖି ଦେଇଥିଲେ ପୁଅ। ଏହା ପରେ ଉଭୟ ଶିଶୁ ଟିକୁ ହତ୍ୟା କରି ଏକ କୂଅରେ ଫୋପାଡି ଦେଇଥିଲେ। ୧୦ତାରିଖରେ ମୃତ ମିଳିଥିଲା ଉଭୟଙ୍କୁ ସନ୍ଦେହ କରି ପୋଲିସ ପଚରା ଉଚୁରା କରିଥିଲା। ପଚରା ଉଚୁରା ସମୟରେ ଉଭୟ ହତ୍ୟା କରିଥିବା ସ୍ୱୀକାର କରିଥିଲେ।

# ଶୌଚାଳୟ ଭିତରେ ମ୍ୟାନେଜର ଓ ଯୁବତୀଙ୍କ ଆପତ୍ତିଜନକ ଅବସ୍ଥା ଧରିଲେ କନଷ୍ଟେବଲ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ନୋଏଡା ସେକ୍ଟର-୬୨ରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏଠାରେ ଏକ ପ୍ରେମୀ ଯୁଗଳ ମହିଳାମାନଙ୍କ ମହିଳାମାନଙ୍କ ପାଇଁ ନିର୍ମିତ ପିଙ୍କ ଟଏଲେଟ ଭିତରେ ଆପତ୍ତିଜନକ କାମ କରୁଥିଲେ। ଏହି ସମୟରେ ଜଣେ ମହିଳା କନଷ୍ଟବଲ ଉକ୍ତ ଶୌଚାଳୟ ଭିତରକୁ ପଶି ଯାଇଥିଲେ। ଆଉ ସେ ଘଟଣାସ୍ଥଳରେ ଯେଉଁ ଦୃଶ୍ୟ ଦେଖିଥିଲେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ନୋଏଡାରେ ସ୍ୱଚ୍ଛତା ଅଭିଯାନ ଅଧିନରେ ଶହ ଶହ ପିଙ୍କ ଟଏଲେଟ ନିର୍ମାଣ କରାଯାଇଛି। କେବଳ ମହିଳା ଏବଂ ଝିଅମାନଙ୍କୁ ଏହି ଶୌଚାଳୟ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ପୁରୁଷ ଏବଂ ବାଳକମାନଙ୍କୁ ଏହି ଶୌଚାଳୟ ଭିତରକୁ ଯିବାକୁ କଡା ବାରଣ କରାଯାଇଛି। ରିପୋର୍ଟ ଅନୁଯାୟୀ, ନିକଟରେ ଏକ ପ୍ରେମୀଯୁଗଳ ପ୍ରେମ କରିବା ପାଇଁ ପିଙ୍କ ଟଏଲେଟ ଭିତରେ ପହଂଚି ଯାଇଥିଲେ। ଏହି ସମୟରେ ଜଣେ ମହିଳା କନଷ୍ଟେବଲ ଶୌଚାଳୟ ବ୍ୟବହାର କରିବାକୁ ଭିତରକୁ ଯାଇଥିଲେ। ଆଉ ସେ ଏହି ପ୍ରେମୀଯୁଗଳଙ୍କୁ ଆପତ୍ତିଜନକ ଅବସ୍ଥାରେ ଧରିଥିଲେ। ମହିଳା କନଷ୍ଟେବଲ କହିଛନ୍ତି, ଯେ ଯେତେବେଳେ ସେ ଉଭୟଙ୍କୁ ଆପତ୍ତିଜନକ ଅବସ୍ଥାରେ ଦେଖିଥିଲେ। କୁହାଯାଉଛି କି ଆପତ୍ତିଜନକ ଅବସ୍ଥା ରେ ଧରାପଡିଥିବା ଯୁବକ ନୋଏପା ସେକ୍ଟର -୬ରେ ଅବସ୍ଥିତ ଏକ କମ୍ପାନିରେ ମ୍ୟାନେଜର ଭାବେ କାମ କରନ୍ତି।



ସଂପର୍କବାର୍ତ୍ତା

ଫେବୃୟାରୀ ୨୮ ରୁ ମାର୍ଚ୍ଚ ୬, ୨୦୨୨, ଜଗତସିଂହପୁର
February 28 to March 6, 2022, Jagatsinghpur



# ଋଷି ମୁନିଙ୍କ ଅମର ବାଣୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କ'ଣ ଯମରାଜଙ୍କ ଚିତ୍ରଗୁପ୍ତ ନାମକ କୌଣସି ମନ୍ତ୍ରୀ ଅଛନ୍ତି ଯିଏ କି ଜୀବଙ୍କ କର୍ମର ହିସାବ ରଖନ୍ତି ?

ପ୍ର- କ'ଣ ଯମରାଜଙ୍କ ଚିତ୍ରଗୁପ୍ତ ନାମକ କୌଣସି ମନ୍ତ୍ରୀ ଅଛନ୍ତି ଯିଏ କି ଜୀବଙ୍କ କର୍ମର ହିସାବ ରଖନ୍ତି ?



ଉ-ଯେତେବେଳେ ଈଶ୍ୱର ହିଁ ଯମରାଜ ଏବଂ ଯମ ନାମରେ କୌଣସି ପୃଥକ୍ ରାଜା ହିଁ ନାହାନ୍ତି ସେବେଳେ ଚିତ୍ରଗୁପ୍ତ ମନ୍ତ୍ରୀ କୁଆଡ଼ୁ ଆସିବେ ଈଶ୍ୱର ସର୍ବଜ୍ଞ। ସବୁ ତାଙ୍କ ଜ୍ଞାନରେ ସର୍ବଦା ବିଦ୍ୟାମାନଥାଏ। ତେଣୁ ଈଶ୍ୱରଙ୍କୁ କୌଣସି ଚିତ୍ରଗୁପ୍ତଙ୍କ ଆବଶ୍ୟକତା ହିଁ ନାହିଁ।

ପ୍ର- କ'ଣ ପ୍ରାଣୀଙ୍କ କର୍ମ ଓ ଭାଗ୍ୟ ଲେଖାଯାଏ ?

ଉ- ନା କାରଣ ତାହା ଲେଖାଯାଏ ଯାହାକି ଭୁଲି ଯିବାର ଭୟ ରହିଥାଏ। ଈଶ୍ୱର ସର୍ବଜ୍ଞ। ଈଶ୍ୱରଙ୍କ ଭିତରେ ବିସ୍ମରଣ ହେବା ଅର୍ଥାତ୍ ଭୁଲିଯିବା ଗୁଣ ନାହିଁ। ତେଣୁ ଲେଖିବାର ଆବଶ୍ୟକତା ପଡିନଥାଏ।

ପ୍ର- ମରିବା ପରେ ଜୀବାତ୍ମା ଭୂତ ,ପ୍ରେତ, ଡାଆଣୀ ଆଦି ହୋଇ ବୁଲିଥାଏ କି ?

ଉ- ପୂର୍ବରୁ କୁହାଯାଇଛି ଯେ ମୃତ୍ୟୁରେ ଗୋଟିଏ ଶରୀରରୁ ବାହାରିବାଠାରୁ ପୁନଃ ନୂଆ ଶରୀର ପାଇବା ପର୍ଯ୍ୟନ୍ତ ଜୀବାତ୍ମା ବାୟୁମଣ୍ଡଳରେ ଈଶ୍ୱରଙ୍କ ବ୍ୟବସ୍ଥା ଅଧୀନରେ ଅବସ୍ଥାନ କରୁଥାଏ। ଏଣୁ ମୃତ୍ୟୁ ପରେ ଜୀବ ଭୂତ,ପ୍ରେତ, ଡାହାଣୀ ହୋଇବୁଲିବା ସମ୍ଭବ ନୁହେଁ। ଭୂତ ,ପ୍ରେତ, ଇତ୍ୟାଦି ଅଜ୍ଞାନରୁ ଉତ୍ପନ୍ନ ମିଥ୍ୟଧାରଣା

ସତ୍ୟ ସନାତନ ବୈଦିକ ଧର୍ମର- ଜୟ ହେଉ

# ମହାଶିବରାତ୍ରୀରୁ ଏକ ମାସ ପର୍ଯ୍ୟନ୍ତ ୪ ରାଶି ଉପରେ ହେବ ଧନ ବର୍ଷା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ହିନ୍ଦୁ ଧର୍ମରେ ମହାଶିବରାତ୍ରୀକୁ ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ଭାବରେ ବିବେଚନା କରାଯାଏ। ଏହି ଦିନ ଶିବ ଭକ୍ତମାନେ ଉପବାସ ପୂଜାପାଠ ଏବଂ ରୁଦ୍ରାଭିଷେକ କରନ୍ତି। ଚଳିତ ବର୍ଷ ମହାଶିବରାତ୍ରୀମାର୍ଚ୍ଚ ୧ରେ ମଙ୍ଗଳବାର ଦିନ ପାଳନ କରାଯିବ। ମାର୍ଚ୍ଚ ମାସର ଆରମ୍ଭ ଅତ୍ୟନ୍ତ ଶୁଭ ଦିନରୁ ହେଉଛି। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଏହି ମହାଶିବରାତ୍ରୀ କିଛି ରାଶିର ଲୋକଙ୍କ ପାଇଁ ଭାଗ୍ୟ ପରିବର୍ତ୍ତନକାରୀ ହେବ। ମହାଶିବରାତ୍ରୀ ଦିନ ଠାରୁ ପୁରା ମାସ ପର୍ଯ୍ୟନ୍ତ, ଏହି ରାଶିର ଲୋକମାନେ ବହୁତ ଉପକୃତ ହେବେ। ସେମାନଙ୍କୁ ପୁରା ମାସ କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ନାହିଁ। ଚାଲନ୍ତୁ ସେହି ରାଶିଗୁଡ଼ିକ ବିଷୟରେ।



ମିଥୁନ ; ରାଶିର ଲୋକଙ୍କୁ ମାର୍ଚ୍ଚ ମାସରେ ଧନ ଲାଭ ହେବ। ଚାକିରି –ବ୍ୟବସାୟରେ ଲାଭର ସମ୍ଭାବନା ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପ୍ରତ୍ୟେକ କାର୍ଯ୍ୟରେ ସଫଳତା ମିଳିବ ପଦ ଓ ମାଦ-ସମ୍ମାନ ମିଳିବ ଭାଗ୍ୟର ସାହାଯ୍ୟରେ, କାର୍ଯ୍ୟ କେବଳ ସହଜରେ ସମାପ୍ତ ହେବ ନାହିଁ ବରଂ ଆପଣଙ୍କର କାର୍ଯ୍ୟଗୁଡିକ ମଧ୍ୟ ପ୍ରଶଂସିତ ହେବ। ଶୁଭ ସମାଚାର ମିଳିବ।

କର୍କଟ ; କର୍କଟ ରାଶିର ଲୋକଙ୍କ ପାଇଁ ମାର୍ଚ୍ଚ ମାସଉଭୟ ଚାକିରି ଏବଂ ବ୍ୟବସାୟ ଶୁଭ ହେବ। ଚାକିରି ଅଫର ପାଇବେ ପଦୋନ୍ନତି ଏବଂ ଦରମା ବୃଦ୍ଧି ହେବାର ସମ୍ପତ୍ତି ସମ୍ଭାବନା ଅଛି ଧନ ଲାଭ ହେବ।

ବିଛା ରାଶିର ଲୋକଙ୍କ ପାଇଁ ମାର୍ଚ୍ଚ ମାସ ପ୍ରତ୍ୟେକ କାର୍ଯ୍ୟରେ ଶୁଭ ଫଳାଫଳ ଦେବ। ନୂତନ ଚାକିରି ପାଇବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଧନ ଲାଭ ହେବ। ଧନ ସହିତ ପଦ ଓ ସମ୍ମାନ ମିଳିନ। ବିନିଯୋଗ ପାଇଁ ସମୟ ଭଲ ରହିବ।

ମୀନ ; ମୀନ ରାଶିର ଲୋକଙ୍କ ପାଇଁ ମାର୍ଚ୍ଚ ମାସ ବହୁତ ଖୁସି ଆଣିଦେବ। କ୍ୟାରିୟରରେ ସଫଳତାରେ ପାଇବେ। ବ୍ୟବସାୟୀଙ୍କ ବଡ କାରବାର ଚୂଡାନ୍ତ ହୋଇପାରେ। ଧନ ଲାଭ ହେବ। ଟଙ୍କା ଆସିବା ପାଇଁ ନୂଆ ରାସ୍ତା ଖୋଲିବ। ଏହି ମାସ ଆପଣଙ୍କ ପାଇଁ ଲାଭଦାୟକ ପ୍ରମାଣିତ ହେବ। କାରବାର ପାଇଁ ସମୟ ଲାଭ ରହିବ।

# ସକାଳ ୮ ଘଟିକାରେ ମହିଳା ସ୍ନାନ କଲେ ମାନସିକ ଶାନ୍ତି ମିଳେ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପୁରାତନ କାଳରୁ ଆଜିର ଆଜିର ଆଧୁନିକ ଯୁଗ ପର୍ଯ୍ୟନ୍ତ, ବାସ୍ତୁ ଶାସ୍ତ୍ର ଏବଂ ଜ୍ୟୋତିଷ ଶାସ୍ତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଉଛି ଆମକୁ ଜୀବନରେ ପ୍ରତ୍ୟେକ କର୍ମ ଅନୁସାରେ ଫଳ ମିଳିଥାଏ। ଆମ କର୍ମର ପ୍ରଭାବ ଆମକୁ ଜୀବନରେ ପ୍ରତ୍ୟେକ କର୍ମ ଅନୁସାରେ ଫଳ ମିଳାଥାଏ। ଆମ କର୍ମର ପ୍ରଭାବ ଆମ ଜୀବନରେ ଉପରେ ମଧ ପଡିଥାଏ। ଶାସ୍ତ୍ର ଅନୁସାରେ ବ୍ରହ୍ମ ମୂହୁର୍ତ୍ତରେ ଉଠି ସ୍ନାନ କରିବା ସବୁଠାରୁ ଶୁଭ ବୋଲି ମାନା ଯାଇଛି ।ତେଣୁ ପ୍ରତ୍ୟେକ ମହିଳା ଓ ପୁରୁଷ ଉଭୟଙ୍କୁ ସୂର୍ଯ୍ୟୋଦୟ ହେବାପୂର୍ବରୁ ସ୍ନାନ କରିବା ଉଚିତ। ଆସନ୍ତୁ ସେହି ବିଷୟରେ ବିସ୍ତାର ରୂପରେ ଜାଣିବା ଆଜିକାଲି ଅଧିକାଂଶ ଲୋକେ ସକାଳୁ ଉଠି ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କରୁ ନାହାନ୍ତି। ଏହାର ମୁଖ୍ୟ କାରଣ ହେଉଛି, ପ୍ରକୃତିରେ ପରିବର୍ତ୍ତନଶୀଳ ପରିବେଶ ଏବଂ ଲୋକମାନଙ୍କର ଖରାପ ଜୀବନଶୈଳୀ। ଆହୁରି ମଧ ଅନେକ ଲୋକଙ୍କ ମନରେ ରହିଥାଏ ଯେ ସକାଳୁ ଉଠି ସ୍ନାନ କଲେ ଥଣ୍ଡା କାଶ ଭଳି ସମସ୍ୟା ସୃଷ୍ଟି ହୋଇଥାଏ। କିନ୍ତୁ ଏହି ଧାରଣା ଭୁଲ ଅଟେ ।ତେଣୁ ମହିଳା ମାନଙ୍କୁ ଖୁବ୍ ଶ୍ରୀଘ ସ୍ନାନ କରିବା ଉଚିତ। ସୂର୍ଯ୍ୟୋଦୟ ହେବା ପୂର୍ବରୁ ସ୍ନାନ କରିବା ଦ୍ୱାରା ଶରୀର ସତେଜ ରହିଥାଏ ଏବଂ ମାନସିକ ରୂପରେ ଶାନ୍ତି ମିଳିଥାଏ। ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ ଓ ନିତ୍ୟକର୍ମ ସାରିବା ପରେ ଭଗବାନଙ୍କୁ ପୂଜାର୍ଚ୍ଚନା କରିବାକୁ ମଧ ସର୍ବୋତ୍ତମ ମାନାଯାଇଥାଏ । ଏହାଦ୍ୱାରା ଘରେ ସକାରତ୍ମକ ବାତାବରଣ ସୃଷ୍ଟି ହୋଇଥାଏ। ଏଣୁ ମହିଳା ମାନଙ୍କୁ ସକାଳୁ ସ୍ନାନ ସାରି ପ୍ରଥମେ ଭଗବାନଙ୍କ ନାମ ସ୍ମରଣ କରିବା ଆବଶ୍ୟକ। କାରଣ ସକାଳ ୮ଘଟିକା ପରେ ସ୍ନାନ କରିବାକୁ ଅସୁର ସ୍ନାନ କୁହାଯାଏ। ଏହି ସମୟରେ ସ୍ନାନ କଲେ ଶରୀରକୁ ଯନ୍ତ୍ରଣା ଏବଂ ପୀଡା ଅନୁଭବ ହୋଇଥାଏ। ଶାସ୍ତ୍ରରେ ସ୍ନାନ କରିବା ସମୟରେ କୌଣସି ମହିଳାଙ୍କୁ ସମ୍ପୂର୍ଣ୍ଣ ନଗ୍ନ ହୋଇ ସ୍ନାନ କରିବା ଅନୁଚିତ ବୋଲି କୁହାଯାଇଛି। କାରଣ ଆମ ପୂର୍ବ ପୁରୁଷ ମାନେ ସବୁବେଳେ ଆମ ଆଖପାଖରେ ରହିଥାନ୍ତି। ଆମ ବସ୍ତ୍ରରୁ ପଡୁଥିବା ପାଣିକୁ ସେମାନେ ଗ୍ରହଣ କରିଥାନ୍ତି। ନିବସ୍ତ୍ର ହୋଇ ସ୍ନାନ କରିବା ଦ୍ୱାରା ସେମାନେ ଏଭଳି କରିପାରିନଥାନ୍ତି ଏବଂ ଅତୃପ୍ତ ହୋଇ ଆମ ଉପରେ କ୍ରୋଧିତ ହୋଇଯାଇଥାନ୍ତି। ଏଣୁ ଉଭୟ ପୁରୁଷ ଓ ସ୍ତ୍ରୀ ଲୋକମାନେ କେବେଳବି ନିବସ୍ତ୍ର ହୋଇ ସ୍ନାନ କରିବା ଉଚିତ ନୁହେଁ। ଏଭଳି ନିୟମ ସଠିକ ରୂପରେ ପାଳନ କରି ସ୍ନାନ କରନ୍ତୁ, ଦେଖିବେ ଆପଣଙ୍କର ମଙ୍ଗଳ ହେବ ଏବଂ ଆପଣ ସୁଖରେ ରହିବେ।




# ଭାରତର ବନ୍ଧୁପଣିଆ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିପଦ ସମୟରେ ଭାରତ ନିଜର ବନ୍ଧୁପଣିଆ ଦେଖାଇଛି। ଆଫଗାନିସ୍ତାନରେ ଜାରି ରହିଥିବା ଖାଦ୍ୟ ସଙ୍କଟକୁ ଦୃଷ୍ଟିରେ ରଖି ଭାରତ ୫୦ଟ୍ରକ ଗହମ ପଠାଇଛି। ୨୫୦୦ମେଟ୍ରିକ୍ ଟନ୍ ଗହମ ମଙ୍ଗଳାବର ଆଫଗାନିସ୍ତାନ ଅଭିମୁଖେ ପଠାଯାଇଛି। ବହିର୍ବ୍ୟାପର ମନ୍ତ୍ରଣାଳୟ ପକ୍ଷରୁ ଏସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ଅମୃତସରଠାରୁ ପାକିସ୍ତାନ ବାଟେ ଏହି ଟ୍ରକ୍ ଗୁଡିକ ଆଫଗାନିସ୍ତାନ ଅଭିମୁଖେ ଯାତ୍ରା କରିଛନ୍ତି। ଏନେଇ ଆୟୋଜିତ ଏକ ଉତ୍ସବରେ ଭାରତୀୟ ବହିର୍ବ୍ୟପାର ସଚିବ ହର୍ଷବର୍ଦ୍ଧନ ଶୃଙ୍ଗଳା, ଆଫଗାନିସ୍ତାନ ରଷ୍ଟ୍ରଦୂତ ଫରୀଦ୍ ମଂମୁଜଦଇ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର କଂଣ୍ଟ୍ରି ନିର୍ଦ୍ଦେଶକ ବି ପରାଜୁଲି ଉପସ୍ଥିତ ଥିଲେ। ମାନବୀୟ ସହାୟତା ଅନ୍ତର୍ଗତ ଭାରତ ୫୦,୦୦୦ମେଟ୍ରିକ୍ ଗହମ ଆଫାଗାନିସ୍ତାନକୁ ପଠାଇବାର ଯୋଜନା କରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗହମ ବୋଝେଇ ଟ୍ରକ୍‌ଗୁଡିକ ଆଫାଗାନିସ୍ତାନର ଜଲାଲାବାଦ୍‌ରେ ପହଂଚିବା।



# ଶିବରାତ୍ରିର ଶିବତତ୍ତ୍ୱ

ଦେବ ଦେବ ମହାଦେବଙ୍କୁ ସ୍ମରଣ କଲେ ଆମ୍ଭମାନଙ୍କ ମାନସପଟରେ ଏକ ରଜତଗିରିନିଭ ଅର୍ଥ ଶୁଭ୍ରବର୍ଣ୍ଣର ମୂର୍ତ୍ତି ଉଦୟ ହୁଏ, ଯିଏ ଯୋଗାସନରେ ଉପବିଷ୍ଟ, ବାଘ ଚମଡ଼ା ପରିହିତ, ତ୍ରିଶୂଳ ଓ ଡମ୍ବରୁଧାରୀ, ଗଳାରେ ସାପ ଇତ୍ୟାଦି। କିନ୍ତୁ ବାସ୍ତବରେ ଏଭଳି ଜଣେ ମନୁଷ୍ୟ ଦେଖାଯାଆନ୍ତି ନାହିଁ। ପୌରାଣିକ ସକଳ ବ୍ୟକ୍ତିଙ୍କର ବାସ୍ତବ ଅସ୍ତିତ୍ୱ ଥିଲାବୋଲି ପରମ ପ୍ରେମମୟ ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମତବ୍ୟକ୍ତ କରିଛନ୍ତି। ସେମାନେ ଏହି ଦୁନିଆରେ ବସବାସ କରୁଥିଲେ। ପରବର୍ତ୍ତୀ କାଳରେ ଇଷ୍ଟପ୍ରଦତ୍ତ ସାଧନା ବଳରେ ସେମାନେ ଦେବତାରେ ରୂପାନ୍ତରିତ ହୋଇଛନ୍ତି। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ପୁଣି କହିଛନ୍ତି - 'ଦିବ୍' ଧାତୁ (ଦୀପ୍ତି) ଠାରୁ ଦେବତା ଶବ୍ଦର ଉତ୍ପତ୍ତି। ଇଷ୍ଟାନୁଗ ସାଧନା, କର୍ମ ଓ ଲୋକସେବା ଭିତର ଦେଇ ଯେଉଁମାନେ ଦୀପ୍ତିମାନ ଚରିତ୍ରର ଅଧିକାରୀ ହୋଇଠନ୍ତି ସେମାନେ ଦେବତା ଭାବରେ ପରିଗଣିତ ହୋଇଛନ୍ତି।

ସତ୍‌ସଙ୍ଗର ପ୍ରାଣପୁରୁଷ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦେଓଘର ଠାକୁର ବଙ୍ଗଳା ସମ୍ମୁଖରେ ଖୋଲା ପ୍ରାଙ୍ଗଣରେ ଏକ କୃଷ୍ଣପକ୍ଷ ରାତ୍ରିରେ ଆକାଶକୁ ଅନାଇ ବିଭିନ୍ନ ଗ୍ରହ ନକ୍ଷତ୍ର ଓ ସେମାନଙ୍କର କ୍ରିୟା ଓ ଅବସ୍ଥିତି ସମ୍ବନ୍ଧରେ ସମବେତ ଭକ୍ତ ମାନଙ୍କୁ ବୁଝାଇ ଆକାଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଶ୍ୱେତବର୍ଣ୍ଣ ଛାୟାପଥ ଦେଖାଇ କହିଥିଲେ - ଏହା ହେଉଛି ନୀହାରିକାର ଜଗତ। ଏଠାରେ କୋଟି କୋଟି ଗ୍ରହ ନକ୍ଷତ୍ର ସର୍ବଦା ସୃଷ୍ଟି ହେଉଛି, ତୀବ୍ର ଗତିରେ ଭ୍ରମଣ କରୁଛି, ଆଉ ପରସ୍ପରକୁ ଧକ୍କା ଲଗାଇ ପୁଣି ଭାଙ୍ଗି ଯାଉଛି। ଏହାଫଳରେ ସେଠାରେ ସର୍ବଦା ଓଁ - ଓଁ - ଶବ୍ଦ ଉଚ୍ଚାରିତ ହେଉଛି। ବ୍ରହ୍ମାଣ୍ଡର ସୃଷ୍ଟିଧାରାର ଏକ ବିଶେଷ ପର୍ଯ୍ୟାୟରେ ଏହି ଓଁ ଧ୍ୱନି ଜାଗି ଉଠେ। ବିଶ୍ୱନାଥ ଶିବଙ୍କ ସଙ୍ଗେ ଏହି ଓଁ ବା ବ୍ୟୋମ ଧ୍ୱନିର ସମ୍ବନ୍ଧ ଅତି ନିକଟ। ଭଗବାନ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - 'ଶିବ' ଶବ୍ଦର ଅର୍ଥ ମଙ୍ଗଳ। 'ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ। ଶିବ ଶବ୍ଦର ଉତ୍ପତ୍ତି ଶୀ - ଧାତୁ (ଶୟନ) ଠାରୁ। ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ ସେହି ହେଉଛନ୍ତି ଶିବ। ଶିବଙ୍କର ଆଉ ଏକ ନାମ ଶମ୍ଭୁ। ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା। ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ। ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି। ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି। ସେ ଭୂତନାଥ, ଭୂତେଶ ଓ ଭୂତଭାବନ। ଭୂତମାନେ ପ୍ରେତ ବା ଅଶରୀରୀ ଆତ୍ମା ନୁହେଁ। ଭୂତମାନେ ଯାହାକିଛି ହୋଇଅଛି, ସ୍ଥାବର ଜଙ୍ଗମ, ସମସ୍ତ କିଛିର ସେ ନାଥ। ମହାଦେବଙ୍କର ଦୁଇ ଅନୁଚର ବା ଶକ୍ତି - ନନ୍ଦୀ ଓ ଭୃଙ୍ଗୀ ରହିଛନ୍ତି। ନନ୍ଦୀ ଶବ୍ଦର ଉତ୍ପତ୍ତି ନନ୍ଦ ଧାତୁ ଠାରୁ, ମାନେ ଆନନ୍ଦ ଏବଂ ଭୃଙ୍ଗୀ ଆସିଛି ଭୃ ଧାତୁ ଠାରୁ, ମାନେ ଭରଣ, ପୋଷଣ ଓ ଧାରଣ। ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ। ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର। ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ। ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି। ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ। ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ। ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ। ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ। ଏହି ସାପର ଅସ୍ତିତ୍ୱକୁ ପରମ ଦୟାଳ ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ସାପ ହେଉଛି ହିଂସ୍ର ବ୍ୟକ୍ତିର ପ୍ରତୀକ। ସମାଜରେ ହିଂସ୍ର ବା ଖଳ ବ୍ୟକ୍ତିମାନଙ୍କୁ ମହାଦେବ ସ୍ୱପ୍ରେମରେ ବଶୀଭୂତ କରି ପାଖରେ ରଖିଛନ୍ତି ଯେଭଳି ସେମାନେ ସମାଜର ଅନ୍ୟ ମାନଙ୍କର କ୍ଷତି କରିନପାରନ୍ତି। ମହାଦେବଙ୍କର ପରିଧାନ ବ୍ୟାଘ୍ରଚର୍ମ। ବାଘ ହେଲା ସାହସୀ, ବୀର୍ଯ୍ୟବାନ ଓ କୌଶଳୀ। ବ୍ୟାଘ୍ରଚର୍ମ ଏହି ଗୁଣ ଗୁଡ଼ିକର ଦ୍ୟୋତକ। ମହାଦେବଙ୍କ ମସ୍ତିଷ୍କରେ ଚନ୍ଦ୍ର ରହିଛନ୍ତି। ତେଣୁ ତାଙ୍କ ନାମ ଚନ୍ଦ୍ରେଶ୍ୱର। ଚନ୍ଦ୍ରର ତେଜରେ ସମୁଦ୍ରରେ ଜୁଆର ଉଚ୍ଚା ହୁଏ, ମାଟି ଉର୍ବର ହୋଇ ଶସ୍ୟାଦି ଉତ୍ପନ୍ନ ହୁଏ ଓ ପୃଥିବୀରେ ଔଷଧ ସମୂହର ପରିଷ୍ଫୁଟ ହୁଏ। ତେଣୁ ଏକ ପ୍ରୟୋଜନୀୟ ବିଗ୍ରହକୁ ମହାଦେବ ତାଙ୍କର ଶିରୋଭୂଷଣ କରିରଖିଛନ୍ତି। ତ୍ରିଶୂଳ ମହାଦେବଙ୍କ ଅସ୍ତ୍ର। ଦୁଷ୍ଟ ଦାନବ ନିଧନ ନିମିତ୍ତ ଏହି ତ୍ରିଶୂଳ ଉଦ୍ଦିଷ୍ଟ। ତ୍ରିଶୂଳର ତିନୋଟି ଫଳା, ସତ୍ତ୍ୱ, ରଜ ଓ ତମ, ଏହି ତିନିଗୁଣ ମହାଦେବଙ୍କ କରାୟତ୍ତ। ପୁଣି ଏହି ତିନିଟି ଫଳା ହେଉଛି ସୃଷ୍ଟି, ସ୍ଥିତି ଓ ପ୍ରଳୟର ଦ୍ୟୋତକ। ଏହା ସାଙ୍ଗରେ ଅଛି ଡମ୍ବରୁ, ସେଥିପାଇଁ କୁହାଯାଏ ସେ ଡମ୍ବରୁଧର। ଡମ୍ବରୁ ହେଉଛି ଶବ୍ଦର ପ୍ରତୀକ, ଆଦିଶବ୍ଦ ଓ ଆଦିବ୍ରହ୍ମ। ଶିବଙ୍କର ପାଞ୍ଚଟି ମୁଖ, ଏହି ପାଞ୍ଚଟି ମୁଖରେ ସେ ପରମପିତାଙ୍କର ଗୁଣଗାନ କରନ୍ତି। ସେ ତ୍ରିନୟନଧାରୀ, ଦୁଇଟି ସାଧାରଣ ଚକ୍ଷୁ ଓ ଆଉ ଗୋଟିଏ ପ୍ରଜ୍ଞାନେତ୍ର। ଏହି ପ୍ରଜ୍ଞାନେତ୍ରରୁ କ୍ରୋଧ ଓ ଜ୍ଞାନ-ବହ୍ନି ନିର୍ଗତ ହୋଇ କାମଦେବଙ୍କୁ ମହାଦେବ ଭସ୍ମୀଭୂତ କରିଥିଲେ। ଏହାର ଅର୍ଥ ହେଉଛି କାମ, କ୍ରୋଧ, ଲୋଭ, ମଦ, ମୋହ ଓ ମାତ୍ସର୍ଯ୍ୟ ଇତ୍ୟାଦି ଷଡ଼ରିପୁ ଶିବଙ୍କ ପାଖରେ ଭସ୍ମୀଭୂତ। ସମଗ୍ର ବିଶ୍ୱର ଯେ ପ୍ରଭୁ ସେ ହିଁ ବିଶ୍ୱନାଥ। ତନ୍ତ୍ରଶାସ୍ତ୍ରରେ ଅଛି, ଏହିପରି ଗୁଣାନ୍ୱିତ ପରମଶିବ ମଝି ମଝିରେ ପୃଥିବୀରେ ଦେଖା ଦିଅନ୍ତି ଇଷ୍ଟଗୁରୁ ରୂପେ। ଶିବତ୍ୱ ଘନୀଭୂତ ହୋଇ ପ୍ରକାଶ ପାଏ ସେହି ଶିବ ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ସେ ହିଁ ଲୋକଗୁରୁ, ଲୋକ ଉଦ୍ଧାତା, କାଳଜୟୀ, ପରମପ୍ରେମମୟ, ବୈଶିଷ୍ଟ୍ୟପାଳୀ, ଭଗବାନ ପୁରୁଷୋତ୍ତମ। ଗୁରୁ ହିଁ ସାକ୍ଷାତ ଶିବ। ଆମ ଦେଶରେ କୁମାରୀ କନ୍ୟାମାନେ ଶିବରାତ୍ରି ବ୍ରତ କରନ୍ତି। ଉଦ୍ଦେଶ୍ୟ କଲ୍ୟାଣ ଲାଭ ଓ ଶିବଙ୍କ ଭଳି ସ୍ୱାମୀ ଲାଭ। ଯୁଗଗୁରୁ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସୁନ୍ଦର ଭାବରେ ବୁଝାଇ କହିଛନ୍ତି - ବ୍ରତ ଶବ୍ଦଟି ଆସିଛି 'ବୃ'ଧାତୁ ଠାରୁ, ଅର୍ଥ ବରଣ କରିବା। ଶିବବ୍ରତ କରିବା ଅର୍ଥ ଶିବତ୍ୱକୁ ବରଣ କରିବା ବା ଶିବଙ୍କୁ ଆପଣ କରିନେବା। ବ୍ରତ ଶବ୍ଦର ଆଉ ଏକ ଅର୍ଥ - 'ବ୍ରଜ୍' ଧାତୁ ଠାର. ଅର୍ଥ ଚାଲିବା। ଶିବରୂପୀ ସଦ୍‌ଗୁରୁ ଯେଭଳି ଚାହାଁନ୍ତି ସେହିଭଳି ଭାବରେ ଚାଲିଲେ, କହିଲେ ଓ କରିଲେ ବ୍ରତ ସାର୍ଥକ ହୁଏ। ଉପବାସ ଅର୍ଥ ହେଉଛି- ଉପ ବା ନିକଟରେ ବାସ କରିବା। ମନକୁ ଶିବଙ୍କ ପାଖରେ ରଖିବା ଦ୍ୱାରା ଉପବାସ ସାର୍ଥକ ହୁଏ। ନାରୀ ହେଉ ବା ପୁରୁଷ ହେଉ ଯେଉଁମାନେ ଏହି ବ୍ରତ - ଉପବାସ ଠିକ୍ ଠିକ୍ ଭାବରେ କରନ୍ତି, ଅନ୍ତର ସେମାନଙ୍କର ଶୁଦ୍ଧ, ଶାନ୍ତ ଓ ମଙ୍ଗଳ ବିକିରଣୀ ହୋଇଉଠେ। ଲାଳସା ଓ ଉଗ୍ରତା ସ୍ତିମିତ ହୋଇଆସେ। ଯେଭଳି କରିବ, ସେହିଭଳି ହେବ, ବିଧି କାହାର ବାମ ନୁହେଁ। ଓଁ ନମଃ ଶିବାୟଃ।



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୩୩୮୧୦୦୮୩୭

# କାହାଣୀର ନାଁ ଡାହାଣୀ

ରାଜ୍ୟରେ ଅନ୍ଧବିଶ୍ୱାସ ଜନିତ ହତ୍ୟା ଏବଂ ନିର୍ଯାତନା ଘଟଣା ବୃଦ୍ଧି ପାଉଛି। ବିଶେଷକରି ମହିଳାଙ୍କ ବିରୋଧରେ ଏହି ଅପରାଧ ଅଧିକ। କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ମାଲକାନାଗିରି, ଗଜପତି, ଗଞ୍ଜାମ ଭଳି ଜିଲ୍ଲାରେ ଏଭଳି ଘଟଣା ଅଧିକାଂଶ ଘଟୁଥିବା ଓଡ଼ିଶା ମହିଳା ଆୟୋଗ ପକ୍ଷରୁ ଗତ ଡିସେମ୍ବରରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟର ୩୦ ଜିଲ୍ଲାର ୧୦୨ ଡାହାଣୀ ଶିକାର ମାମଲାକୁ ଆଧାର କରି ଆକ୍ସନ ଏଡ ଏବଂ ଓଡ଼ିଶା ରାଜ୍ୟ ମହିଳା କମିଶନ ପକ୍ଷରୁ ଓ୍ୱିଚ୍ ହଣ୍ଟିଂ ଇନ୍ ଓଡ଼ିଶା ନାମରେ ଏହି ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ଅଧିକାଂଶ ଡାହାଣୀ ଶିକାର ସମ୍ପର୍କିତ ମାମଲା ସ୍ୱାସ୍ଥ୍ୟ ସମ୍ବନ୍ଧିତ ବୋଲି ଜଣାପଡ଼ିଛି। ଶିକ୍ଷା ଓ ସଚେତନତା ଅଭାବରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପ୍ରାୟତଃ ଏଭଳି ଘଟଣା ଦେଖିବାକୁ ମିଳୁଛି। କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ଡାହାଣୀ ଶିକାର ଜନିତ ମାମଲା ହୋଇଥିବା ଜଣା ପଡ଼ିଛି। କୋହଳ ଦଣ୍ଡ ବ୍ୟବସ୍ଥା ଏବଂ ସଚେତନତା ଅଭାବରୁ ଏଭଳି ଘଟଣା ଘଟୁଛି ବୋଲି କୁହାଯାଉଛି।

ରିପୋର୍ଟ ଅନୁସାରେ, ଡାହାଣୀ ସନ୍ଦେହରେ ଆକ୍ରମଣ ଘଟଣାଗୁଡ଼ିକ ମଧ୍ୟରୁ ୨୭% ପିଲାଙ୍କ ଦେହ ଖରାପ ଯୋଗୁ. ୪୩.୫% ପରିବାରରର ବୟସ୍କ ବ୍ୟକ୍ତିଙ୍କ ଦେହ ଅସୁସ୍ଥ, ୨୪.୫% ଅଭାବନୀୟ ଓ ଜମି ହଡ଼ପ ଏବଂ ୫% ଫସଲ ଖରାପ ଯୋଗୁଁ ଘଟୁଛି। ଏହାଛଡ଼ା ଜାତୀୟ ଅପରାଧିକ ରେକର୍ଡ଼ ବ୍ୟୁରୋ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ିରୁ ହେଉଥିବା ହତ୍ୟା ମାମଲାରେ ପ୍ରଥମରେ ଝାଡ଼ଖଣ୍ଡ ରାଜ୍ୟ ରହିଥିବାବେଳେ ଓଡ଼ିଶା ୨ୟ ସ୍ଥାନରେ ରହିଛି। ଏନସିଆରବିର ତଥ୍ୟ ଅନୁସାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ୨୦୦୦ରୁ ୨୦୧୬ ମଧ୍ୟରେ ୨୪୬୮ ହତ୍ୟା ମାମଲା ରୁଜୁ ହୋଇଛି। ସେଥିରୁ ଅଧିକାଂଶ ସନ୍ଦେହ ଏବଂ ମହିଳା ନିର୍ଯାତନା ସମ୍ପର୍କିତ ବୋଲି ଜଣାପଡ଼ିଛି। ୨୦୧୬ରୋ ୧୩୪ ଜଣଙ୍କୁ ଡାହାଣୀ ସନ୍ଦେହରେ ହତ୍ୟା କରାଯାଇଥିଲା। ସେଥିରୁ ଅଧିକାଂଶ ସ୍ୱାସ୍ଥ୍ୟ ସମସ୍ୟା, ପରିବାରର କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା କିମ୍ବା ସାମ୍ପ୍ରଦାୟିକ କାରଣରୁ ରୋଷ ରଖି ହତ୍ୟା କରାଯାଇଥିବା ଜଣାପଡ଼ିଛି। ୨୦୧୬ରେ ଓଡ଼ିଶାରେ ଡାହାଣୀ ସନ୍ଦେହରେ ୨୫ଟି, ୨୦୧୭ ଏବଂ ୨୦୧୮ରେ ୧୮ଟି ଲେଖାଏ ଏବଂ ୨୦୧୯ରେ ୧୯ ହତ୍ୟା ମାମଲା ରୁଜୁ ହୋଇଛି। ଭାତ ହାଣ୍ଡିରୁ ଗୋଟିଏ ପରି ଏକ ଉଦାହରଣ ଦେଉଛୁ ତାହା ହେଉଛି ୨୦୨୦ରେ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ କାଳନ୍ଦା ଗ୍ରାମରେ ପିଲାଙ୍କୁ ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ପୁତୁରା ଶ୍ରୀକାନ୍ତ ଦେହୁରୀ ନିଜ ପିଇସି ରାଇବାରୀ ଦେହୁରୀଙ୍କୁ ହତ୍ୟା କରିଥିଲେ। ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ଯେ ସାମାଜିକ, ଆର୍ଥିକ, ଲିଙ୍ଗଗତ ଅସମାନତା ଏବଂ ସ୍ୱାସ୍ଥ୍ୟସେବା ଅଭାବ, ନିରକ୍ଷରତା ଏହି ଘଟଣାର ମୁଖ୍ୟ କାରଣ। ରାଜ୍ୟରେ ଅନ୍ଧବିଶ୍ୱାସ ଏବଂ ଗୁଣି ଗାରେଡ଼ି ଯୋଗୁଁ ଅପରାଧ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ଓଡ଼ିଶା ଡାହାଣୀ ଶିକାର ନିରୋଧ ଆଇ ୨୦୧୩ ଆଣିଥିଲେ। ଏହି ଆଇନରେ ଅଭିଯୁକ୍ତଙ୍କ ପାଇଁ ସର୍ବନିମ୍ନ ୩ବର୍ଷ ଏବଂ ୧ ହଜାର ଟଙ୍କା ଜରିମାନା କିମ୍ବା ଉଭୟର ବ୍ୟବସ୍ଥା ରହିଛି। ହେଲେ ଏହି ଦଣ୍ଡ ବ୍ୟବସ୍ଥା ପର୍ଯ୍ୟାପ୍ତ ହେଉ ନଥିବାରୁ ଅଭିଯୁକ୍ତମାନେ ଅପରାଧ କରିବାକୁ ଭୟ କରୁନାହାନ୍ତି। ତେଣୁ ଆଇନରେ କଠୋର ଦଣ୍ଡ ବିଧାନ ପାଇଁ ରାଜ୍ୟ ସରକାରଙ୍କୁ ଆବେଦନ କରାଯାଇଛି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅଧିକ ସଚେତନତା ଆବଶ୍ୟକ ରହିଛି।

ଶିକ୍ଷା ଓ ଜନ ସଚେତନତା ଅଭାବରୁ ହିଁ ସମାଜରେ ଅନ୍ଧବିଶ୍ୱାସ ଦେଖାଯାଉଛି। ଫଳରେ ହତ୍ୟା ଭଳି ଘଟଣା ଘଟୁଛି। ଅନେକ ଶିକ୍ଷିତ ଲୋକଙ୍କ ମନରେ ମଧ ଅନ୍ଧବିଶ୍ୱାସ ଭାବନା ରହିଛି। ଉପାନ୍ତ ଅଞ୍ଚଳରେ ରହୁଥିବା ଜନଜାତିଙ୍କ କ୍ଷେତ୍ରରେ ଅନ୍ଧବିଶ୍ୱାସ ଅଧିକ ଦେଖିବାକୁ ମିଳୁଛି। ମଝିରେ ମଝିରେ ସରକାରଙ୍କ ପକ୍ଷରୁ ଗଣମାଧ୍ୟମ ଜରିଆରେ ଅନ୍ଧବିଶ୍ୱାସକୁ ନେଇ ସଚେତନ ସହ ଉପାନ୍ତ ଅଞ୍ଚଳରେ ପୋଷ୍ଟର ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବା ଦରକାର। ତେବେ ପୂର୍ବ ଅପେକ୍ଷା ଅନ୍ଧବିଶ୍ୱାସର ପରିମାଣ କମିଛି।



ସତ୍ୟ ମହାପାତ୍ର
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୬୫୮୧୦୫୫୩୨

# ଚଳାପଥ ପକ୍ଷରୁ 'ପଞ୍ଚସତୀ ଓ ଅନ୍ୟମାନେ' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଚଳାପଥ ପକ୍ଷରୁ ଆୟୋଜିତ ପୁସ୍ତକ ଉନ୍ମଚନ ଉତ୍ସବରେ ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷିକେଶ ମଲ୍ଲିକଙ୍କ ଦ୍ୱାରା ଲିଖିତ ମୁଖବନ୍ଧ ପୁସ୍ତକ ବହୁ ଚର୍ଚ୍ଚିତ ଖଣ୍ଡକାବ୍ୟ 'ପଞ୍ଚସତୀ ଓ ଅନ୍ୟମାନେ' ପୁସ୍ତକକୁ ଉନ୍ମଚନ କରି ଉତ୍ସବର ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ କହିଲେ ଯେ, ସାରସ୍ୱତ ସ୍ରଷ୍ଟାମାନଙ୍କର ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ପାଠକର ମନ ଓ ପ୍ରାଣକୁ ସ୍ପର୍ଶ କରିଥାଏ । ସାମ୍ପ୍ରତିକ ସମୟରେ ଲେଖକଙ୍କର ଏପରି ଖଣ୍ଡକାବ୍ୟ ଲେଖାଯିବାର ଆବଶ୍ୟକତା ରହିଛି । ପ୍ରତିଷ୍ଠିତ କବି ତଥା ବରିଷ୍ଠ ପ୍ରଶାସକ ରବିନାରାୟଣ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ବାଙ୍ଗାଲୋରର ଚନ୍ଦ୍ରଯାନ ନିର୍ମାଣ କରିଥିବା ଓଡ଼ିଆ ବୈଜ୍ଞାନିକ ଡ. କାର୍ତ୍ତିକ ଚନ୍ଦ୍ର ସାଇଁଙ୍କୁ ଚଳାପଥ ତରଫରୁ ଏହି ଉତ୍ସବର ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଗାଳ୍ପିକ ତଥା ଅବସର ପ୍ରାପ୍ତ ବରିଷ୍ଠ ପ୍ରଶାସକ ବିଜୟ ନାୟକ କବି ତଥା ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ସାମନ୍ତରାୟ, ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମମତା ମହାପାତ୍ର, ରମାଦେବୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ତଥା ଗବେଶିକା ଡ. ସଂଘମିତ୍ରା ଭଞ୍ଜ, ଡ. ଦେବାଶିଷ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସରଳ ଭାଷାର ଲେଖା ସର୍ବଦା ଲେଖକକୁ ପାଠକର ନିକଟତର କରିଥାଏ । ଚଳାପଥର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ହଳଧର ଧୀର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୁସ୍ତକର ଲେଖିକା ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ ଉତ୍ସବର ସଫଳତା ଲାଗି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଉତ୍ସବରେ ପୁସ୍ତକର ପ୍ରକାଶକ ତଥା ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ସଭାପତି ବସନ୍ତ କୁମାର ମାଝି, ପ୍ରଫେସର ଡ. ଭି.ରାଜେନ୍ଦ୍ର ରାଜୁ, ସାହିତ୍ୟିକ ଦେବେନ୍ଦ୍ର ଦାସ, ରଜନୀକାନ୍ତ ପଣ୍ଡା, ସାରସ୍ୱତ ସମାଜର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସଲୀଳା ମହାନ୍ତି, ସରୋଜଲକ୍ଷ୍ମୀ ମହାନ୍ତି, ଡ. ଶକୁନ୍ତଳା ବଳିଆରସିଂ, ଡ. ହରପ୍ରସନ୍ନ ଦାସ, ରାଜ କୁମାର ସୁତାର, ନିହାର ଶତପଥି, ଲଳିତ ପଟ୍ଟନାୟକ, ସୁଚେତା ରାଉତ, ଶୁଭ୍ରା ନନ୍ଦ, ଦୁର୍ଗାଚରଣ ଷଡଙ୍ଗୀ, ସବିତା ବେହେରା, ସସ୍ମିତା ଜେନା, ବିମଳା ସିଂ, ବାସନ୍ତୀ ଦାସ, ମନୋରମା ମିଶ୍ର ପ୍ରମୁଖ ବହୁ କବି ଓ ସାହିତ୍ୟିକ ଯୋଗ ଦେଇଥିଲେ



# ପର୍ଶୁରାମ ରାୟଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳୀ ସଭା

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ନୁଆଗଡ ଗ୍ରାମର ସମାଜସେବୀ ତଥା ଜଗତସିଂହପୁର ମୁଖ୍ୟ ଡାକଘରର ପୂର୍ବତନ ଡାକପାଳ ଙ୍କ ବିୟୋଗରେ ନୁଆଗଡ ଗ୍ରାମ ସ୍ଥିତ ତାଙ୍କ ବାସଭବନରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ବିପିନ ବିହାରୀ ମାହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ତାଙ୍କର ସୁଗୁଣ ଓ ସୁକର୍ମ ହିଁ ମଣିଷକୁ କାଳଜୟୀ କରିଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସଭିଏମ କଲେଜର ଅଧ୍ୟାପକ ଶରତଚନ୍ଦ୍ର ମହାରଣା,ଆଲୋକ ବାରିକ,ଶେଷଦେବ ଛୋଟରାୟ,ଆର୍ତ୍ତବନ୍ଧୁ ବିଶ୍ୱାଳ,ପ୍ରମୋଦ ରାଉତରାୟ,ନିରଞ୍ଜନ ସାମନ୍ତସିଂହାର ଓ ପବିତ୍ର ମୋହନ ଦାଶ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ । ଶେଷରେ ତାଙ୍କର ପୁତ୍ର ଜିତେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।



# ଖାଦ୍ୟରେ ସାମିଲ୍ କରନ୍ତୁ ଅଶ୍ୱଗନ୍ଧା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଅଶ୍ୱଗନ୍ଧା ଏହି ନାଁ ଆପଣ ଅନେକ ଥର ଶୁଣିଥିବେ । ଏହା ଏକ ପ୍ରକାର ଜଡିବୁଟ । ଅନେକ ରୋଗର ଉପଶମ ପାଇଁ ଏହାକୁ ଔଷଧ ରୂପେ ବ୍ୟବହାର କରାଯାଏ । ତେବେ ଆପଣ ଭାବୁଥିବେ ଅଶ୍ୱଗନ୍ଧା କଣ ଏହାର କଣ କଣ ସବୁ ଔଷଧୀୟ ଗୁଣ ଅଛି ଆସନ୍ତୁ ଜଣିବା ପୋଟାପଣ କମ୍ କରିବା ସହ ମସ୍ତିଷ୍କକୁ ସୁସ୍ଥ ରଖିଥାଏ । ତେବେ ଅଶ୍ୱଗନ୍ଧାର ଏମିତି ଅନେକ ଉପକାର ଅଛି ଯାହା ଆପଣ ହୁଏତ ଶୁଣି ନଥିବେ !


କ୍ୟାନସର ଭଳି ଖତରନାକ ରୋଗପାଇଁ ଖୁବ୍ ଉପଯୋଗୀ ଅଶ୍ୱଗନ୍ଧା ଗବେଷଣାରୁ ଜଣା ପଡିଛି ଅଶ୍ୱଗନ୍ଧାରେ କ୍ୟାନ୍ସର ସେଲରୁ ବଢିବାରେ ରୋକିଥାଏ ।

ଅଶ୍ୱଗନ୍ଧାରେ ଥିବା ଅକ୍ସିଡେଣ୍ଟ ଆପଣଙ୍କ ଇମ୍ୟୁନସିଷ୍ଟମକୁ ମଜଭୁଦ କରିବାରେକାମ କରିଥାଏ । ଯାହା ଆପଣଙ୍କୁ ଥଣ୍ଡା ଜ୍ୱର ଭଳି ରୋଗରୁ ଲଢିବାକୁ ଶକ୍ତି ଦେଇଥାଏ ।

ଅଶ୍ୱଗନ୍ଧାରେ ହ୍ୱାଇଟ୍ ବ୍ଲଡ୍ ସେଲ୍ସ ଓ ରେଡ୍ ବ୍ଲଡ ସେଲ୍ସକୁ ବଢାଇବା କାମ କରିଥାଏ । ଯାହା ଅନେକ ସମସ୍ୟାକୁ ଦୂର କରିଥାଏ । ଅଶ୍ୱଗନ୍ଧା ମାନସିକ ଦୁଶ୍ଚିନ୍ତା ଭଳି ସମସ୍ୟାକୁ ଠିକ୍ କରିଥାଏ । ଏକ ରିପୋର୍ଟ ଅନୁସାରେ ଅଶ୍ୱଗନ୍ଧା ବ୍ୟବହାର କଲେ ୭୦ପ୍ରତିଶତ ପର୍ଯ୍ୟନ୍ତ ରୋଗ ଭଲ ହୋଇଥାଏ ଏହା ଶରୀରର ମାନସିକ ସନ୍ତୁଳନ ଠିକ୍ ରଖିଥାଏ । ଏହାଦ୍ୱାରା ଭଲ ନିଦ ବିଆସିଥାଏ ଅଶ୍ୱଗନ୍ଧା ଅନେକ ରୋଗକୁ ଚୁଟକିରେ ଗାଏବ କରିଥାଏ ।

ଅଶ୍ୱଗନ୍ଧା ବ୍ୟବହାର କରିବା ଦ୍ୱାର ଆଖିର ଦୃଷ୍ଟି ଶକ୍ତି ବଢିଥାଏ । ପ୍ରତିଦିନ ଖୀରରେ ଏହାକୁ ପିଇବା ଦ୍ୱାରା ଆଖି ସହ ଷ୍ଟ୍ରେସ୍ ବି ଦ୍ୱର ହୋଇଥାଏ

ଅଶ୍ୱଗନ୍ଧା ଖୁବ ପ୍ରଭାବଶାଳୀ । ଏହା ଗ୍ୟାଷ୍ଟ୍ରିକ୍ ଓ ଅଲସରକୁ ରୋକିବାରେ ବି ସାହାଯ୍ୟ କରେ । ଅଶ୍ୱଗନ୍ଧା ଅନେକ ରୋଗର ଉପସମ । ମାନସିକ ଚିନ୍ତା, ପକ୍ଷାଘାତ ରୋଗ ପ୍ରୋଷ୍ଟେଟ ଏବଂ କର୍କଟ ଭଳି ସମସ୍ୟାକୁ ଦୂର କରିଥାଏ ।




# ସ୍ୱାସ୍ଥ୍ୟପ୍ରଦ ହୋଇଥାଏ ପଣସ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପଣସରେ ଭିଟାମିନ୍ ଏ, ବି୬, ସି , କ୍ୟାଲସିୟମ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍, ଏସିଡ୍, ଥାୟାମିନ୍, ଏବଂ ନିୟାମିନ୍, ଭଳି ଅନେକ ପୋଷକ ତତ୍ତ୍ୱ ଥାଏ । ଏଥିରେ ପ୍ରଚୁର ମାତ୍ରାରେ ଆଇରନ୍ ଥିବାରୁ ଶରୀରରେ ଲାଲ ରକ୍ତ କଣିକା ସୃଷ୍ଟି କରିଥାଏ । ସପ୍ତାହରେ ତିନିଥର ପଣସକଠା ଖାଇବା ଦ୍ୱାରା ରକ୍ତର ଅଭାବ ଦୂର ହୁଏ । ଏନିମିଆ ରୋଗୀଙ୍କ ପାଇଁ ଏହା ବହୁର ଫଳପ୍ରଦ । ପଣସରେ ମ୍ୟାଗ୍ନେସିୟମ୍,ପୋଟାସିୟମ୍, ଆଇରନ୍, କ୍ୟାଲସିୟମ ଓ ଫଲିକ୍ ଏସିଡ୍ ପ୍ରଚୁର ମାତ୍ରା ଥିବାରୁ ଥାଇରଏଡ୍ ରୋଗୀଙ୍କ ପାଇଁ ଏହା ବହୁତ ହିତାକାରୀ ହୋଇଥାଏ । ପଣସରେ ମିଳୁଥିବା ପୋଷକତତ୍ତ୍ୱ ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ ଏବଂ ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଋତୁଜନିତ ବିଭିନ୍ନ ପ୍ରକାର ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ ।ଏଥିରେ ପ୍ରଚୁର ମାତ୍ରାରେ ଭିଟାମିନ ,ଏ, ଓ,ସି, ଥିବାରୁ ଏହା ଆଖିପାଇଁ ବହୁ ଉପକାରୀ ଚକ୍ଷୁ ରୋଗ ଦୂର କରିବା ପାଇଁ ପଣସ ଖାଇବା ଉଚିତ । ବିଶେଷ ଭାବେ ମୋତିଆ ବିନ୍ଦୁ ରୋଗୀଙ୍କ ପାଇଁ ପଣସ ବେଶ୍ ଲାଭପ୍ରଦ । ପଣସରେ ଥିବା ମ୍ୟାଗ୍ନେସିୟମ୍ ଏବଂ ପୋଟସିୟମ୍ ଦ୍ୱାରା ଶରିରରେ ଶକ୍ତି ବୃଦ୍ଧି ପାଇଥାଏ । ପଣସରେ ଥିବା ଆଣ୍ଟି ଅକ୍ସିଡାଣ୍ଟ , ଆଇରନ ଏବଂ ମ୍ୟାଗ୍ନେସିୟମ୍ କେଶ ପାଇଁ ବହୁ ଉପକାରୀ ହୋଇଥାଏ । କେଶଜନିତ ସମସ୍ତ ସମସ୍ୟାରୁ ସମାଧାନ ମିଳିଥାଏ । ଅସ୍ଥିକୁ ମଜଭୁତ କରିବା ପାଇଁ କ୍ୟାଲସିୟମ୍ ଆବଶ୍ୟକ, ଯାହାକୁ ପଣସରେ ପ୍ରଚୁର ପରିମାଣରେ ଅଛି । ତେଣୁ ପଣସ ଖାଇବା ଦ୍ୱାରା ହାଡ ମଜଭୁତ୍ ହୋଇଥାଏ ପଣସରେ ଆଣ୍ଟିକ୍ୟାନସର ଗୁଣ ଥିବାର, କ୍ୟାନସର ହେବାର ଆଶଙ୍କାକ ମଧ୍ୟ ଏହା କମ୍ କରିଥାଏ ।



# ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ନଟବର ରଥଙ୍କ ବିୟୋଗରେ ଶୋକ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ବ୍ଲକ ଅନ୍ତର୍ଗତ ସାଦେଇପୁର ଭଦ୍ରେଶ୍ୱର ହାଇସ୍କୁଲର ପ୍ରତିଷ୍ଠାତା ଆଦର୍ଶ ସୁନାମଧନ୍ୟ ପ୍ରଧାନ ଶିକ୍ଷକ ନଟବର ରଥଙ୍କର ୮୭ବର୍ଷ ବୟସରେ ପରଲୋକ ଘଟିଛି । ସେ ଜଣେ ଛାତ୍ର ବତ୍ସଳ, କର୍ତ୍ତବ୍ୟ ନିଷ୍ଠ, ସତ୍ୟନିଷ୍ଠ, ପରୋପକାରୀ, ଆଦର୍ଶ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଭାବେ ଭଦ୍ରେଶ୍ୱର ହାଇସ୍କୁଲରେ ୧୯୬୮ ରୁ ୧୯୯୭ ପର୍ଯ୍ୟନ୍ତ ୨୯ ବର୍ଷ ଧରି ଥିଲେ । ତାଙ୍କର ମରଶରୀରକୁ ବାଇଗୁଡି ଛକ ଠାରୁ ଭଦ୍ରେଶ୍ୱର ହାଇସ୍କୁଲ ପର୍ଯ୍ୟନ୍ତ ନିଆଯାଇଥିଲା । ଶହ ଶହ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ସତ୍କାର କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ଗିରିଶ ପ୍ରସାଦ ଷଡଙ୍ଗୀ ମୁଖାଗ୍ନି ଦେଇଥିଲେ । ତାଙ୍କର ବିୟୋଗରେ ବ୍ଲକ କଂଗ୍ରେସ ଉପସଭାପତି ଆର୍ତତ୍ରାଣ ପଣ୍ଡା, ଜିଲ୍ଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ସାହିତ୍ୟିକା ବୈଜୟନ୍ତୀ ମାଳା ରଥ, ସମାଜସେବୀ କେଲୁ ଚରଣ ସେଠୀ, ଭଦ୍ରେଶ୍ୱର ହାଇସ୍କୁଲ ପ୍ରଧାନଶିକ୍ଷକ ଶରତ୍ ଚନ୍ଦ୍ର ମହାରଣା, ଅକ୍ଷୟ କୁମାର ଶତପଥୀ, ବଂଶୀଧର ସ୍ୱାଇଁ, ଆଇନଜୀବି ପ୍ରତାପ ମହାପାତ୍ର, ଭିକାରି ଚରଣ ମହାପାତ୍ର, ଶରତ ଚନ୍ଦ୍ର ପଣ୍ଡା, ବିଜୟ କୁମାର ରଥ, ବିଭୁ ପ୍ରସାଦ ଷଡଙ୍ଗୀ, ନୃସିଂହ ମାହାଳି ପ୍ରମୁଖ ଶବାଧାରରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।



# ସୁନ୍ଦରୀ ସ୍ତ୍ରୀ ବଢାଏ ସ୍ୱାମୀଙ୍କ ଚିନ୍ତା

**ଛତ୍ରପୁର(ସଂପର୍କବାର୍ତ୍ତା):-** ପ୍ରତ୍ୟେକ ମହିଳା ଓ ପୁରୁଷ ଚାହାନ୍ତି ଯେ,ତାଙ୍କୁ ଭଲ ସାଥୀଟିଏ ମିଳୁ । ମାତ୍ର ସବୁବେଳେ ଙ୍କ ଭାଗ୍ୟରେ ଏଭଳି ହୋଇପାରି ନଥାଏ । ମଧ୍ୟପ୍ରଦେଶରେ ଏଭଳି ଏକ ସ୍ୱାମୀ-ସ୍ତ୍ରୀ ସଂର୍ପକ ନେଇ ଗଣମାଧ୍ୟମରେ ଖବର ଆସିଛି । ଜଣେ ବ୍ୟକ୍ତି ନିଜର ସୁନ୍ଦରୀ ସ୍ତ୍ରୀଙ୍କୁ ପାଇବା ପାଇଁ ବ୍ୟାକୁଳ ହୋଇପଡିଛି,ଯେତେବେଳେ ବିବାହିତ ମହିଳା ବିବାହର ୩ଦିନ ପରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ମଧ୍ୟପ୍ରଦେଶର ଛତରପୁର ଜିଲ୍ଲା ନିକଟ ବାହାର ମଟୋନ୍ଧ ଗାଁରେ ନନ୍ଦୁ ପାଳ ନାଁରେ ଜଣେ ବ୍ୟକ୍ତି ରୁହନ୍ତି । ସେ ଗତବର୍ଷ ଏପ୍ରିଲ ୩୦ତାରିଖ ରେ ଲବକୁଶନଗର ଥାନା ଅଂଚଳରେ ରହୁଥିବା ରୀନା ପାଳଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ମଧ୍ୟପ୍ରଦେଶର ଛତରପୁର ଜିଲ୍ଲା ନିକଟ ବାହାର ମଟୋନ୍ଧ ଗାଁରେ ନନ୍ଦୁ ପାଳ ନାଁରେ ଜଣେ ବ୍ୟକ୍ତି ରୁହନ୍ତି । ସେ ଗତବର୍ଷ ଏପ୍ରିଲ ୩୦ତାରିଖରେ ଲବକୁଶନଗର ଥାନା ଅଂଚଳରେ ରହୁଥିବା ରୀନା ପାଳଙ୍କୁ ବିବାହ କରିଥିଲେ । ନନ୍ଦୁଙ୍କ ସ୍ତ୍ରୀ ରୀନା ଉଚ୍ଚଶିକ୍ଷିତା ସହତ ଦେଖିବାକୁ ସୁନ୍ଦରୀ ଥିଲେ ।କିନ୍ତୁ ବିବାହର ୩ଦିନ ପରେ ସେ ମାଘରକୁ ଯାଇ ସ୍ୱମୀଙ୍କ ପାଖକୁ ଫେରି ନଥିଲେ । ନନ୍ଦୁଙ୍କୁ ଜଣା ନଥିଲା ଯେ, ସ୍ତ୍ରୀର ସୁନ୍ଦରମୁହଁ ତାଙ୍କ ପାଇଁ ଦିନେ ଅଭିଶାପ ହେବ । ନିଜ ଗୃହସ୍ଥୀ ଜୀବନକୁ ନର୍କ କରିଦେବ । ନନ୍ଦୁଙ୍କ କହିବା ଅନୁସାରେ ବିବାହ ପରେ ସ୍ତ୍ରୀ ତାର ମାଘରକୁ ଚାଲିଯାଇଥିଲେ । ସେ ଆଉ ଫେରିବାକୁ ଚାହିଁରେ ନାହିଁ ।ନନ୍ଦୁ ଯେତେବେଳେ ସ୍ତ୍ରୀଙ୍କୁ ଆଣିବାକୁ ଘର ଯାଇଥିଲେ, ନିସ୍ତୁକ ମାଡ ନିସ୍ତୁକ ମାଡ ଖାଇଥିଲେ । ସ୍ତ୍ରୀ ରୀନା ସ୍ୱାମୀଙ୍କ ସାମ୍ନାକୁ ଆସି ନଥିଲେ । ନନ୍ଦୁ ଘଟଣା କ୍ରମ ସଂପର୍କରେ ଥାନାରେ ଏତଲା ଦେଇଛନ୍ତି ।



# ଗ୍ୟାସ୍ ଯୋଗୁଁ ପେଟ ଅତ୍ୟଧିକ ଫୁଲି ଯାଉଛି କି ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-**ସାମାନ୍ୟ ତୁଳନାରେ ଅଧିକ ବଡ ଦେଖା ଯାଇଥାଏ । ଏହି କାରଣରୁ ପେଟରେ ସାମାନ୍ୟ କିମ୍ବା ପ୍ରବଳ ଯନ୍ତ୍ରଣା ମଧ୍ୟ ଅନୁଭବ ହୁଏ । ଶରୀରରେ ପାଣିର ଅଭାବ କାରଣରୁ ମଧ୍ୟ ଫୁଲା ସମସ୍ୟା ଦେଖା ଯାଇପାରେ । ବ୍ଲୋଟିଂ ଖାସ୍ କରି ସେହି ସମୟରେ ହୋଇଥାଏ, ଯେତେବେଳେ ପଟେ କିମ୍ବା ଅନ୍ତୁନଳୀରେ ଅତ୍ୟଧିକ ଗ୍ୟାସ୍ ସୃଷ୍ଟି ହୁଏ । ଭୋଜନ ପରେ ପଟେ ଫୁଲିଗଲେ, ଏହା ସାଧାରଣତଃ ଆପେ କମିଯାଏ । କିନ୍ତୁ ଯଦି ଏହା ସମୟ ନେଉଛି, ତେବେ ଆପଣଙ୍କୁ ତୁରନ୍ତ ଏହାର ଉପଚାର କରେଇ ନେବା ଉଚିତ କାହିଁକ ନା ଏହା ଆପଣଙ୍କୁ ବୋଟିଁର ଘରୋଇ ଉପଚାର

ଜୁଆଣୀ ; ଜୁଆଣୀ ଖାଇବା ଦ୍ୱାରା ନା କେବଳ ଥଣ୍ଡା ଏବଂ କାଶରୁ ଆରାମ ମିଳିଥାଏ, ବରଂ ଏହା ହଜମ ପ୍ରକ୍ରିୟା ପାଇଁ ମଧ୍ୟ ବହୁତ ପ୍ରଭାବଶାଳୀ ହୋଇଥାଏ । ଗରମ ପାଣି ସହିତ ଜୁଆଣୀ ଖାଇବା ଦ୍ୱାରା ପଟେ ଗ୍ୟାସ୍ ହୁଏ ନାହିଁ ଏବଂ ପଟେ ମଧ୍ୟ ଫୁଲେ ନାହିଁ ।

ଧନିଆ ; ଅନେକ ଲୋକ ଚାରେ ଧନିଆ ପକାଇ ପିଇ ଥାଆନ୍ତି । ଯେପରି ଚା ଯୋଗୁ ସେମାନଙ୍କୁ ଏସିଡିଟି ନ ହେବ । ଖାଇବା ପରେ ଧନିଆ ଖାଇବା ଦ୍ୱାରା ଏସିଡିଟି ହୁଏ ନାହିଁ । ଯଦି ଆପଣଙ୍କର ଗ୍ୟାସ୍ ସମସ୍ୟା ଅଛି ତା ହେଲେ ଖାଇବା ପରେ ଧନିଆ ଖାଇବାର ଅଭ୍ୟାସ କରନ୍ତୁ । ଏଥିରେ ଆପଣଙ୍କୁ ଆରାମ ମିଳିବ ।

ବଡ ଗୁଜୁରାତି/ଅଳେଇଚ ; ଗୁଜୁରାତି ଖାଇବା ଦ୍ୱାରା ନା କେବଳ ପାଟିର ଗନ୍ଧ ଦୂର ହୁଏ, ବରଂ ଏହା ପାଚନ କ୍ରିୟାରେ ମଧ୍ୟ ସହାୟକ ହୋଇଥାଏ । ବଡ ଗୁଜୁରାତିରେ ପାଣି ପିଇବା ଦ୍ୱାରା ପଟେରେ ଗ୍ୟାସ ସୃଷ୍ଟି ହୁଏ ନାହିଁ । ଯଦି ଆପଣ ବାରମ୍ବାର ବାନ୍ତି କରୁଛନ୍ତି, ତା ହେଲେ ଏହା ସେହି ସମସ୍ୟାକୁ ମଧ୍ୟ ଦୂର କରିଦେବ ।

ପୋଦିନା; ଗ୍ୟାସରୁ ଆରାମ ପାଇବା ପାଇଁ ଆପଣ କେବେ ନା କେବେ ନିଶ୍ଚିତ ଭାବରେ ପୋଦିନ୍ ହରା ଔଷଧ ଖାଇଥିବେ । ବାସ୍ତବରେ ପୋଦିନା ପେଟକୁ ଥଣ୍ଡା ରଖିବାରେ ସାହାର୍ଯ୍ୟ କରିଥାଏ । ଏଥିପାଇଁ ଆପଣ କେବେ ନା କେବେ ନିଶ୍ଚିତ ଭାବରେ ପୋଦିନ୍ ହରା ଔଷଧ ଖାଇଥିବେ । ବାସ୍ତବରେ ପୋଦିନା ପେଟକୁ ଥଣ୍ଡା ରଖିବାରେ ସାହାଯ୍ୟ କରିଥାଏ । ଏଥିପାଇଁ ଅତ୍ୟଧିକ ମସଲାଯୁକ୍ତ ତେଲଯୁକ୍ତ ଖାଦ୍ୟ ଖାଇବା ପରେ ଆପଣ ପୋଦିନା ନିଶ୍ଚୟ ପିଅନ୍ତୁ । ଏହାଦ୍ୱାରା ଆପଣଙ୍କ ପେଟକୁ ଆରାମ ମିଳିବ ଏବଂ ବ୍ଲୋଟିଂ ସମସ୍ୟା ମଧ୍ୟ ଉପୁଜିବନି ।




# କୋଲେଷ୍ଟ୍ରଲ୍ ପାଇଁ ଜାଣନ୍ତୁ...

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** କୋଲେଷ୍ଟ୍ରଲ ହାଇ ହେବା ଅତ୍ୟନ୍ତ ଭୟଙ୍କର ହୋଇଥାଏ । କାରଣ ଏହାଦ୍ୱାରା ହାର୍ଟ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖା ଦେଇଥାଏ । ଶରୀରରରେ ବଢୁଥିବା କୋଷ୍ଟ୍ରେଲ ହାର୍ଟ ଆଟାକର ସବୁଠୁ ବଡ କାରଣ ହୋଇଥାଏ । କୋଲେଷ୍ଟ୍ରଲ ବଢିବାର ଗୋଟିଏ କାରଣ ହେଲା ଖରାପ ଜୀବନଶୈଳୀ ଓ ଖାଦ୍ୟପେୟ । ବିଶେଷ ଭାବରେ ଏହା ଖାଦ୍ୟରେ ବ୍ୟବହୃତ ହେଉଥିବା ଖରାପ ତେଲ କାରଣରୁ ହୋଇଥାଏ । ଆଜି ଆମେ ଜାଣିବା କେଉଁସବୁ ଖାଦ୍ୟକୁ ଖାଇବା ଦ୍ୱାରା କୋଷ୍ଟ୍ରେଲ ବୃଦ୍ଧି ହୋଇଥାଏ । କୋଲେଷ୍ଟ୍ରଲ ବୃଦ୍ଧି ହୋଇଥାଏ । କୋଷ୍ଟ୍ରେଲ ବୃଦ୍ଧି ସମୟରେ ଏହିସବି ତେଲକୁ ଖାଇବା ଉଚିତ ନୁହେଁ ।

ପାମ ଅଏଲ - ଆମେ ଦେଖି ଥାଉ ପାମ ଅଏଲ ରୋଷେଇ ରେ ବ୍ୟବହାର ହୋଇଥାଏ । ଅନ୍ୟ ତେଲ ତୁଳନାରେ ପାମ ଅଏଲ ରେ ସାଚୁରେଟେଡ ଫ୍ୟାଟ ଅଧିକ ମାତ୍ରରେ ମିଳିଥାଏ । ଯାହା ହାର୍ଟ ରୋଗୀଙ୍କ ପାଇଁ ଭୟଙ୍କର ସ୍ଥିତି ଆଣିଥାଏ । ପାମ ଅଏଲ ରେ ବ୍ୟବହାର ଅଧିକ ଜଙ୍କ ଫୁଡ୍‌ରେ ହୋଇଥାଏ । ଷ୍ଟ୍ରିଟ ଫୁଡ ଦୋକାନୀ ମାନେ ପାମ ଅଏଲ ବ୍ୟବହାର କରନ୍ତି । ତେଣୁ ଜଙ୍କ ଫୁଡ ଦ୍ୱାରା କୋଷ୍ଟ୍ରେଲ ସ୍ତର ବୃଦ୍ଧି ପାଇଥାଏ ।

ନଡିଆ ତେଲ ବ୍ୟବହାର କରିବା ଉଚିତ ନୁହେଁ- ଯେଉଁ ଲୋକ ମାନଙ୍କର ଖରାପ କୋଷ୍ଟ୍ରେଲ ସ୍ତର ଅଧିକ ଥାଏ ସେମାନେ ଖାଦ୍ୟରେ ନଡିଆ ତେଲର ପ୍ରୟୋଗ କରିବା ଉଚିତ ନୁହେଁ । ଏଥିରେ ସାଚୁରେଟେଡ ଫ୍ୟାଟ ଅଧିକ ରହିଥାଏ । ଦକ୍ଷିଣ ଭାରତର ଲୋକମାନେ ଅଧିକ ପରିମାଣରେ ନଡିଆ ତେଲ ବ୍ୟବହାର କରି ଥାଆନ୍ତି ।

ଏହି ସବୁ ତେଲ କୁ ନିଜ ଖାଦ୍ୟରେ ବ୍ୟବହାର କରନ୍ତୁ- ଯଦି ଆପଣଶରିରରେ କୋଷ୍ଟ୍ରେଲ ସ୍ତର ବୃଦ୍ଧି ହେଉଥିବାର ଲକ୍ଷ କରୁଛନ୍ତି ତେବେ ସୋରିଷ ତେଲ ସୂର୍ଯ୍ୟମୁଖୀ ତେଲ କିମ୍ବା ଅଳସି ତେଲ ର ବ୍ୟବହାର କରନ୍ତୁ । କାହିଁକି ନା ଏହିସବୁ ତେଲ ରେ ସାଚୁରେଟେଡ ଫ୍ୟାଟ ନଥାଏ । ଯାହା ହାର୍ଟକୁ କ୍ଷତି କରିଥାଏ । ଯେବେବି ନିଜ ଘରେ କିଛି ଖାଦ୍ୟକୁ ଯଦି ତେଲରେ ଛାଣୁଛନ୍ତି ତେବେ ସେହି ତେଲକୁ ବାରମ୍ବାର ବ୍ୟବହାର କରନ୍ତୁ ନାହିଁ । ତେଲ ପୋଡି ମୋଟା ହୋଇଥାଏ ଏହା ଶରୀର ପକ୍ଷରେ କ୍ଷତିକାରକ ହୋଇଥାଏ । ଯେତେବେଳେ ତେଲର କୌଣସି ଖାଦ୍ୟ ଖାଇବାକୁ ତେବେ ଘରେ ପ୍ରସ୍ତୁତ କରି ଖାଇବା ଶରୀର ପକ୍ଷରେ ହିତକର ।




## ପ୍ରଥମ ପୃଷ୍ଠାରୁ...

### ବିଜେପି କାହିଁକି...

ରାଜନୈତିକ ଫାଇଦା ପାଇଁ ହେଲେ କ'ଣ ହେବେ । ଜନସାଧାରଣ ଭୋଟ ଦେଇ ସରକାରଙ୍କୁ ବାଛନ୍ତି । ସରକାର ତାଙ୍କ କାମ କରୁଛନ୍ତି । କିନ୍ତୁ ବିରୋଧୀ ଦଳର କାମ ହେଉଛି ସରକାରଙ୍କ ଦୋଷ ଦୁର୍ବଳତାକୁ ପଦାକୁ ଆଣିବା । ତାହା ସଠିକ୍ ଢଙ୍ଗରେ କରିବାରେ ବିଫଳ ହୋଇଛନ୍ତି କି ବିରୋଧୀ ଦଳ ? ନିଜ କାମ ନ କରି କେବଳ ସ୍ଲୋଗାନ ଭିତରେ ସିମିତ ରହିଲେ ଏହାର ଜବାବ ଜନମତରେ ଦେଇଥାନ୍ତି ଜନତା । ଠିକ୍ ଯେମିତି ପଞ୍ଚାୟତ ନିର୍ବାଚନରେ ଦେଖିବାକୁ ମିଳିଛି । ଆଉ ଏଭଳି କହି ବିରୋଧୀଙ୍କ ଏକଛତ୍ରବାଦର ସ୍ଲୋଗାନ କଡା ଜବାବ ରଖିଛନ୍ତି ପ୍ରତାପ ଦେବ । ଯେଉଁଠି ପ୍ରତିଶ୍ରୁତି ପାଳନ ହୁଏନାହିଁ ସେଠାରେ ଲୋକେ ପ୍ରତ୍ୟାଖ୍ୟାନ କରନ୍ତି । ପ୍ରତିଶ୍ରୁତି ପାଳନ କଲେ ଲୋକେ ପୁଣି ଥରେ ସୁଯୋଗ ଦିଅନ୍ତି, ସେ କଥା ବିଜେପି ଭଲ ଭାବେ ଜାଣିବା ଦରକାର । ନ ହେଲେ ପଶ୍ଚିମ ଓଡ଼ିଶାରେ ବିଜେପିର ଏମିତି ଅବସ୍ଥା ହୋଇନଥାନ୍ତା । ଗତ ପଞ୍ଚାୟତ ନିର୍ବାଚନରେ ବିଜେପିକୁ ପଶ୍ଚିମ ଓଡ଼ିଶାରେ ଭରଷୀ ଥିଲେ ଜନତା । ଏପରିକି ୨୦୧୯ ନିର୍ବାଚନରେ ମଧ୍ୟ ୫/୭ଜଣଙ୍କୁ ନିର୍ବାଚିତ କରି ପଠେଇଥିଲେ । କିନ୍ତୁ ପ୍ରତିବଦଳରେ ପଶ୍ଚିମ ଓଡ଼ିଶାବାସୀଙ୍କ କେତୋଟି ପ୍ରସଙ୍ଗ ଦିଲ୍ଲୀ ଦରବାରରେ ଉଠାଇଥିଲେ ବିଜେପି ସାଂସଦ । ଜାତୀୟ ଦଳ କିମ୍ବା ଆଞ୍ଚଳିକ ଦଳର ପ୍ରସଙ୍ଗ ନୁହେଁ, ବରଂ ଜିତିବା ପରେ ଜନପ୍ରତିନିଧି ଲୋକଙ୍କ ପାଇଁ କାମ କରୁଛନ୍ତି କି ନାହିଁ ତାହାର ହିସାବନିକାଶ କରୁଛନ୍ତି ଜନତା । ଆଉ ଏହାର ଜବାବ ଦେଉଛନ୍ତି ଭୋଟର । କିଛି ଏଭଳି କହି ପଶ୍ଚିମ ଓଡ଼ିଶାରେ ବିଜେପିର ବିଫଳତା ପଛରେ ସ୍ପଷ୍ଟ ଉତ୍ତର ରଖିଛନ୍ତି ବିଜେଡି ବିଧାୟକ ପ୍ରତାପ ଦେବ ।

### ଅଫ୍‌ଲାଇନ୍‌ରେ...


କୋର୍ଟ କହିଛନ୍ତି ଯେ ତୁମକୁ ଯାହା କହିବାକୁ ପଡିବ, ଯାଇ କର୍ତ୍ତୃପକ୍ଷଙ୍କୁ କୁହ । କୋର୍ଟ କହିଛନ୍ତି, ଗତ ଚାରି ଦିନ ଧରି ଆପଣ କେବଳ ଏଭଳି ପିଆଲେ ମାଧ୍ୟମରେ ଦ୍ୱନ୍ଦ୍ୱ ବଢାଉ ନାହାନ୍ତି ବରଂ ଛାତ୍ରମାନଙ୍କ ମଧ୍ୟରେ ମିଥ୍ୟା ଆଶା ମଧ୍ୟ ବଢାଉଛନ୍ତି । ଏହା ପିଆଇଲେ ର ଏକ ଦାୟିତ୍ୱ ହୀନ ଅପବ୍ୟବହାର ଆବେଦନକାରୀ କହିଥିଲେ ଯେ ଆପଣ ଗତ ବର୍ଷ ମଧ୍ୟ ଏପରି ନିବେଦନକୁ ବିଚାର କରନ୍ତି । ପରିସ୍ଥିତି ଅଧିକ କିମ୍ବା କମ ସମାନ ଅନଲାଇନ୍ କ୍ଲାସ୍ କରାଯାଇଛି, ପାଠ୍ୟକ୍ରମ ସମାପ୍ତ ହୋଇନାହିଁ ଛାତ୍ରମାନେ ବିଦ୍ୟାଳୟରେ ନିୟମିତ ଅଧ୍ୟୟନ କରିବାର ପାଇ ନାହିଁନ୍ତି । କୋର୍ଟ କହିଛନ୍ତି ଯେ ପରୀକ୍ଷା ସହ ଜଡିତ ବୋର୍ଡ ଏବଂ କର୍ତ୍ତୃପକ୍ଷ ମଧ୍ୟ ସବୁକିଛି ଜାଣଛନ୍ତି । ଏଥିରେ ହସ୍ତକ୍ଷେପ କରିବାର କୌଣସି ଅର୍ଥ ନାହିଁ । ଏହି ଆବେଦନ ଆଦୌ ଯାଥାର୍ଥ ନୁହେଁ ଆପଣ ଏପରି ଆବେଦନ କରିବା ବନ୍ଦ କରନ୍ତୁ ।

### ଚମକିଲେ...

ପ୍ରଥମ ପର୍ଯ୍ୟାୟ ଗଣତିରେ ମୟୂରଭଞ୍ଜ କାମ କରିଛି ବିଜେଡିର ସାଂଗଠନିକ ସଂପାଦକ ତଥା ମୟୂରଭଞ୍ଜର ପର୍ଯ୍ୟବେକ୍ଷକ ଥିବା ପ୍ରଣବ ପ୍ରକାଶ ଦାସ ରଣନୀତି । ପ୍ରଣବଙ୍କ ଉଚ୍ଚ ରାଜନୀତି ଆଗରେ ବିଜେପି ଫେଲ୍ ମାରିଛି । ଯେଉଁ ମୟୂରଭଞ୍ଜରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ଦବ୍‌ଦବା ରହିଥିଲା ସେଇଠି ପ୍ରଥମ ପର୍ଯ୍ୟାୟ ଗଣତିରେ ଖାତା ଖୋଲିପାରିନି ବିଜେପି ଦଳ । ଅନ୍ୟପଟେ ସବୁଠୁ କୌତୁହଳ ବିଷୟ ହୋଇଛି, ଗତ କାଲି ପ୍ରଥମ ପର୍ଯ୍ୟାୟ ଗଣତିରେ ଯେଉଁ ୨୬ଟି ଜିଲ୍ଲା ପରିଷଦ ଜୋନ୍‌ରେ ଭୋଟ୍ ଗଣତି ହୋଇଛି ସେଠି ୨୦୧୭ ନିର୍ବାଚନରେ ବିଜେପି ସବୁଠି ଜିତିଥିଲା । କିନ୍ତୁ ଏଥର ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ରଣନୀତି ଆଗରେ ବିଜେପିର ଛବି ହଜିଯାଇଛି । ମୟୂରଭଞ୍ଜ ଜିଲ୍ଲାର ୨୬ ଜିଲ୍ଲା ପରିଷଦ ଆସନରୁ ୨୫ଟିରେ ବିଜେଡି ବିଜୟଲାଭ କରିଥିବା ବେଳେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଗୋଟିଏ ଆସନରେ ବିଜୟୀ ହୋଇଛି ।

### ନୀତିଶ...

ଆଲୋଚନା ହୋଇ ନିର୍ଣ୍ଣୟ ନିଆଯିବ । ତେବେ ଦେଶର ଏହି ସର୍ବୋଚ୍ଚ ପଦବୀ ପାଇଁ ବିରୋଧିଙ୍କୁ ପକ୍ଷରୁ ନୀତୀଶ କୁମାରଙ୍କ ନାମ କରାଯାଇ ପାରେ । ହେଲେ ଏଥିପାଇଁ ନୀତୀଶୀଙ୍କୁ ବିଜେପି ସହ ସମ୍ପର୍କ ତୁଟାଇବାକୁ ପଡିବ ବୋଲି ନଓାବ ମଲ୍ଲିକ କହିଛନ୍ତି । ଗଣମାଧ୍ୟମ ପ୍ରତିନିଧିଙ୍କୁ ସାକ୍ଷାତକାର ଦେଇ ମଲ୍ଲିକ୍ କହିଛନ୍ତି ଯେ ୫ରାଜ୍ୟରେ ଚାଲିଥିବା ବିଧାନ ସଭା ନିର୍ବାଚନରେ ବିଜେପିର ଶୋଚନୀୟ ପରାଜୟ ହେବ । ଏବେ ଉତ୍ତରପ୍ରଦେଶ,ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଏବଂ ମଣିପୁରରେ ବିଧାନସଭା ନିର୍ବାଚନ ଚାଲିଛି । ମୁଖ୍ୟତଃ ବୃହତ ରାଜ୍ୟ ଭାବେ ପରିଚିତ ଉତ୍ତରପ୍ରଦେଶ ୪୦୩ଟି ବିଜେପି ୧୫୦ରୁ କମ୍ ସିଟ୍ ପାଇବ ବୋଲି ସେ କହିଛନ୍ତି । ସେହିପରି ୨୦୨୪ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ବିରୋଧୀ ତୃତୀୟ ସାମ୍ମୁଖ୍ୟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏଥିପାଇଁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ , ବେଙ୍ଗଲର ମମତା ବାନାର୍ଜୀଙ୍କ ସହ ମହାକଶ ଅଘାଡି ସହ ମିଳିତ ଆଲୋଚନା ହୋଇଛି । ବିରୋଧୀ ଦଳ ପକ୍ଷରୁ ସାମ୍ମୁହିକ ନେତୃତ୍ୱ ଅଧିନରେ ଏହି ତୃତୀୟ ସାମ୍ମୁଖ୍ୟ କାମ କରିବା ତେବେ କଂଗ୍ରେସ ବ୍ୟତୀତ ଏହି ତୃତୀୟ ସାମ୍ମୁଖ୍ୟ ଗଠନ ଅସମ୍ଭବ ବୋଲି ସେ କହିଛନ୍ତି । ତେବେ ବିରୋଧୀଙ୍କ ପକ୍ଷରୁ ନୀତୀଶଙ୍କ ରଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀକୁ ନେଇ ସେ କହିଛନ୍ତି ଯେ ନୀତୀଶ ବିଜେପିଠାରୁ ସମ୍ପର୍କ ନ ତୁଟାଇଲେ ଆଲୋଚନା ଅସମ୍ଭବ । ଏବେ ବିହାରରେ ଜେଡିୟୁ ସହ ବେଜେପି ମଧ୍ୟରେ ମେଣ୍ଟ ସରକାର ରହିଛି । ସେଠାରେ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ଅଛନ୍ତି । ୧୯୯୩ରେ ଉତ୍ତପ୍ରଦେଶରେ ସାମ୍ପ୍ରଦାୟିକ ହିଂସା ପାଇଁ ମଲ୍ଲିକ ବିଜେପିକୁ ଦାୟୀ କରିଛନ୍ତି । କାରଣ ସେତେବେଳେ ଉତ୍ତରପ୍ରଦେଶର ବିଜେପି ସରକାର ଥିଲା ଏହାର ୩୦ବର୍ଷପରେ ରାଜ୍ୟର ବିଧାନସଭା ନିର୍ବାଚନରେ ସ୍ଥିତି ପୁନାରାବୃତ୍ତି ହୋଇଛି ବୋଲି ସେ କହିଛନ୍ତି ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



ADVERTISEMENT TARIFF

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




## ବଙ୍କରରେ ଭାରତୀୟ, କେହି ସାହାଯ୍ୟ କରୁନାହାଁନ୍ତି !

**ରୁଷ-ୟୁକ୍ରେନ୍ ଯୁଦ୍ଧ**

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ୟୁକ୍ରେନରେ ରହୁଥିବା ଭାରତୀୟ ଛାତ୍ରମାନଙ୍କ ଅନେକ ଭିଡିଓ ସୋଶାଲ ମିଡିଆରେ ଘୂରି ବୁଲୁଛି ।ୟୁକ୍ରେନରେ ପଢୁଥିବା ଏବଂ କାମ କରିବାକୁ ଯାଇଥିବା ଭାରତୀୟମାନେ ସେମାନଙ୍କୁ ଫେରାଇ ଆଣିବାକୁ ଦେଶ ସରକାରଙ୍କୁ ନିବେଦନ କରୁଛନ୍ତି । ୟୁକ୍ରେନ୍ ରୁ ସୋଶାଲ ମିଡିଆରେ ଏହି ପରି ଅନେକ ଭିଡିଓ ଏବଂ ପୋଷ୍ଟ ସାମ୍ନାକୁ ଆସିଛି, ଯେଉଁଥିରେ ଭାରତୀୟ ଛାତ୍ରମାନେ ସେଠାକାର ଭୟଙ୍କର ଦୃଶ୍ୟ ବର୍ଣ୍ଣନା କରୁଛନ୍ତି । କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ମଧ୍ୟ ଭିଡିଓ ସେୟାର କରିଛନ୍ତି । କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ଯୁଦ୍ଧରେ ୟୁକ୍ରେନ ରେ ଫସି ରହିଥିବା ଦୁଃଖୀ ଭାରତୀୟ ଛାତ୍ରଙ୍କ ଏକ ଭିଡିଓଟ୍ୱିଟ୍ କରି ସେମାନଙ୍କୁ ତୁରନ୍ତ ସ୍ଥାନାନ୍ତର କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି । ଏହି ଭିଡିଓଟି ଏକ ବଙ୍କର୍ ଭିତରେ ,ଯେଉଁଠାରେ ବଙ୍କର ଭିତରେ ଅନେକ ଲୋକ ଲୁଚି ରହିଛନ୍ତି । ଏହି ଭିଡିଓରେ କର୍ଣ୍ଣାଟକର ବାଙ୍ଗାଲୋରର ଦୁଇଜଣ ଛାତ୍ର ସେମାନଙ୍କୁ ବଂଚାଇବା ପାଇଁ ଏହି ୟୁକ୍ରେନସ୍ଥିତି ଭାରତୀୟ ଦୂତାବାସକୁ ନିବେଦନ କରୁଛନ୍ତି । ଭାରତୀୟ କର୍ତ୍ତୃପକ୍ଷଙ୍କ ସାହାଯ୍ୟ ନାହିଁ ବୋଲି ସେମାନେ ଦାବି କରିଛନ୍ତି । ରୁଷ ବିରୋଧରେ ସେନାରେ ଯୋଗଦେବା ପାଇଁ ପହଂଚିଲେ ୮୦ବର୍ଷୀୟ ୟୁକ୍ରେନ ନାଗରିକ, କହିଲେ- ନାତିନାତୁଣୀଙ୍କ ପାଇଁ କରିବି ଯୁଦ୍ଧ

ନିଜକୁ ବାଙ୍ଗାଲୋରର ମେଘନା ବୋଲି ପରିଚୟ ଦେଇ ଜଣେ ଛାତ୍ରୀ କହିଛନ୍ତି ଯେ ଦେଶର ବିଭିନ୍ନ ପ୍ରାନ୍ତର ଆସିଥିବା ଭାରତୀୟ ଛାତ୍ରମାନେ ଖାଦ୍ୟ, ଜଳ କିମ୍ବା ଉପଯୁକ୍ତ ଭେଣ୍ଟି ଲେସନ ବିନା ୨୪ଘଣ୍ଟାରୁ ଅଧିକ ସମୟ ଧରି ବଙ୍କରରେ ଅଟକି ରହିଛନ୍ତି । ମେଘନା କୁହନ୍ତି, ଆମ ପାଇଁ କୌଣସି ବିଶେଷ ବିମାନ ଉଡାଣ କରାଯାଇ ନାହିଁ । ଆମେ ଏହି ବଙ୍କରରେ ରହିଛୁ..ଏହା ଆମ ପାଇଁ ପ୍ରକୃତରେ କଷ୍ଟସାଧ୍ୟ । ଶୀଘ୍ର ଆପଣଙ୍କୁ ସାହାଯ୍ୟ ପଠାଇବାକୁ ଅନୁରୋଧ କରୁଛୁ ।

ରାହୁଲ ଗାନ୍ଧୀଙ୍କ ଦ୍ୱାରା ସେୟାର କରାଯାଇଥିବା ଭିଡିଓରେ ଅନ୍ୟ କେତେକ ଭାରତୀୟ ଛାତ୍ର ମଧ୍ୟ ଅନ୍ଧାର ବଙ୍କରରେ ନଜର ଆସିଛନ୍ତି । ଭିଡିଓରେ ଏକ ଛୋଟ ପିଲାକୁ ମଧ୍ୟ ଦେଖିବାକୁ ମିଳିଛି । ୟକ୍ରେନରେ ଫସି ରହିଥିବା ଭଉଣୀକୁ ଫେରାଇ ଆଣିବା ପାଇଁ ପିଲାଟି ସାହାଯ୍ୟ ପାଇଁ ନିବେଦନ କରିଛି । ଭିଡିଓ ରେ ପିଲାଟି କହିଛି, ମୋ ଭଉଣୀ ୟୁକ୍ରେନରେ ଅଟକି ରହିଛି । ଦୟାକରି ଆପଣ ତାଙ୍କୁ ସାହାଯ୍ୟ କରିପାରିବେ କି ? ସେ ଫେରି ଆସୁ ବୋଲି ମୁଁ ଚାହୁଁଛି ।

## ଢ଼ିଙ୍କିଆରେ ବାହାର ଲୋକଙ୍କୁ ବାରଣ, ଭଲ ନିଷ୍ପତ୍ତି

**କୁଜଙ୍ଗ(ଶଶାଙ୍କ ଆଚାର୍ଯ୍ୟ):-** ଆଗାମୀ ମାର୍ଚ୍ଚ ପ୍ରଥମ ସପ୍ତାହରେ ଢ଼ିଙ୍କିଆ ପଞ୍ଚାୟତରେ ଏକ ଜନଶୁଣାଣୀ ସଭା ଆୟୋଜନ କରାଯିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଜନଶୁଣାଣୀର ଆୟୋଜନ କରାଯିବ । ଏଥିରେ ସ୍ଥାନୀୟ ପଞ୍ଚାୟତର ସମସ୍ତ ଲୋକଙ୍କ ମତାମତ ସଂଗ୍ରହ କରାଯିବ ।ଜେଏସଡବ୍ଲ୍ୟୁ ପ୍ରକଳ୍ପ କୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ କିଭଳି ମନୋଭାବ ରହିଛି ଏଥି ସହିତ ଲୋକ ମାନେ ଶିଳ୍ପକୁ କିଭଳି ସ୍ୱାଗତ କରୁଛନ୍ତି କି ସେମାନଙ୍କର କୌଣସି ଦାବି କିମ୍ବା ପ୍ରସ୍ତାବ ରହିଛି ସେ ନେଇ ଗାଁ ଲୋକମାନେ ଏହି ଜନଶୁଣାଣୀରେ ଜିଲାପାଳ ଓ ଏସ ପି ଙ୍କ ସମ୍ମୁଖରେ ବିନା ଭୟରେ ମତ ରଖିବେ ।ଏହି ଜନଶୁଣାଣୀର ସମସ୍ତ କଥା ଭିଡିଓ ରେକର୍ଡ କରାଯିବ । ତେବେ ଏହି ଜନଶୁଣାଣୀରେ କେବଳ ଢ଼ିଙ୍କିଆ ପଞ୍ଚାୟତର ଲୋକମାନେ ଉପସ୍ଥିତ ରହିବେ ।କୈଣସି ବାହାର ଲୋକଙ୍କ ଉପସ୍ଥିତି ରହିବ ନାହିଁ ବୋଲି ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି । ପୂର୍ବରୁ ଗତ ୧୯ ତାରିଖରେ ମାନ୍ୟବର ହାଇକୋର୍ଟଙ୍କ ଏକ ପାଞ୍ଚ ଜଣିଆ କମିଟି ଢ଼ିଙ୍କିଆ ଗାଁକୁ ଆସିଥିଲା ବେଳେ କିଛି ବାହାର ଲୋକେ ଜୋରଜବରଦସ୍ତ ଏକ ଶୋଭାଯାତ୍ରାରେ ଆସି ବିଶୃଙ୍ଖଳା ସୃଷ୍ଟି କରିଥିଲେ, ଯାହା ଫଳରେ କି ଏହି ଆଇନଜୀବୀ କମିଟି ତାର ସଠିକ ତଥ୍ୟ ସଂଗ୍ରହ କରି ପାରି ନଥିଲା ବୋଲି ମାନ୍ୟବର କୋର୍ଟଙ୍କୁ ଅବଗତ କରିଛନ୍ତି । ଏହାକୁ ଅନୁଧ୍ୟାନ କରି ଢ଼ିଙ୍କିଆ ପଞ୍ଚାୟତରେ ପୁନର୍ବାର ଜନଶୁଣାଣୀ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବର ହାଇକୋର୍ଟ । ବିଗତ ୨୦୨୧ ନଭେମ୍ବର ମାସ ୨୧ ରେ ଢ଼ିଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣୀ କରାଯାଇଥିଲା । ମାତ୍ର ଏହି ଶିବିରରେ ସଠିକ ଭାବେ ମତାମତ ସଂଗ୍ରହ କରା ଯାଇ ପାରି ନ ଥିଲା ବେଳେ କିଛି ନିର୍ଦ୍ଦିଷ୍ଟ ଲୋକ ଏହି ଜନଶୁଣାଣୀକୁ ଭଣ୍ଡୁର କରିବାକୁ ଉଦ୍ୟମ କରିଥିଲେ । ପରବର୍ତ୍ତୀ ସମୟରେ ଗୋବିନ୍ଦପୁର ଗାଁରେ ମଧ୍ୟ ଏକ ସ୍ୱତନ୍ତ୍ର ଜନଶୁଣାଣୀ କରାଯାଇଥିଲା । ତେବେ ଆସନ୍ତା ପାଞ୍ଚ ତାରିଖରେ ମାନ୍ୟବର ହାଇକୋର୍ଟଙ୍କ ଏହି ପାଞ୍ଚ ଜଣିଆ ଆଇନଜୀବୀ କମିଟି ଢ଼ିଙ୍କିଆ ଆସିବେ । ସାଧାରଣ ଲୋକଙ୍କ ମତାମତ ସଂଗ୍ରହ କରି ମାନ୍ୟବର ହାଇକୋର୍ଟଙ୍କ ନିକଟରେ ଦାଖଲ କରିବେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣୀ ଓ ଆଇନଜୀବୀ କମିଟିର ରିପୋର୍ଟ ଆଧାରରେ ଆସନ୍ତା ମାର୍ଚ୍ଚ ୧୧ ତାରିଖରେ ମାନ୍ୟବର ହାଇକୋର୍ଟଙ୍କ ଶୁଣାଣୀ କରାଯିବ । ପୂର୍ବରୁ ବାହାର ଲୋକଙ୍କ ପାଇଁ ଢ଼ିଙ୍କିଆ ଗାଁରେ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଦୀର୍ଘ ଦିନ ପରେ ଏହି ଗାଁ ରେ ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଥିଲା ବେଳେ ପଞ୍ଚାୟତ ନିର୍ବାଚନ ମଧ୍ୟ ସୁରୁଖୁରୁରେ ଅନୁଷ୍ଠିତ ହୋଇଛି । ତେଣୁ ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ସ୍ଥାନୀୟ ଅଞ୍ଚଳରେ ପରିସ୍ଥିତି ସ୍ୱାଭାବିକ ରହିଛି ।

## ପଟ୍ଟନାୟକ ଓ ବିଶ୍ୱାଳ ପରିବାର କଂଗ୍ରେସ ଦଳଟାକୁ ନଷ୍ଟଭ୍ରଷ୍ଟ କରିଦେଲେ-ବିଷ୍ଣୁ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଗତ ୨୬ ତାରିଖରୁ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ଆରମ୍ଭ ହୋଇଛି । ଦ୍ୱିତୀୟ ଦିନ ସୁଦ୍ଧା ଭୋଟ ଗଣତିରେ ଯାହା ଫଳାଫଳ ଶୁଣାଯାଉଛି ଶାସକ ବିଜେଡି ଦଳ ୮୯% ଭୋଟ ବାଜିମାତ୍ ମାରିବାର ସମ୍ଭାବନା ଥିବା କୁହାଯାଉଛି । ତା' ପଛକୁ କେଉଁଠି ବିଜେପି ତ କେଉଁଠି କଂଗ୍ରେସ ୧୦/୧୧% ଭୋଟରେ ସିମିତି ରହିଯାଇଛନ୍ତି । ଆଜି(ସୋମବାର) ତୃତୀୟ ପର୍ଯ୍ୟାୟ ଭୋଟ ଗଣତି ଶେଷ ହେବ । ଏହି ଭୋଟ ଗଣତିରେ ଅନେକ କଂଗ୍ରେସ ନେତା ପ୍ରତିକ୍ରିୟା ପ୍ରକାଶ କରୁଥିବା ବେଳେ ପୂର୍ବତନ ପିସିସି ଓବିସି ସେଲ୍ ଅଧ୍ୟକ୍ଷ ବିଷ୍ଣୁ ଚରଣ ବାରିକ୍ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ।



ଆଜି(ରବିବାର) ଦୂରଭାଷ ମାଧ୍ୟମରେ "ସଂପର୍କବାର୍ତ୍ତା" କାର୍ଯ୍ୟାଳୟକୁ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି । ବିଷ୍ଣୁ କୁହନ୍ତି କଂଗ୍ରେସ ଦଳ ପଞ୍ଚାୟତ ନିର୍ବାଚନରେ ନୈରାଶ୍ୟଜନକ ପରାଜୟ ଆମମାନଙ୍କୁ ବ୍ୟଥିତ କରୁଛି । ରାଜ୍ୟ କଂଗ୍ରେସ ଦଳକୁ ପଟ୍ଟନାୟକ ଓ ବିଶ୍ୱାଳ ପରିବାର ନଷ୍ଟଭ୍ରଷ୍ଟ କରିଦେଲେ ।

## ଡଃ ବ୍ୟୋମକେଶ କାନୁନଗୋ ନିର୍ବାଚନ ଜିତିଲେ ୫୩ ନଂ ୱାର୍ଡ଼ର ହୋଇଥିବା ଦୁର୍ନୀତି ପେଡ଼ି ଖୋଲିବ

**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମ (ସିଏମ୍ସି) ତଥା ପୌର ନିର୍ବାଚନ ଯେତିକି ପାଖେଇ ପାଖେଇ ଆସୁଛି ସବୁ ଦଳର ପ୍ରାର୍ଥୀଙ୍କ ମନରେ ସେତିକି ଛନକା ଜାଗ୍ରତ ସୃଷ୍ଟି ହେଉଛି । କଟକ ମହାନଗର ନିଗମ ଅଧିନରେ ରହିଥିବା ୫୩ନଂ ୱାର୍ଡ଼ରେ ଏମିତି ଏକ ନୂତନ ପ୍ରାର୍ଥୀ ପୌର ନିର୍ବାଚନରେ ଅବତରଣ ହୋଇଛନ୍ତି ଯିଏକି ସମସ୍ତ ରାଜନୈତିକ ଦଳ ଉପରେ ଭାରି ପଡ଼ିବେ ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି । ସେ ହେଉଛନ୍ତି କରୋନା ମହାମାରୀ କାଳର ମହାନାୟକ ଡଃ ବ୍ୟାମୋକେଶ୍ କାନୁନଗୋ । ସୂଚନାଯୋଗ୍ୟ କଟକ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଡଃ ବ୍ୟାମୋକେଶ୍ କାନୁନଗୋ ଅଧ୍ୟୟନ କରୁଥିବା ବେଳେ ଛାତ୍ର ରାଜନୀତିରେ ପ୍ରବେଶ କରି ଉପସଭାପତିଭାବେ ନିର୍ବାଚିତ ହୋଇଥିଲେ । କଲେଜର ବାର୍ଷିକ ଉତ୍ସବରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କଠାରୁ ସମ୍ବର୍ଦ୍ଧିତ ହୋଇଥିଲେ । ସ୍ୱର୍ଗତ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ପ୍ରତ୍ୟେକ୍ଷ ରାଜନୀତିକୁ ପ୍ରବେଶ କରିଥିଲେ । ଟଙ୍କା ଓ କ୍ଷମତାଠାରୁ ବହୁ ଦୂରରେ ରହି ଜନସାଧାରଣଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ । କରୋନା ମହାମାରୀ ସମୟରେ ଘର ପରିବାରକୁ ପର କରି ଅସହାୟ ଓ ନିରାଶ୍ରୟଙ୍କ ମୁହଁରେ ଶୁଖିଲା ଖାଦ୍ୟଠାରୁ ଆରମ୍ଭ କରି ରନ୍ଧା ଖାଦ୍ୟ ଯୋଗାଇ ଦେବା ସହିତ ବହୁବାର ରକ୍ତଦାନ କରି କଟକ ସହରବାସୀଙ୍କଠାରୁ ପ୍ରଶଂସିତ ହୋଇଛନ୍ତି । ଏହି ନିରବଚ୍ଛିନ୍ନ ସେବା କାର୍ଯ୍ୟ କରିଥିବା ଯୋଗୁଁ 'ସମର୍ଥ ଓଡ଼ିଶା' ଅନୁଷ୍ଠାନ ପକ୍ଷରୁ ବ୍ୟାମୋକେଶ କାନୁଗୋଙ୍କୁ ଡକ୍ଟରେଟ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ଡଃ ବ୍ୟାମୋକେଶ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱଧରି ୫୩ ନଂ ୱାର୍ଡ଼ର କଲ୍ୟାଣିନଗରସ୍ଥିତ ସାଇ ମନ୍ଦିର ଲେନରେ ରହିଆସୁଛନ୍ତି । ପରିବାର ଭିତରେ ବାପ ମା' ଆଉ ସହଧର୍ମିଣୀଙ୍କ ସହିତ ଏକମାତ୍ର କନ୍ୟା ଅବସ୍ଥାପିତ କରୁଛନ୍ତି । ପରିବାର ଭିତରେ ସେ ସମିତି ନ ରହି ୱାର୍ଡ଼ବାସୀ ଏବଂ ସମାଜର ଅବହେଳିତଙ୍କ ମୌଳିକ ସମସ୍ୟା ପାଇଁ ସଦା ସର୍ବଦା ଲଢ଼େଇ ଜାରି ରଖିଛନ୍ତି । ଏହି ସେବା ମନୋଭାବ ତଥା ଅନ୍ୟାୟ ବିରୁଦ୍ଧରେ ସଦାସର୍ବଦା ସ୍ୱର ଉତ୍ତୋଳନ କରିଆସିଥିବା ଯୋଗୁଁ ୫୩ନଂ ୱାର୍ଡ଼ବାସୀ ସୁଖ ଦୁଃଖର ସାଥୀଭାବେ ଡଃ ବ୍ୟାମୋକେଶଙ୍କୁ ଆସନ୍ତା ପୌର ନିର୍ବାଚନରେ କର୍ପୋରେଟର ପ୍ରାର୍ଥୀ ହେବାପାଇଁ ଇଚ୍ଛା ପ୍ରକଟ କରିଛନ୍ତି । କାରଣ ଅନେକ ରାଜନୈତିକ ପ୍ରାର୍ଥୀଙ୍କୁ ୱାର୍ଡ଼ବାସୀ ପରଖୀ ସାରିଲେଣୀ । ଆଉ ଭୁଲର ପୁନରାବୃତ୍ତି ନ କରି ଏତର ନିର୍ବିବାଦୀୟ, ସଚ୍ଚୋଟ, ନିଷ୍ଠା ଓ ଦକ୍ଷ ନେତୃତ୍ୱ ସମ୍ପନ୍ନଧାରୀ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବାପାଇଁ ୱାର୍ଡ଼ବାସୀ ମନ ବଳାଇଛନ୍ତି । ମୁଁ ନିମିତ୍ତ ମାତ୍ର, ଯାହା ୱାର୍ଡ଼ବାସୀ ନିଷ୍ପତ୍ତି କରିବେ ମୁଁ ତାକୁ ସାଦରେ ଗ୍ରହଣ କରିବି । ନିର୍ବାଚନରେ ହାର ଜିତ୍ ତ ଲାଗି ରହିଛି । ଏହା ଏକ ସ୍ୱାଭୀକ ପ୍ରକ୍ରିୟା ଅଟେ । କିନ୍ତୁ ମୁଁ ଅନ୍ୟାୟ ବିରୁଦ୍ଧରେ ସଦାସର୍ବଦା ସ୍ୱର ଉତ୍ତୋଳନ କରିଆସିଛି ଏବଂ ଆଗକୁ ଏହା ଜାରି ରହିବ ବୋଲି ୫୩ ନଂ ୱାର୍ଡ଼ର କର୍ପୋରେଟର ପ୍ରାର୍ଥୀ ତଥା ସମାଜସେବୀ ଡଃ ବ୍ୟାମୋକେଶ କାନୁନଗୋଙ୍କ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।



## ୪୭ ନଂ ୱାର୍ଡ଼ ବାସିନ୍ଦାଙ୍କ ଉପଯୁକ୍ତ କର୍ପୋରେଟ ପ୍ରାର୍ଥୀ ଇଂ. ସୁବ୍ରତ ଘଡ଼େଇ

### ସମସ୍ୟା ସମାଧାନ କରିବାରେ ମାହିର

**କଟକ(ତପନ ମହାନ୍ତି):-** ପୌର ନିର୍ବାଚନପାଇଁ ରାଜ୍ୟ ସରକାର ସବୁଜ ସଙ୍କେତ ଦେଇ ସାରିଛନ୍ତି । ଏଥି ନିମନ୍ତେ ପ୍ରାର୍ଥୀମାନେ ନିଜ ନିଜର ରଣକ୍ଷେତ୍ର ପ୍ରସ୍ତୁତି କରିବା ସହ ଜୋରଦାର ପ୍ରଚାର ଆରମ୍ଭ କରିଦେଇଛନ୍ତି । ଏହି ଅବସରରେ କଟକ ମହାନଗର ନିଗମ ଅଧୀନରେ ଥିବା ୫୯ ଗୋଟି ୱାର୍ଡ଼ ନମ୍ବରୁ ୪୭ ନମ୍ବର ୱାର୍ଡ଼ର ଚିତ୍ର ଟିକେ ଭିନ୍ନ ଅଟେ । ୱାର୍ଡ଼ ମଧ୍ୟରେ ଚୌଦ୍ୱାର କଟକ ବିଧାୟକଙ୍କ ବାସଭବନ ରହୁଥିବାରୁ ୱାର୍ଡ଼ରେ ସବୁବେଳେ ବିଜୁ ଜନତା ଦଳର (ବିଜେଡ଼ି) ଦବଦବା ରହିଆସିଛି । ଏହି ଅବସରରେ ବିଜେଡ଼ିର ନୀତି ଆଦର୍ଶ ଓ ନିଜର ଦକ୍ଷ ନେତୃତ୍ୱକୁ ପାଥେୟ କରି କଟକ ନଗର କମିଟିର କାର୍ଯ୍ୟକାରୀ ସଭାପତି ଇଂ ସୁବ୍ରତ ଘଡ଼େଇ ନୂତନ ଭାବେ ପୌର ନିର୍ବାଚନ ପାଇଁ ୪୭ନଂ ୱାର୍ଡ଼ରୁ ବିଜୁ ଜନତା ଦଳ ତରଫରୁ କର୍ପୋରେଟର ପ୍ରାର୍ଥୀ ଭାବେ ପାଦ ଥାପିଛନ୍ତି । ଇଂ ସୁବ୍ରତ କୁମାର ଘଡ଼େଇ ବିଜେଡ଼ି ଟିକେଟ୍ ପାଇବା ନେଇ ପ୍ରାର୍ଥୀଭାବେ ଚୟନ ହୋଇଥିବାରୁ ମହାନଦୀ ବିହାର, ଗଣ୍ଡପୁର, ଡିଭାଇନ ବୀର, ଓଏମ୍ଏଫ୍ ବାଟାଲିୟନ ଏବଂ ଜେକେବିକେ ଅଞ୍ଚଳର ସମସ୍ତ ଭୋଟରମାନେ କୃତଜ୍ଞତା ଜଣାଇଥିବା ସଙ୍ଗେ ସଙ୍ଗେ ସବୁ ୱାର୍ଡ଼ ଠାରୁ ସର୍ବାଧିକ ଭୋଟରେ ଜିତାଇବେ ବୋଲି ସୂଚନା ଦେଇଛନ୍ତି । କର୍ପୋରେଟରଙ୍କ ଜନସମର୍ଥନ ଏତେଟା ନ ଥିବାରୁ ଦଳର ହାଇକମାଣ୍ଡ ଇଂ ଘଡ଼େଇଙ୍କ ଲୋକ ସଂପର୍କ ବହୁ ମାତ୍ରାରେ ଦେଖି ତାଜୁବ ହୋଇ ଟିକେଟ୍ ଦେବା ନେଇ ସ୍ଥିର କରିଥିବା ସୂଚନା ମିଳେ । ବର୍ତ୍ତମାନ ଇଂ ଘଡ଼େଇଙ୍କୁ ପଚରିବାରୁ ସେ କୁହନ୍ତି ବହୁମାତ୍ରାରେ ମୋ ସପକ୍ଷରେ ଭୋଟରଙ୍କ ସମର୍ଥନ ରହିଥିବାରୁ ମୋ ଜିତିବା ନିଶ୍ଚୟ । ୨୦୦୯ ମସିହାରୁ ଚୌଦ୍ୱାର କଟକ ବିଧାୟକ ଡକ୍ଟର ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କର ପ୍ରତିନିଧିଭାବେ କାର୍ଯ୍ୟ ତୁଳାଇ ଆସିଛନ୍ତି । ତତ୍ସଙ୍ଗେ ଶିଖରପୁର, ଗଣ୍ଡରପୁର ଏବଂ ମହାନଦୀବିହାର ପୂଜା କମିଟିର ସମ୍ପାଦକଭାବେ ପଦ ଅଳଙ୍କୃତ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରି ଅଞ୍ଚଳରେ ବହୁ ସୁନାମ ଅର୍ଜନ କରିପାରିଛନ୍ତି । ଏହି ୱାର୍ଡ଼ରେ ସମୁଦାୟ ୯ ହଜାର ୨ ଶହ ୨୩ଜଣ ଭୋଟର ରହିଛନ୍ତି । ୱାର୍ଡ଼ରେ କଂଗ୍ରେସ ଦଳ ସ୍ଥିତି ଦୁର୍ବଳ ରହିଥିବାବେଳେ ମୁଖ୍ୟତଃ ବିଜେଡ଼ି, ବିଜେପି ଓ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହେବାଟା ଅଞ୍ଚଳରେ ଚର୍ଚ୍ଚା ହେଉଛି । ଦୀର୍ଘଦିନ ଧରି ୱାର୍ଡ଼ରେ ୱାର୍ଡ଼ବାସୀଙ୍କ ମୌଳିକ ସମସ୍ୟା ସମାଧାନ କରବାରେ ଇଂ. ଘଡ଼େଇଙ୍କ ଅକ୍ଳାନ୍ତ ପରିଶ୍ରମ ଆଜି ତାଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିଛି । ବର୍ତ୍ତମାନ ଏହି ୱାର୍ଡ଼ର ଯୁବ ଟାଣୁଆ ନେତା ଇଂ. ଘଡ଼େଇ ଜଣେ ଶୃଙ୍ଖଳିତ କର୍ମୀଭାବେ କାମ କରିଆସୁଛନ୍ତି । ତାଙ୍କ ପଛରେ ବହୁ ପ୍ରଭାବଶାଳୀ ଲୋକଙ୍କ ସମର୍ଥନ ରହିଥିବା ସୂଚନା ମିଳେ । ଅପରପକ୍ଷେ ନିର୍ବାଚନରେ ହାର ଜିତ୍ ଲାଗି ରହିଛି ଆଉ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ଅଟେ । କିନ୍ତୁ ଦକ୍ଷ ନେତୃତ୍ୱ ସମ୍ପୂର୍ଣ୍ଣଧାରୀ ବ୍ୟକ୍ତି ବିକାଶ ଧାରାକୁ ତ୍ୱରାନ୍ୱିତ କରପାରିବା ସହ ୪୭ ନଂ ୱାର୍ଡ଼ରେ ପୌର ନିର୍ବାଚନର ବିଜୟର ଧ୍ୱଜା ଉଡ଼ାଇପାରିବ ବୋଲି ବିଜୁ ଜନତା ଦଳର କର୍ପୋରେଟର ପ୍ରାର୍ଥୀ ଇଂ ସୁବ୍ରତ ଘଡ଼େଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । କରୋନା ସମୟରେ ୱାର୍ଡ଼ର ଲୋକଙ୍କ ସହିତ ସାମିଲ ହୋଇଥିଲେ । ଦୀର୍ଘ ବର୍ଷ ହେବ ବିଜୁ ଜନତା ଦଳର ୱାର୍ଡ଼ରେ ସଭା ସମିତିଠାରୁ ଆରମ୍ଭ କରି ମାସ୍କ, ସାନିଟାଇଜର ବଣ୍ଟନ କରିବା ସହ ଦଳ ଯେତେବେଳେ ଯେଉଁ କାର୍ଯ୍ୟ ଦେଇଛି ତାହାକୁ ସେ ସୂଚାରୁରୂପେ ତୁଳାଇ ଆସିଛନ୍ତି ବୋଲି ଶ୍ରୀ ଘଡ଼େଇ କୁହନ୍ତି । ବିଧବା, ବାର୍ଦ୍ଧକ୍ୟ, ବିକଳାଙ୍ଗ ଭତ୍ତା, ରାସନକାର୍ଡ଼, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ଼, ନିର୍ମାଣ ଶ୍ରମିକ କାର୍ଡ଼, ଆଧାର କାର୍ଡ଼, ବେକାର ଯୁବକ ଯୁବତୀଙ୍କୁ ଆତ୍ମା ନିଯୁକ୍ତି କରାଇବାରେ ପ୍ରତ୍ୟକ୍ଷ ଭାବରେ ସାହାଯ୍ୟ, ରାସ୍ତା, ନାଳ, ପାର୍କିଂ, ଷ୍ଟ୍ରିଟ୍ ଲାଇଟ୍, ଫାଇଲିନ୍, ତିତିଲି, ହୁଡୁହୁଡୁ, ଯ୍ୟାସ୍ ପରି ପ୍ରତ୍ୟେକ ବର୍ଷ ବାହ୍ୟ ସମୟରେ ଲୋକଙ୍କ ସହିତ ଜଡ଼ିତ ରହି ସାହାଯ୍ୟର ହାତ ବଢ଼ାଇଥାନ୍ତି । ୱାର୍ଡ଼ର ପ୍ରତ୍ୟେକ ଲୋକଙ୍କ ସହିତ ପାରିବାରିକ ଓ ସ୍ୱତନ୍ତ୍ର ପରିଚୟ ରକ୍ଷା କରିଛନ୍ତି । ରାଜନୀତିରେ କାହାରିକୁ ଶତ୍ରୁର ପରିଚୟ ଦେବାପାଇଁ କୁଣ୍ଠାବୋଧ କରନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଠକାମିର ସ୍ପର୍ଶ କରିପାରିନାହିଁ । ସୁବବେଳେ ଲୋକଙ୍କ ସାଙ୍ଗରେ ରହିବାକୁ ଚହାନ୍ତି । ସବୁ ବର୍ଗ ସବୁ ଧର୍ମର ଲୋକମାନଙ୍କୁ ନେଇ କାର୍ଯ୍ୟ କରନ୍ତି । ପ୍ରତ୍ୟେକ ଲୋକଙ୍କ ସମସ୍ୟାରେ ରହିବାକୁ ଭଲ ପାଆନ୍ତି ।



## ପାରାଦ୍ୱୀପ ସାମ୍ବାଦିକଙ୍କ ନିନ୍ଦା

ପାରାଦୀପ(ଶଶାଙ୍କ ଶେଖର ଆଚାର୍ଯ୍ୟ):- ଚଳିତ ପଂଚାୟତ ନିର୍ବାଚନରେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରମଣ ଘଟଣାକୁ ପାରାଦୀପର କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି । ରାଜ୍ୟର ଯାଜପୁର ଓ ନୟାଗଡରେ ଚଳିତ ପଂଚାୟତ ନିର୍ବାଚନରେ ମରଣାନ୍ତକ ଆକ୍ରମଣ ହୋଇଛି । ସାମ୍ବାଦିମାନେ ନିଷ୍ଠାପର ଭାବେ ନିଜର ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି । ବିଭିନ୍ନ ସମୟରେ ନିଜର ଜୀବନକୁ ବାଜି ଲଗାଇ ସମ୍ବାଦ ସଂଗ୍ରହ କରି ଲୋକମାନଙ୍କ ନିକଟରେ ଖବର ପହଂଚାଇବାରେ ସାମ୍ବାଦିକମାନେ ସର୍ବାଗ୍ରେ ଥାନ୍ତି । ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ସୋମବାର ଦିନ ପାରାଦୀପ କାର୍ଯ୍ୟରତ ସାମ୍ବାଦିକମାନେ ଦୃଢ ନିନ୍ଦା କରିବା ସହିତ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ, ସଂଜୟ କୁମାର ମିଶ୍ର,ସାଧିନଚେତା ଦାସମହାପାତ୍ର, ସନ୍ଦୀପ କୁମାର ଲେଙ୍କା, ଶୁକଦେବ ଜେନା, ଶରତ କୁମାର ରାଉତ, ରାମଚନ୍ଦ୍ର ସ୍ୱାଇଁ, ଦୀପକ କୁମାର ଦାସ, ଜଗନ୍ନାଥ ଶତପଥି, ଜଗବନ୍ଧୁ ସ୍ୱାଇଁ, ବିବେକାନନ୍ଦ ରାଉତ, ରବିନ୍ଦ୍ର ଜେନା,ରତ୍ନାକର ଜେନା, ରାକେଶ ପଟ୍ଟନାୟକ,ସୁଧାଂଶୁ ଶେଖର ନାୟକ, ବିଶ୍ୱନାଥ ବଳ, ପୁରୁଷୋତ୍ତମ ଶତପଥି, ସଦାନନ୍ଦ ବେହେରା ପ୍ରମୁଖ ଦାବୀ କରିଛନ୍ତି । ଆଗାମୀ ଦିନରେ ସରକାର ସାମ୍ବାଦିକ ସୁରକ୍ଷା ଆଇନ୍ କୁ ରାଜ୍ୟରେ କଡାକଡି ଭାବେ ଲାଗୁ କରିବାକୁ ଦାବୀ ହୋଇଛି ।

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୬୯ ତମ ଶ୍ରାଦ୍ଧବାର୍ଷିକୀ କଲେଜ ଛକ ଠାରେ ଥିବା ଗାୟତ୍ରୀ ଏଜୁକେଶନ ପଏଣ୍ଟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଅତିଥିମାନେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଅନୁଷ୍ଠିତ ସଭାରେ ଅଧ୍ୟକ୍ଷତା କରି ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ପାଇଁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଚିରଦିନ ପାଇଁ ମନେ ରହିବେବୋଲି କହିବା ସହ ଏହି ସଂଗୀତ ରାଜ୍ୟ ସଂଗୀତ ମାନ୍ୟତା ପାଇବା ତାଙ୍କ ପ୍ରତି ପ୍ରକୃତ ସମ୍ମାନ ବୋଲି କହିଥିଲେ । ଏଥିରେ ଅଲୋଚିକା ଭାବେ ଗାୟତ୍ରୀ ଏଜୁକେଶନ ପଏଣ୍ଟର ନିର୍ଦ୍ଦେଶିକା ଶାଶ୍ୱତୀ ଶୁଭଦର୍ଶିନୀ ତାଙ୍କ ବକ୍ତବ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ରଚିତ ଉପନ୍ୟାସ କଣାମାମୁଁ ,ଗଳ୍ପ ବୁଢା ଶଙ୍ଖାରୀ ଓ କବିତା ଜୀବନ ସଂଗୀତ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ସମ୍ବିତ୍ କୁମାର ଦାସ, ଅଭିଷେକ ବେହେରା, ଅନ୍‌ମୋଲ ପ୍ରଧାନ,ଲୋପାମୁଦ୍ରା ସାହୁ ଓ ପ୍ରଭାତୀ ପାତ୍ର ପ୍ରମୁଖ ସ୍ୱର୍ଗତ୍ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ବହୁମୁଖୀ ସୃଜନଶୀଳ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ । ଶେଷରେ ଇଷାନି ମୋନାଲିସା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## କିସ୍ ବିଶ୍ୱ ବିଦ୍ୟାଳୟର ପୂର୍ବତନ ଅଧିକାରୀଙ୍କ ସ୍ମୃତିସଭା

ଜଗତସିଂହପୁର: କିସ୍ ବିଶ୍ୱ ବିଦ୍ୟାଳୟର ପୂର୍ବତନ ମ୍ୟାନେଜର ହରେକୃଷ୍ଣ ମହାନ୍ତିଙ୍କ ବିୟୋଗରେ ଏକ ଶୋକସଭା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜୟପୁର ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ ପୌରହିତ୍ୟ କରି କିଟ୍, କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତ ପଠାଇଥିବା ଏକ ଶୋକବାର୍ତ୍ତାରେ ସ୍ୱର୍ଗତଃ ହରେକୃଷ୍ଣ ମହାନ୍ତି କିସ୍ ବିଶ୍ୱ ବିଦ୍ୟାଳୟର ଜଣେ ଆଦର୍ଶ, ସତ୍ୟନିଷ୍ଠ, କର୍ତ୍ତବ୍ୟ ପରାୟଣ, ଦକ୍ଷ ଅଧିକାରୀ ଭାବେ ଅତି ନିଷ୍ଠାର ସହ କାର୍ଯ୍ୟ କରୁଥିଲେ, ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକ ସଂତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ଡ. ସାମନ୍ତ ବୋଲି ଶ୍ରୀ ସ୍ୱାଇଁ ଶୋକବାର୍ତ୍ତାକୁ ପାଠ କରି ତାଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ । ଏଥିରେ ନ୍ୟୁୟ ଲାଇଫ ଏକ୍ସରେର ଅଧ୍ୟକ୍ଷ ସମାଜସେବୀ କ୍ଷିତିଶ ଚନ୍ଦ୍ର ପାତ୍ର ଯୋଗଦେଇ ସ୍ୱର୍ଗତଃ ମହାନ୍ତି ଏଅଂଚଳର ଜଣେ ପରୋପକାରି, ଧର୍ମପରାୟଣ, ସମାଜସେବୀ ଆଦର୍ଶ ବ୍ୟକ୍ତି ଥିଲେ ବୋଲି କହିଥିଲେ । ଏଥିରେ ଟିପିସିଓଏଲର ନିର୍ବାହୀ ଯନ୍ତ୍ରୀ ସଂଜୟ କୁମାର ମହାନ୍ତି ସୂଚନା ପ୍ରଦାନ କରିଥିଲେ । କିଟ୍‌ର ପରିବହନ ନିର୍ଦ୍ଦେଶକ ଦିଲ୍ଲିପ କୁମାର ଜେନା, ସମାଜସେବୀ ହେମନ୍ତ କୁମାର ସ୍ୱାଇଁ, କଲରାବାଙ୍କ ହାଇସ୍କୁଲର ପ୍ରଧାନଶିକ୍ଷକ ନାରାୟଣ ପରିଡା, ସମାଜସେବୀ ଅକ୍ଷୟ ମିଶ୍ର, ହରେକୃଷ୍ଣ ବିଶ୍ୱାଳ, ପ୍ରମୋଦ ସାହୁ, ବିଶ୍ୱଜିତ୍ ମଲ୍ଲ, ଅକ୍ଷୟ ସିଂହ, ଫକିର ଖୁଣ୍ଟିଆ, ପଦ୍ମନାଭ ମହାନ୍ତି, ହେମନ୍ତ କୁମାର ମହାନ୍ତି, ଗୋପାଳ ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କର ଜୀବନାଦର୍ଶ ଆଲୋକପାତ କରିଥିଲେ ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



**ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।**

**All disputes relating to any news item published shall be subject to the Jurisdiction of Jagatsinghpur court/s.**

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● **Editor : Rama Chandra Mohanty** Mob- 9437023380, 7978875473 **Email : samparkabarta1@gmail.com**

ସଂପାଦକ : ରାମଚନ୍ଦ୍ର ମହାନ୍ତି

**News Editor: Akshaya Kumar Behera**